୬
ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
ସମ୍ବାଦ କଳିକା
The Sambad Kalika
TM
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
● ବର୍ଷ-୩୩ ● ସଂଖ୍ୟା-୧୭୮ ● ୨୮ ଜୁଲାଇ ୨୦୨୬ ମଙ୍ଗଳବାର ● ଭୁବନେଶ୍ୱର ● Vol -33 ● Issue-178 ● 28th July 2026, Tuesday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

## ଭାରତୀୟ ସୁଟର କଲେ କମାଲ
## ଈଶା ସିଂଙ୍କୁ ସ୍ୱର୍ଣ୍ଣ, ମନୁ ଭାକର ଜିତିଲେ ବ୍ରୋଞ୍ଜ



### ମହାଲକ୍ଷ୍ମୀଙ୍କୁ ରସଗୋଲା ଦେଇ ମାନଭଞ୍ଜନ କଲାପରେ

# ବଡ଼ଦେଉଳକୁ ବାହୁଡ଼ିଲେ ମହାପ୍ରଭୁ






ପୁରୀ, ୨୭।୭
ନ୍ୟୁଜ୍‌ବ୍ୟୁରୋ

୧୨ ଦିନର ଲୀଳାଖେଳା ଶେଷ ପରେ ସୋମବାର ଚତୁର୍ଦ୍ଧାବିଗ୍ରହ ନୀଳାଦ୍ରି ବିଜେ କରିଛନ୍ତି । ଏହା ପୂର୍ବରୁ ସିଂହଦ୍ୱାର ସମ୍ମୁଖରେ ବିରାଜିତ ୩ ରଥରେ ଶ୍ରୀଜୀଉଙ୍କୁ ଦେଖିବା ଲାଗି ସୋମବାର ଦିନ ତମାମ୍ ଝୁହାକୁ ଝୁହା ବର୍ଷା ସତ୍ତ୍ୱେ ଲକ୍ଷାଧିକ ଶ୍ରଦ୍ଧାଳୁ ଭକ୍ତଙ୍କ ସମାଗମ ହୋଇଥିଲା । ଭକ୍ତମାନଙ୍କର ହରିବୋଲ, ହୁଳହୁଳି, ଘଣ୍ଟଘଣ୍ଟା ସାଙ୍ଗକୁ ଜୟଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ପରିବେଶରେ ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତି ଗୋଟି ପହଣ୍ଡିରେ ରତ୍ନମଣ୍ଡପକୁ ବିଜେ କରିଥିଲେ । ପ୍ରଥମେ ରାମକୃଷ୍ଣ ଓ ମଦନମୋହନ ଶ୍ରୀମନ୍ଦିରକୁ ବିଜେ କରିଥିବା ବେଳେ ବଡ଼ଠାକୁର ବଳଭଦ୍ର, ଦେବୀ ସୁଭଦ୍ରାଙ୍କ ପରେ ଶେଷରେ କାଳିଆ ଠାକୁର 'ନନ୍ଦିଘୋଷ'ରୁ ଓହ୍ଲାଇ ପହଣ୍ଡିରେ ରତ୍ନବେଦୀକୁ ଯାଇଥିଲେ । ନୀଳାଦ୍ରି ବିଜେ ନୀତି ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ସ୍ଥିର କରାଯାଇଥିଲା ।

ନୀଳାଦ୍ରି ବିଜେ ନିର୍ଦ୍ଧାରିତ ନୀତିକାନ୍ତି ସୋମବାର ଭୋର ୪ଟାରେ ମଙ୍ଗଳ ଆଳତି ହୋଇଥିଲା ବେଳେ ସାଢ଼େ ୪ଟାରେ ମଇଲମ-ତଡ଼ପଲାଗି, ଭୋର ୫ଟାରେ ଅବକାଶ, ସାଢ଼େ ୫ଟାରେ ବେଶଶେଷ, ସାଢ଼େ ୬ଟାରେ ଗୋପାଳବଲ୍ଲଭ, ୭ଟାରୁ ୮ଟା ମଧ୍ୟରେ ସକାଳ ଧୂପ, ସାଢ଼େ ୯ଟାରେ ମହାସ୍ନାନ ଓ ସର୍ବାଙ୍ଗ, ସାଢ଼େ ୧୦ଟାରୁ ସାଢ଼େ ୧୧ଟାରେ ମଧ୍ୟାହ୍ନ (ପୃଷ୍ଠା ୭ରେ)

### ସ୍ୱାମୀ ଲକ୍ଷ୍ମଣାନନ୍ଦ ହତ୍ୟା ମାମଲା ସମ୍ପର୍କିତ ଫାଇଲ ଗାଏବ୍ ଘଟଣା

## କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୭।୭
ନ୍ୟୁଜ୍‌ବ୍ୟୁରୋ

ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ହତ୍ୟା ମାମଲା ସମ୍ପର୍କିତ ଫାଇଲ ଗାଏବ୍ ଘଟଣାର ତଦନ୍ତ କରିବ କ୍ରାଇମବ୍ରାଞ୍ଚ । ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏ ସଂକ୍ରାନ୍ତରେ ନିର୍ଦ୍ଦେଶ ଦେଇଛନ୍ତି । ଏହି ଫାଇଲ୍ ହଜିବା ଘଟଣାରେ କ୍ୟାପିଟାଲ ଥାନାରେ ଅଭିଯୋଗ ହୋଇଥିଲା । ପୁଲିସ ଏହି ଘଟଣାର ତଦନ୍ତ କରୁଥିଲା । ମାତ୍ର ଏବେ ମୁଖ୍ୟମନ୍ତ୍ରୀ ଏହି ମାମଲାର ତଦନ୍ତ ପାଇଁ କ୍ରାଇମବ୍ରାଞ୍ଚକୁ ନିର୍ଦ୍ଦେଶ ଦେବା ପରେ



ଖୋଳତାଡ଼ ଆରମ୍ଭ ହୋଇଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ପୂର୍ବ ସରକାରଙ୍କ ସମୟରେ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରୁ ଏ ସଂକ୍ରାନ୍ତ ଫାଇଲ ଗାଏବ୍ ହୋଇଥିବାର ଅଭିଯୋଗ ହୋଇଥିଲା ।

## ପୁଲିସ ଆବଶ୍ୟକତାଠାରୁ ଅଧିକ ବଳ ପ୍ରୟୋଗ କରିପାରିବ ନାହିଁ



ନୂଆଦିଲ୍ଲୀ, ୨୭।୭

ଦିଲ୍ଲୀର ଯନ୍ତର-ମନ୍ତରରେ ସମ୍ପ୍ରତି ହୋଇଥିବା ବିରୋଧ ପ୍ରଦର୍ଶନକୁ ନେଇ ସର୍ବୋଚ୍ଚ ନ୍ୟାୟାଳୟର ମୁଖ୍ୟ ନ୍ୟାୟାଧୀଶ ସୂର୍ଯ୍ୟକାନ୍ତ କହିଛନ୍ତି ଯେ ପ୍ରତ୍ୟେକ ନାଗରିକଙ୍କର ଶାନ୍ତିପୂର୍ଣ୍ଣ ଭାବରେ ଏବଂ ଆଇନର ପରିସର ମଧ୍ୟରେ ରହି ପ୍ରଦର୍ଶନ କରିବାର ସାମ୍ବିଧାନିକ ଅଧିକାର ରହିଛି । କେବଳ କୌଣସି ସ୍ଥାନରେ ଆନ୍ଦୋଳନ ଚାଲିଛି ବୋଲି ପୁଲିସ ଲାଠିଚାର୍ଜ କିମ୍ବା ଆବଶ୍ୟକତାଠାରୁ ଅଧିକ ବଳ ପ୍ରୟୋଗ କରିପାରିବ ନାହିଁ ।

ମୁଖ୍ୟ ନ୍ୟାୟାଧୀଶ କହିଛନ୍ତି ଯେ ଯଦି ପୁଲିସ କେଉଁଠି ଅତ୍ୟାଚାର (ପୃଷ୍ଠା ୭ରେ)

## ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କଲେ ବିରୋଧୀ ଦଳ ନେତା

ଭୁବନେଶ୍ୱର, ୨୭।୭
ନ୍ୟୁଜ୍‌ବ୍ୟୁରୋ

ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରସ୍ତୁତ ପାଠ୍ୟ ପୁସ୍ତକରେ ବ୍ୟାପକ ତ୍ରୁଟି, ଶିକ୍ଷା ବ୍ୟବସ୍ଥା ପ୍ରତି ବିଶ୍ୱାସ ଭାଙ୍ଗି ଦେଇଛି । ତେଣୁ ପୂର୍ବତନ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପରି ରାଜ୍ୟ ସ୍କୁଲ ଓ ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ତୁରନ୍ତ ଇସ୍ତଫା ଦେଇଦେବା ଉଚିତ ବୋଲି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଦାବି କରିଛନ୍ତି । ବିଜେଡି ଗତ ତିନି ସପ୍ତାହ ହେଲା ଶ୍ରୀ ଗଣ୍ଡଙ୍କ ଇସ୍ତଫା ଦାବି କରି ଆସୁଛି ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ ।

## ଆଜିର ମୁଖ୍ୟ ଖବର

- ନେପାଳ : ସାମ୍ପ୍ରଦାୟିକ ଦଙ୍ଗା ପରେ କେନ୍ଦ୍ରୀୟ ସୁରକ୍ଷା ସମିତିର ବୈଠକ, ତଦନ୍ତ ସମିତି ଗଠନ ।
- ୧୩,୦୯୨ ସାରା ଦେଶରେ ଚୟନ ହୋଇଥିବା ପ୍ରଧାନମନ୍ତ୍ରୀ ଶ୍ରୀ ବିଦ୍ୟାଳୟ, ୯,୧୫୨ ଆଞ୍ଚଳିକ ଭାଷା ପାଇଁ ଶିକ୍ଷକ ନିଯୁକ୍ତି ।
- ସିଜେପି ଆନ୍ଦୋଳନ ସହ ଜଡ଼ିତ ୪୫୦ଟି ନକଲି ଆକାଉଣ୍ଟ ରାଡାରରେ, ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଆପତ୍ତିଜନକ ପୋଷ୍ଟ ହଟାଇଲା ଦିଲ୍ଲୀ ପୋଲିସ ।
- ଗୁରୁଗ୍ରାମର ମେଦାନ୍ତ ହସ୍ପିଟାଲରୁ ଡିସଚାର୍ଜ ହେଲେ ସୋନମ ୱାଙ୍ଗଚୁକ୍ ।
- ଆସାମରେ ବନ୍ୟା ଯୋଗୁଁ ନଅଟି ଜିଲ୍ଲାର ୫୨୪୭୩୩ ଜନ ଜୀବନ ପ୍ରଭାବିତ, ଆଉ ୨ ମୃତଦେହ ଉଦ୍ଧାର ।

## ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂହଙ୍କ ପରଲୋକ

### ମୁଖ୍ୟମନ୍ତ୍ରୀ, ବିରୋଧୀଦଳ ନେତାଙ୍କ ସମେତ ବିଶିଷ୍ଟ ବ୍ୟକ୍ତିଙ୍କ ଶୋକ

ଭୁବନେଶ୍ୱର, ୨୭।୭
ନ୍ୟୁଜ୍‌ବ୍ୟୁରୋ

ପୂର୍ବତନ ମନ୍ତ୍ରୀ ତଥା ଭଟଲିର ତିନି ଥରର ବିଧାୟକ ସୁଶାନ୍ତ ସିଂହଙ୍କ ପରଲୋକ ହୋଇଯାଇଛି । ଦୀର୍ଘ ଦିନ ଧରି ଅସୁସ୍ଥ ଥିବା ପଶ୍ଚିମ ଓଡ଼ିଶାର ଏହି ହେଭିୱେଟ ନେତାଙ୍କର ସ୍ୱାସ୍ଥ୍ୟବସ୍ଥା ବିଗିଡିବାରୁ ତାଙ୍କୁ ରାଜଧାନୀ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା । ସେଠାରେ ରବିବାର ରାତିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୫୩ ବର୍ଷ ବୟସ ହୋଇଥିଲା । ସୁଶାନ୍ତଙ୍କ ଦେହାନ୍ତ ଖବର ପ୍ରଚାରିତ ହେବା ପରେ ହସ୍ପିଟାଲରେ ସମର୍ଥକ, ଦଳୀୟ ନେତା ଓ ସହଯୋଗୀଙ୍କ ଭିଡ଼ ଲାଗିଥିଲା । ସୁଶାନ୍ତଙ୍କ



ମର ଶରୀରକୁ ଶେଷ ଦର୍ଶନ ପାଇଁ ତାଙ୍କର କର୍ମ ଭୂମି ଓଡ଼ିଶା ବିଧାନସଭା ପରିସରକୁ ଅଣାଯାଇଥିଲା । ବିଧାନସଭାରେ ସୁଶାନ୍ତଙ୍କୁ ଗାର୍ଡ ଅଫ ଅନର ପ୍ରଦାନ କରାଯାଇଥିଲା । ବାଚସ୍ପତିଙ୍କ ଅନୁପସ୍ଥିତିରେ ରାଜ୍ୟ ସରକାରଙ୍କ ପକ୍ଷରୁ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଶେଷ ସମ୍ମାନ ପ୍ରଦାନ କରିଥିଲେ ।

ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂହଙ୍କ ପରଲୋକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକ ପ୍ରକାଶ କରି ତାଙ୍କ ଏକ୍ସ ଆକାଉଣ୍ଟରେ ଲେଖିଛନ୍ତି, 'ବରିଷ୍ଠ ରାଜନେତା ତଥା ଓଡ଼ିଶା ସରକାରରେ (ପୃଷ୍ଠା ୭ରେ)

## ଇରାନ ଯୁଦ୍ଧରେ ୧୮ ଆମେରିକୀୟ ସୈନିକ ନିହତ

ୱାଶିଂଟନ୍, ୨୭।୭

ଆମେରିକାର ପ୍ରତିରକ୍ଷା ମୁଖ୍ୟାଳୟ ପେଣ୍ଟାଗନ୍ ତୀବ୍ର ସମାଲୋଚନା ପରେ ଇରାନ ଯୁଦ୍ଧରେ ମୃତାହତ ଏବଂ ଆହତ ସୈନିକଙ୍କ ଡାଟାବେସ୍ ଅପଡେଟ୍ କରିବାକୁ ପଡ଼ିଥିଲା । ଏହା ଗତ ସପ୍ତାହରେ ଇରାନ ଆକ୍ରମଣରେ ପ୍ରାଣ ହରାଇଥିବା ଆହୁରି ୧୪୦ ଜଣ ଆହତ ସୈନିକ ଏବଂ ଚାରି ଜଣ ସୈନିକଙ୍କ ନାମ ଯୋଡ଼ିଲା । ଅପଡେଟ୍ ଡାଟାବେସ୍ ଅନୁଯାୟୀ, ଫେବୃୟାରୀ ୨୮ ରେ ଇରାନ ବିରୁଦ୍ଧରେ ଯୁଦ୍ଧ ଆରମ୍ଭ ହେବା ପରଠାରୁ ୧୮ ଜଣ ସୈନିକ ନିହତ ଏବଂ ୬୨୪ ଜଣ ସୈନିକ ଆହତ ହୋଇଛନ୍ତି ।

ସଦ୍ୟତମ ପରିବର୍ତ୍ତନରେ, ପେଣ୍ଟାଗନ୍ ଡିଫେନ୍ସ କ୍ୟାଜୁଆଲିଟି ଆନାଲିସିସ୍ ସିଷ୍ଟମରେ ମୃତ ଏବଂ ଆହତ ସୈନିକମାନଙ୍କ ପାଇଁ ଏକ ନୂତନ ଟ୍ରାକିଂ ବର୍ଗ 'ଓଭରସିଜ୍ ଅପରେସନ୍' ଯୋଡିଛି ବୋଲି ଏକ ରିପୋର୍ଟରେ କୁହାଯାଇଛି । ଗତ ସପ୍ତାହରେ ପେଣ୍ଟାଗନ୍ ଗଣମାଧ୍ୟମ ଏବଂ ସାଂସଦମାନଙ୍କ ସମାଲୋଚନାର ସମ୍ମୁଖୀନ ହୋଇଥିଲା । ସିନେଟ ଆର୍ମଡ ସର୍ଭିସେସ୍ କମିଟିର ବାର ଜଣ ଡେମୋକ୍ରାଟିକ୍ ସାଂସଦ ପ୍ରତିରକ୍ଷା ସଚିବ ପିଟ ହେଗସେଥଙ୍କୁ ଚିଠି ଲେଖି ଉତ୍ତର ମାଗିଥିଲେ । ପ୍ରତିରକ୍ଷା ବିଭାଗର କାର୍ଯ୍ୟକାରୀ ପ୍ରେସ୍ ସଚିବ ଜୋଏଲ୍ ଭାଲଡେଜ୍ ଏକ୍ସ ପୋଷ୍ଟରେ କହିଛନ୍ତି ଯେ ୱେବସାଇଟରେ ତଥ୍ୟର ଅସ୍ଥାୟୀ ଅବରୋଧ ହେତୁ ସଠିକ୍ ସଂଖ୍ୟା ଦୃଶ୍ୟମାନ ହୋଇନାହିଁ । ନ୍ୟୁୟର୍କ ଟାଇମ୍ସ ପ୍ରଥମେ ଡାଟାବେସ୍ ତ୍ରୁଟି ରିପୋର୍ଟ କରିଥିଲା । ପେଣ୍ଟାଗନର ମୁଖ୍ୟ ମୁଖପାତ୍ର ସିନ୍ ପାର୍ନେଲ ଏକ୍ସରେ ସେୟାର ହୋଇଥିବା ଏକ ବିବୃତ୍ତିରେ ଏହା ସ୍ପଷ୍ଟ କରିଛନ୍ତି । ପ୍ରତିରକ୍ଷା ଦୁର୍ଘଟଣାଜନିତ ବିଶ୍ଳେଷଣ (ପୃଷ୍ଠା ୭ରେ)

## ପିଜି ଆଡ଼ମିଶନ ପାଇଁ ବିଜ୍ଞପ୍ତି

ଭୁବନେଶ୍ୱର, ୨୭।୭
ନ୍ୟୁଜ୍‌ବ୍ୟୁରୋ

ଶିକ୍ଷାବର୍ଷ ୨୦୨୬-୨୭ ନିମନ୍ତେ ସ୍ନାତକୋତ୍ତର ପାଠ୍ୟକ୍ରମରେ (ପିଜି) ନାମଲେଖା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶିତ ହୋଇଛି । ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମଲେଖା କମନ୍ ପିଜି ଏଣ୍ଟ୍ରାନ୍ସ ଟେଷ୍ଟର ମାର୍କ ଆଧାରରେ କରାଯିବ ।

୨୭ ଜୁଲାଇ ଅପରାହ୍ଣ ୩.୦୦ ଘଟିକା ଠାରୁ ୨ ଅଗଷ୍ଟ ରାତି ୧୧.୪୫ ଘଟିକା ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ସାମସ ପୋର୍ଟାଲକୁ ଯାଇ ନିଜ ପସନ୍ଦର ଉଚ୍ଚଶିକ୍ଷାନୁଷ୍ଠାନରେ ଆଡ଼ମିଶନ ପାଇଁ ଚଏସ୍ ଲକିଂ କରିପାରିବେ । ଅଗଷ୍ଟ ୭ ତାରିଖ ଅପରାହ୍ଣ ୪.୦୦ ଘଟିକାରେ ପ୍ରଥମ ମେଧା ତାଲିକା ପ୍ରକାଶିତ ହେବ । ପ୍ରଥମ ମେଧା ତାଲିକାରେ ଚୟନିତ ହୋଇଥିବା ଛାତ୍ରଛାତ୍ରୀମାନେ ୭ ଅଗଷ୍ଟ ସନ୍ଧ୍ୟା ୬.୦୦ ଘଟିକା ଠାରୁ ୧୧ ଅଗଷ୍ଟ ଅପରାହ୍ଣ ୪.୦୦ ଘଟିକା ପର୍ଯ୍ୟନ୍ତ (ପୃଷ୍ଠା ୭ରେ)

## ସାର୍ବଜନୀନ ପରୀକ୍ଷା ବିଲ୍ ଉପରେ ଆଲୋଚନା ପାଇଁ ସହମତି



ନୂଆଦିଲ୍ଲୀ, ୨୭।୭

ସଂସଦର ଚଳିତ ଅଧିବେଶନ ଆରମ୍ଭରୁ ଚାଲିଥିବା ଅଚଳାବସ୍ଥା ଦୂର ହୋଇଛି । ପ୍ରଶ୍ନପତ୍ର ଲିକ୍ ରୋକିବା ପାଇଁ ଏକ ବିଲ୍ ଉପରେ ଆଲୋଚନା କରିବାକୁ ବିରୋଧୀ ସଦସ୍ୟମାନେ ରାଜି ହୋଇଛନ୍ତି । ଲୋକସଭା ବାଚସ୍ପତି ଓମ ବିର୍ଲାଙ୍କ ଉଦ୍ୟମରେ ପ୍ରମୁଖ ରାଜନୈତିକ ଦଳର ଫ୍ଲୋର ଲିଡରମାନେ ଗୃହରେ ଏହି ବିଲ୍ ଉପରେ ଆଲୋଚନା କରିବାକୁ ରାଜି ହୋଇଛନ୍ତି । (ପୃଷ୍ଠା ୭ରେ)

## ରାଜ୍ୟରେ ୫ଶହ ଇଭି ଚାର୍ଜିଂ ଷ୍ଟେସନ ପ୍ରତିଷ୍ଠା ଲକ୍ଷ୍ୟ

ଭୁବନେଶ୍ୱର, ୨୭।୭
ନ୍ୟୁଜ୍‌ବ୍ୟୁରୋ

ଓଡ଼ିଶାରେ ୧୦୦ ଇଭି ଚାର୍ଜିଂ ଷ୍ଟେସନ ପ୍ରତିଷ୍ଠା ହୋଇଥିବା ବେଳେ ଆଉ ୫୦୦ ଇଭି ଚାର୍ଜିଂ ଷ୍ଟେସନ ପ୍ରତିଷ୍ଠା କରାଯିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି । ସେ କହିଛନ୍ତି ଜନଗହଳିପୂର୍ଣ୍ଣ ସ୍ଥାନ ବିଶେଷ କରି ଷ୍ଟେଟ ହାଇୱେ ଓ ନ୍ୟାସନାଲ ହାଇୱେ ଏହି ଷ୍ଟେସନ ପ୍ରତିଷ୍ଠା ହେବ । ରାଜ୍ୟରେ ଇଭି ଭିତ୍ତିଭୂମିକୁ ସୁଦୃଢ଼ କରାଯାଉଛି । ଏଥିପାଇଁ ସରକାରଙ୍କ ପକ୍ଷରୁ ସୁବିଧା ବ୍ୟବସ୍ଥା କରାଯାଇଛି ବୋଲି ସେ କହିଛନ୍ତି ।

### ରାଜ୍ୟରେ ୩୦୩୩୦୨ ବିଦ୍ୟାଳୟରେ ବାଳକଙ୍କ ପାଇଁ ଶୌଚାଳୟ ନାହିଁ




## ଏକାଳ ପଖାଳ



ଫାଇଲି ଗାଏବ ଘଟଣାରେ ଜନେ
ଚାଲିଛି ଗୋଲକ ଧନ୍ଦା
ପୂର୍ବ ବାବୁଏ କଥା ମାନନ୍ତିନି
ହୁଅନ୍ତି ସେମାନେ ବାଧା
ଏବେ ସିବିଆଇ ଜାଲେ ଛନ୍ଦା
ତଦନ୍ତ ଫନ୍ଦନ୍ତେ ଜଣାପଡ଼ିଯିବ
କାହା ଅବସ୍ଥାଟା ମାନ୍ଦା !

## ସୋନିଆ ଓ ରାହୁଲ ଗାନ୍ଧିଙ୍କୁ ଜବାବ ପାଇଁ ମିଳିଲା ମହଲତ




ନୂଆଦିଲ୍ଲୀ, ୨୭।୭

ଦିଲ୍ଲୀ ହାଇକୋର୍ଟ ସୋମବାର କଂଗ୍ରେସ ନେତା ସୋନିଆ ଗାନ୍ଧି, ରାହୁଲ ଗାନ୍ଧି ଓ ଅନ୍ୟମାନଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଆବେଦନ ଉପରେ ଜବାବ ଦେବାକୁ ୩ ସପ୍ତାହ ସମୟ ଦେଇଛନ୍ତି । ହାଇକୋର୍ଟଙ୍କ ବିଚାରପତି ଜଷ୍ଟିସ୍ ମନୋଜ ଜୈନ କହିଛନ୍ତି ଯେ ଏହି ମାମଲାର ଶୁଣାଣି କୋର୍ଟ ସେପ୍ଟେମ୍ବର ୧୦ ତାରିଖରେ କରିବେ । ତେବେ କୋର୍ଟ କାର୍ଯ୍ୟ ଆରମ୍ଭ ହେବା ପରେ ପ୍ରତିବାଦୀଙ୍କ ଓକିଲ ଇଡି ଆବେଦନ ଉପରେ ଜବାବ ଦେବା ପାଇଁ ସମୟ ନିବେଦନ କରିଥିଲେ । ହେଲେ ସରକାରଙ୍କ ପକ୍ଷରୁ ହାଜର ସଲିସିଟର ଜେନେରାଲ ଏହାକୁ ବିରୋଧ କରିଥିଲେ । ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଛନ୍ତି ଯେ ଏହି ମାମଲାରେ ନିମ୍ନ କୋର୍ଟ 'ଭୟାନକ ଭୁଲ' କରିଛନ୍ତି । ଏହା ଛଡ଼ା ପ୍ରତିବାଦୀମାନେ ହାଇକୋର୍ଟଙ୍କ ଦ୍ୱାରା ୨ ମାସ ପୂର୍ବେ ଜବାବ ଦାଖଲ ନିମନ୍ତେ ସମୟ ଦିଆଯିବା ସତ୍ତ୍ୱେ ଏ ବାବଦେ କୌଣସି ପଦକ୍ଷେପ ନେଇ ନାହାନ୍ତି । ମେହେଟ୍ଟା କହିଛନ୍ତି ଯେ ଏହା କେବଳ ଆଇନର ପ୍ରଶ୍ନ । ଜବାବ ଦାଖଲ ଲାଗି ୨ ମାସ ସମୟ ମିଳିଥିଲା । ଜବାବ ଦାଖଲକୁ ନେଇ ଆମେ ଆପତ୍ତି କରିପାରିବୁନି, ଏହା ବିଶୁଦ୍ଧ ରୂପେ ଆଇନର ପ୍ରଶ୍ନ ବୋଲି ସଲିସିଟର ଜେନେରାଲ କହିଛନ୍ତି ।

ଉଭୟପକ୍ଷଙ୍କ ତର୍କ (ପୃଷ୍ଠା ୭ରେ)

### ରାଜସ୍ୱ ମନ୍ତ୍ରୀଙ୍କ ସମୀକ୍ଷା

## ଗଭୀର ଅବପାତ ମୁକାବିଲା ପାଇଁ ସରକାର ପ୍ରସ୍ତୁତ

ଭୁବନେଶ୍ୱର, ୨୭।୭
ନ୍ୟୁଜ୍‌ବ୍ୟୁରୋ

ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଗଭୀର ଅବପାତ ଜନିତ ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ପାଇଁ ବିଭାଗର ପ୍ରସ୍ତୁତିର ସମୀକ୍ଷା କରିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ । ଲୋକସେବା ଭବନସ୍ଥିତ ରାଜସ୍ୱ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ସେ ଜିଲ୍ଲାଭିତ୍ତିକ ପ୍ରସ୍ତୁତିର ଆକଳନ କରିବା ସହ ସମସ୍ତ ଜିଲ୍ଲା ପ୍ରଶାସନକୁ ଚବିଶ ଘଣ୍ଟିଆ ସତର୍କତା ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ସମୀକ୍ଷା ବୈଠକରେ ମନ୍ତ୍ରୀ କହିଥିଲେ



ଯେ, ଜନସାଧାରଣଙ୍କ ଜୀବନର ସୁରକ୍ଷା ଆମର ସର୍ବାଧିକ ପ୍ରାଥମିକତା । ଆବଶ୍ୟକତା ଅନୁଯାୟୀ ବିପଦପୂର୍ଣ୍ଣ ଅଞ୍ଚଳରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର, ରନ୍ଧା ଖାଦ୍ୟ, ଶୁଖିଲା ରାସନ, ପାନୀୟ ଜଳ ଏବଂ ଅନ୍ୟାନ୍ୟ ଆବଶ୍ୟକ ରିଲିଫ ସାମଗ୍ରୀର (ପୃଷ୍ଠା ୭ରେ)

32 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୨୮ ଜୁଲାଇ ୨୦୨୬ ମଙ୍ଗଳବାର





# ଉଦୟନାଥ ମହାବିଦ୍ୟାଳୟର ଶୈକ୍ଷିକ ପରିବେଶକୁ ବିଧାନସଭା ପାଠାଗାର କମିଟିର ପ୍ରଶଂସା

**କଟକ, ନ୍ୟୁଜ୍ ବ୍ୟୁରୋ**



ଓଡ଼ିଶା ବିଧାନସଭାର ପାଠାଗାର କମିଟି ଅଡଶପୁରସ୍ଥିତ ଉଦୟନାଥ ସ୍ୱୟଂଶାସିତ ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟର ପାଠାଗାର ପରିଭ୍ରମଣ କରିଛନ୍ତି । ପାଠାଗାର କମିଟିର ଚେୟାରମ୍ୟାନ ଆକାଶ ଦାସ ନାୟକଙ୍କ ସମେତ ପଚିଶରୁ ଉର୍ଦ୍ଧ୍ୱ ବିଧାୟକ ଓ ସେମାନଙ୍କ ସହ ବିଧାନସଭାର ପାଠାଗାରର ଚାଳିଶ ଜଣ ସହାୟକ ଅଧିକାରୀ ମହାବିଦ୍ୟାଳୟ ପରିଦର୍ଶନ କରି ସନ୍ତୋଷ ବ୍ୟକ୍ତ କରିଥିଲେ। ମହାବିଦ୍ୟାଳୟର ପ୍ରତିଷ୍ଠାତା ସଭାପତି ତ୍ରିଲୋଚନ କାନୁନଗୋଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ମହାବିଦ୍ୟାଳୟର ଗୋଦାବରୀଶ ମିଶ୍ର କେନ୍ଦ୍ରୀୟ ପାଠାଗାରର ଇ ଲାଇବ୍ରେରୀ, ଅତ୍ୟାଧୁନିକ ପଠନ କକ୍ଷ ପରିଦର୍ଶନ କରି ବିଧାୟକମାନେ ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ପାଠାଗାର ପରିସରରେ ଏକ ଆଲୋଚନା ସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ ବିଧାନସଭା ପାଠାଗାର ସମିତିର ଚେୟାରମ୍ୟାନ ଆକାଶ ଦାସ ନାୟକ ଓ ଜୟଦେବ ବିଧାୟକ ନବକିଶୋର ମଲ୍ଲିକ ଅଭିଭାଷଣ ଦେଇ ମହାବିଦ୍ୟାଳୟର ପରିସର ଓ ପାଠପଢାର ପ୍ରଶଂସା କରିଥିଲେ। ଏହି ସଭାରେ ମହାବିଦ୍ୟାଳୟର ପରିଚାଳନା ସମିତିର ସଭାପତି ଅଗସ୍ତି ମହାନ୍ତି , ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ, ପରିଚାଳନା ସମିତିର ସଭ୍ୟ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ପ୍ରାଣବନ୍ଧୁ ତ୍ରିପାଠୀ, ପ୍ରଫେସର ଲମ୍ବୋଦର ପ୍ରସାଦ ସିଂ, ପ୍ରଫେସର ନିବେଦିତା ଜେନା, ପ୍ରଫେସର ଜୟନ୍ତୀ ଦୋରା ପ୍ରମୁଖ ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ ଲୁଲୁମୀନା ଦାସ ସ୍ୱାଗତ ଅଭିଭାଷଣ ଦେଇ ମହାବିଦ୍ୟାଳୟକୁ ଏକ ଗ୍ରାମୀଣ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ପାଇଁ ବିଧାୟକମାନଙ୍କର ସହଯୋଗ କାମନା କରିଥିଲେ। ଓଡ଼ିଆ ସାହିତ୍ୟ ବିଭାଗର ଅଧ୍ୟାପିକା ଡ କବିତା ମିଶ୍ର ସଭାକାର୍ଯ୍ୟ ପରିଚାଳନା କରିଥିବାବେଳେ ମହାବିଦ୍ୟାଳୟର ପ୍ରଶାସନିକ ମୁଖ୍ୟା ଡ ହିରଣ୍ମୟୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ସଭା ପରେ ବିଧାନସଭା କମିଟିର ସଦସ୍ୟମାନେ ମହାବିଦ୍ୟାଳୟର ସୂର୍ଯ୍ୟଘଡି, ଅତ୍ୟାଧୁନିକ କୌଶଳରେ ନିର୍ମିତ ସନ୍ତରଣ ପୁଷ୍କରିଣୀ, ହେରିଟେଜ ହଲ୍ ଓ ଷ୍ଟାଡିୟମ ବୁଲି ଦେଖିଥିଲେ। ଅତିରିକ୍ତ ଜିଲ୍ଲାପାଳ ଡଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଓ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ର ଛାତ୍ରୀଙ୍କ ସହଯୋଗରେ ସମସ୍ତ କାର୍ଯ୍ୟକ୍ରମ ସୁଚାରୁ ରୂପେ ସମ୍ପାଦିତ ହୋଇଥିଲା।

# ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ଉତ୍ସବ ଶୃଙ୍ଖଳାର ସହ ପାଳନ ନେଇ ଗୁରୁତ୍ୱାରୋପ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**




ସୁବର୍ଣ୍ଣପୁର ଜିଲ୍ଲାର ରାମେଶ୍ୱର ଷ୍ଟାଡିଅମ ଠାରେ ଆୟୋଜନ ହେବାକୁ ଥିବା ଜିଲ୍ଲା ସ୍ତରୀୟ ୮୦ ତମ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ଡ ନୃପରାଜ ସାହୁଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳୀନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ-ଜିଲ୍ଲା ପରିଷଦ ଅଶ୍ୱିନୀ ମେହେର, ପୌର ପରିଷଦ ଅଧକ୍ଷା ତାମସୀ ତାମସ୍ମିତା ନାଏକ, ଉପ ଜିଲ୍ଲାପାଳ ଡ ସୌମ୍ୟରୂପା ରଥ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଙ୍କ ସମେତ ପ୍ରମୁଖ ବିଭାଗୀୟ ଅଧିକାରୀ, ସମସ୍ତ ସ୍କୁଲ ଓ କଲେଜର ପ୍ରଧାନ ଶିକ୍ଷକ ଓ ଶିକ୍ଷୟତ୍ରୀ ସମାଜସେବୀ, ଶିକ୍ଷାବିତ, ଗଣମାଧ୍ୟମ ପ୍ରତିନିଧି, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମଚାରୀ ଉପସ୍ଥିତଥିଲେ। ଏହାକୁ କିପରି ମହାସମାରୋହରେ ପାଳନ କରାଯିବ ସେହି ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା। ଚଳିତ ବର୍ଷ ସ୍ୱାଧୀନତା ଦିବସ ପାଳନ ଦିନ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ପ୍ରାତଃ ୪.୩୦ ମି. ସମୟରେ ସହରର ସବୁ ଅଞ୍ଚଳରେ ରାମଧୂନ ପରିବେଷଣ କରାଯିବ। ଏହା ପରେ ପ୍ରଭାତ ଫେରି ପ୍ରତ୍ୟୁଷ ୫.୩୦ ରୁ ୬ ଘଟିକା ସମୟରେ ସହରର ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଯୁବକ ଓ ମହିଳା ସଂଘ ଏବଂ ସମସ୍ତ ଅନୁଷ୍ଠାନ ନିଜ ନିଜ ଅଞ୍ଚଳରେ ପ୍ରଭାତ ଫେରି କରିବେ । ପରେ ସହରରେ ବିଭିନ୍ନ ସ୍ଥାନରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ। ସମସ୍ତ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ଗୁଡିକରେ ଉକ୍ତ ଦିନ ସକାଳ ୭.୩୦ ମିନିଟ୍ ରୁ ୮ ଘଟିକା ସମୟ ମଧ୍ୟରେ ରାଷ୍ଟ୍ରୀୟ ସଙ୍ଗୀତ ଗାନ ପୂର୍ବକ ଜାତୀୟ ପତାକା ଉତ୍ତୋଳନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ଜାତୀୟ ଦିବସଟି ସହରର ସମସ୍ତ ମାନ୍ୟଗଣ୍ୟ ଅତିଥିଙ୍କୁ ଆମନ୍ତ୍ରିତ କରାଯିବ। ଏହି ଦିବସ ପାଳନ ଅବସରରେ ଛାତ୍ରଛାତ୍ରୀ ମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ, ଏଥିରେ ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉକ୍ତ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିପାରିବେ। ବିଭିନ୍ନ ସରକାରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପ୍ୟାରେଡ଼ରେ ଅଂଶ ଗ୍ରହଣ କରିବେ। ଏଥିପାଇଁ ଅଗଷ୍ଟ ମାସ ୧୧, ୧୨ ଏବଂ ୧୩ ତାରିଖ ପର୍ଯ୍ୟନ୍ତ ରିଜର୍ଭ ଇନ୍ସପେକ୍ଟରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ୟାରେଡ଼ ଅଭ୍ୟାସ ଅନୁଷ୍ଠିତ ହେବ। ଏହି ବର୍ଷ ମୋଟ ୪୨ ଟି ପ୍ୟାରେଡ ଗ୍ରୁପ ରହିବେ। ପ୍ୟାରେଡ୍ ପ୍ରତିଯୋଗିତାର ଶ୍ରେଷ୍ଠ ବିବେଚିତ ଦଳଙ୍କୁ ଏବଂ ଅନ୍ୟାନ୍ୟ କୃତୀ ଦଳଙ୍କୁ ମେମୋରିଆଲ୍ ପୁରସ୍କାର ପ୍ରଦାନ କରାଯିବ। ଅନୁଷ୍ଠିତ ସମସ୍ତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଉତ୍ସବର ଆୟୋଜିତ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ। ଏଥିସହ ପ୍ୟାରେଡ ପଡିଆ ସାଜସଜ୍ଜା, ବ୍ୟାରିକେଡ଼ ନିର୍ମାଣ, ଶାନ୍ତିଶୃଙ୍ଖଳା ରକ୍ଷା, ପାନୀୟଜଳ ଯୋଗାଣ, ପରିଷ୍କାର ପରିଚ୍ଛନ୍ନତା, ଅସ୍ଥାୟୀ ଶିବିର ବ୍ୟବସ୍ଥା ନିମନ୍ତେ ସମ୍ପୃକ୍ତ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। ପରେ କାରାଗାର ବୃଦ୍ଧାଶ୍ରମ, ବାଳାଶ୍ରମ ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ଓ ଶୁଖିଲା ଖାଦ୍ୟ ବଣ୍ଟନ କରାଯିବ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରୀତି ସୁନା ସଭା ପରିଚାଳନା କରିବା ସହିତ ପ୍ରାରମ୍ଭ ରେ ସ୍ୱାଗତ ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଜଣା ବ୍ୟକ୍ତିଙ୍କ ପ୍ରତି ଗ୍ରାମବାସୀଙ୍କ ମାନବିକତାର ନିଦର୍ଶନ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**



ରଥଯାତ୍ରା ପରଠାରୁ ବୌଦ୍ଧ ଜିଲ୍ଲାର ଗମ୍ଭାରୀପଦର ଗ୍ରାମସ୍ଥିତ ଯାତ୍ରୀ ବିଶ୍ରାମଗାରରେ ଜଣେ ଅଜଣା ବ୍ୟକ୍ତି ଆଶ୍ରୟ ନେଇ ରହୁଛନ୍ତି। ବିହାରର ଟାଟା ଅଞ୍ଚଳରୁ ଆସିଥିବା ବୋଲି ସେ କହୁଥିବା ବେଳେ ତାଙ୍କର ପରିଚୟ, ପାରିବାରିକ ପୃଷ୍ଠଭୂମି ଏବଂ କେଉଁ ପରିସ୍ଥିତିରେ ସେ ଏଠାରେ ପହଞ୍ଚିଛନ୍ତି, ସେନେଇ କୌଣସି ସ୍ପଷ୍ଟ ତଥ୍ୟ ମିଳିପାରିନାହିଁ। ଦିନ ଗଡ଼ି ଚାଲିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ତାଙ୍କର ଥଇଥାନ କିମ୍ବା ପୁନର୍ବାସ ଦିଗରେ କୌଣସି ପଦକ୍ଷେପ ନିଆଯାଇନଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଗ୍ରାମବାସୀମାନେ ମାନବିକତାର ପରିଚୟ ଦେଇ ପ୍ରତିଦିନ ତାଙ୍କୁ ଖାଦ୍ୟ ଓ ପାନୀୟ ଯୋଗାଇ ଆସୁଛନ୍ତି। ଗ୍ରାମବାସୀଙ୍କ ସହାୟତା ବଳରେ ସେ ଦୈନନ୍ଦିନ ଜୀବନ ଅତିବାହିତ କରୁଥିବାବେଳେ ରହୁଥିବା ସ୍ଥାନଟି ବସବାସ ପାଇଁ ଆଦୌ ଉପଯୁକ୍ତ ନୁହେଁ। ଯାତ୍ରୀ ବିଶ୍ରାମଗାରଟି ଦୀର୍ଘଦିନ ଧରି ଅବହେଳିତ ଅବସ୍ଥାରେ ଥିବାରୁ ସେଠାରେ ପରିଷ୍କାର-ପରିଚ୍ଛନ୍ନତାର ଅଭାବ, ଅଳିଆ ଆବର୍ଜନା ଏବଂ ମଶାଙ୍କ ଉପଦ୍ରବ ରହିଛି। ଏପରି ଅସ୍ୱାସ୍ଥ୍ୟକର ପରିବେଶରେ ଦୀର୍ଘଦିନ ରହିଲେ ସେ ମ୍ୟାଲେରିଆ, ଡେଙ୍ଗୁ ଭଳି ମଶାବାହିତ ରୋଗରେ ଆକ୍ରାନ୍ତ ହେବାର ଆଶଙ୍କାକୁ ଏଡ଼ାଇ ହେବ ନାହିଁ। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଉକ୍ତ ବ୍ୟକ୍ତିଙ୍କ ମାନସିକ ସ୍ଥିତି ମଧ୍ୟ ସ୍ୱାଭାବିକ ନଥିବା ଭଳି ମନେହେଉଛି। ତେଣୁ ତାଙ୍କର ପରିଚୟପତ୍ର ଯାଞ୍ଚ କରାଯିବା ସହ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିରାପଦ ସ୍ଥାନରେ ଥଇଥାନର ବ୍ୟବସ୍ଥା କରାଯିବା ଜରୁରୀ ବୋଲି ସେମାନେ ଦାବି କରିଛନ୍ତି। ସାମାଜିକ ଦାୟିତ୍ୱବୋଧରୁ ଗ୍ରାମବାସୀ ନିଜ ସାଧ୍ୟ ମୁତାବକ ସହାୟତା କରୁଥିବା ବେଳେ ଏଭଳି ଜଣେ ଅସହାୟ ବ୍ୟକ୍ତିଙ୍କ ପ୍ରତି ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ତାଙ୍କର ଥଇଥାନ, ଚିକିତ୍ସା ଏବଂ ପୁନର୍ବାସର ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଡିଭାଇନ୍‌ରେ ଶିକ୍ଷାନବିଶ ଚୟନ

**ବାରିପଦା , ନ୍ୟୁଜ୍ ବ୍ୟୁରୋ**

ବାରିପଦା ସହରରେ ଅବସ୍ଥିତ ଡିଭାଇନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଏଣ୍ଡ ଟେକ୍ନୋଲଜି ଟାଟା ପାୱାର ଦ୍ୱାରା ଶିକ୍ଷାନବିଶ ଚୟନ କରଯାଇଥିଲା । ଉତ୍ତର ଓଡିଶା ମଣ୍ଡଳର ମାନବ ସମ୍ବଳ ତଥା ପ୍ରଶାସନିକ ପରିଚାଳନା ମୁଖ୍ୟ ଆନନ୍ଦ ଗୌରବ ଚାଟାର୍ଜୀ ଓ ବରିଷ୍ଠ ମାନବ ସମ୍ବଳ ଅଧିକାରୀ କିରଣ ସିଂ ଉପସ୍ଥିତ ରହି ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ ବିଭାଗରେ ଡିପ୍ଲୋମା ପାସ୍ କରିଥିବା ଛାତ୍ର ମାନଙ୍କ ସହିତ ଦୀର୍ଘ ସମୟ ଆଲୋଚନା କରିବାସହ କମ୍ପାନୀର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ । ବ୍ୟକ୍ତିଗତ ସାକ୍ଷାତକାର ପରେ ଚୟନ ହୋଇଥିଲେ ୧୯ଜଣ ଛାତ୍ର। ଯେଉଁ ଛାତ୍ରମାନେ ଚୟନ ପ୍ରକ୍ରିୟାରେ ଉତ୍ତୀର୍ଣ୍ଣ ହେଲେ , ସେମାନେ ସମସ୍ତେ ନିଜ ଘର ଠାରୁ ମାତ୍ର କୋଡିଏ କିଲୋମିଟର ଦୂରତ୍ୱ ମଧ୍ୟରେ କାମ କରିବେ ଏବଂ ଏକ ବର୍ଷ ସନ୍ତୋଷ ଜନକ ପ୍ରଦର୍ଶନ ପରେ କମ୍ପାନୀ ଦ୍ୱାରା ସେମାନେ ସ୍ଥାୟୀ କର୍ମଚାରୀ ଭାବେ ଯୋଗ ଦେବାର ସୁଯୋଗ ଉନ୍ମୁକ୍ତ ହେବ । ଏ ସମସ୍ତ ଛାତ୍ରଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ ଡିଭାଇନ୍ ଗ୍ରୁପ୍‌ର ନିର୍ଦ୍ଦେଶକ ତଥା ଟ୍ରଷ୍ଟି ଇଂ. ବିପ୍ଲବ ଭଞ୍ଜନ ବୁଗୁଡାଇ ଓ ଏହି ପ୍ରକ୍ରିୟାରେ ଆହୁରି ସାମିଲ ହେବା ପାଇଁ ପରାମର୍ଶ ଦେଇଥିଲେ ନିର୍ଦ୍ଦେଶକ ଇଂ. ଗୌରବ ବୁଗୁଡାଇ । ପ୍ରଶିକ୍ଷଣ ଏବଂ ନିଯୁକ୍ତି ଅଧିକାରୀ ଇଂ. ଆଶୀର୍ବାଦ ସ୍ୱାଇଁ ଓ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ବିଭାଗର ସମସ୍ତ ଅଧ୍ୟାପକ ଏବଂ ଅଧ୍ୟାପିକା ଏ ଚୟନ ପ୍ରକ୍ରିୟାକୁ ସୂଚାରୁ ରୂପରେ ପରିଚାଳନା କରିଥିଲେ ଏବଂ ଅଧକ୍ଷ ଇଂ. ଅଭିନ୍ନ କୁମାର ଦାସଙ୍କର ତତ୍ତ୍ୱାବଧାନରେ ଏହା ସମାପ୍ତ ହୋଇଥିଲା ।

# ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ଉପରେ ଗୁରୁତ୍ୱ

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**



ଯାଜପୁର ଜିଲ୍ଲା ସୁକିନ୍ଦା ନିର୍ବାଚନ ମଣ୍ଡଳୀ ଦାନଗଦୀ ବ୍ଲକ ଟୋଲକାନୀ ସ୍ଥିତ ଝାଡେଶ୍ୱର ମହାବିଦ୍ୟାଳୟରେ ଯୁକ୍ତ ଦୁଇ ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ପ୍ରାରମ୍ଭରେ କଲେଜର ଅଧ୍ୟକ୍ଷ ଡ ଅକ୍ଷୟ କୁମାର ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସଙ୍ଗେ ସଙ୍ଗେ କଲେଜର ବିଭିନ୍ନ ନୀତିନିୟମ ସମ୍ପର୍କରେ ପିଲାମାନଙ୍କୁ ଅବଗତ କରାଇ ସେମାନଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ । ଏହି ଉତ୍ସବରେ କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଯୋଗଦେଇ ପିଲାମାନଙ୍କୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ନିଜର ପରିଚୟ ପ୍ରଦାନ କରିଥିଲେ । ଏଥିରେ ଶିକ୍ଷା ବିଭାଗର ମୁଖ୍ୟ ଅଧ୍ୟାପକ ଡ. କ୍ଷୀରୋଦ ଚନ୍ଦ୍ର ବେହେରା କଲେଜର ପରୀକ୍ଷା ସଞ୍ଚାଳନ, ଆଇ. ସି. ସି., ନାରୀ ସୁରକ୍ଷା କକ୍ଷ, ଜାତୀୟ ସେବା ଯୋଜନା , ରେଡ୍ କ୍ରସ୍, ଲାଇବ୍ରେରୀ ଏବଂ ନୂତନ ବର୍ଷର ପିଲାମାନଙ୍କୁ ଟାଇମ୍ ଟେବୁଲ୍ ବଣ୍ଟନ ଆଦି ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। କଲେଜର ଅଧ୍ୟାପିକା ମିରାମ୍ବିକା ସାହୁ, ପାରିଜାତ ମହାନ୍ତି, କଲ୍ୟାଣୀ ମହାନ୍ତ, ପ୍ରିୟଙ୍କା ପ୍ରିୟଦର୍ଶିନୀ ନାୟକ, ଇତିଶ୍ରୀ ମଲ୍ଲିକ ଅଧ୍ୟାପକ ରଞ୍ଜନ କୁମାର ସାହୁ, ତୋଫାନ କୁମାର ଜେନା, ଖଗେଶ କୁମାର ଜେନା, ଗୋବର୍ଦ୍ଧନ ସାହୁ, ଅଭୟ ସାହୁ, ମୁନ୍ନା ନାୟକ, ଅମର ସେଠୀ, ଶ୍ରୀମନ୍ତ ନାୟକ, ବାଇଧର ସାହୁ, ମନୋରଞ୍ଜନ ବିଶ୍ୱାଳ, ଡିଓ ସୁଷମା ପୃଷ୍ଟି, ଦିପ୍ତିମୟୀ ମହାରଣାଙ୍କ ସମେତ କଲେଜର ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ପରିଶେଷରେ ଓଡ଼ିଆ ଅଧ୍ୟାପକ ରଞ୍ଜନ କୁମାର ଖଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ।

# କିଶୋର ନ୍ୟାୟ ଆଇନ ସମ୍ପର୍କରେ ସଚେତନ ହେଲେ ଛାତ୍ରଛାତ୍ରୀ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**




ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକ ଙ୍କ ଆଦେଶ ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ସୁବର୍ଣ୍ଣପୁର ର ଅଧକ୍ଷ ତଥା ଜିଲ୍ଲା ଜଜ ଗିରିଜା ପ୍ରସାଦ ମହାପାତ୍ର ଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ହରଡ଼ଖୋଲ ଉଚ୍ଚ ବିଦ୍ୟାଳୟ ଠାରେ "କିଶୋର ନ୍ୟାୟ ଆଇନ ଏବଂ ମାଗଣା ଏବଂ ବାଧ୍ୟତାମୂଳକ ଶିକ୍ଷାର ଅଧିକାର ଆଇନ " ବିଷୟ ଉପରେ ଏକ ଜିଲ୍ଲା ସ୍ତରୀୟ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି ଓ ଏହି ଶିବିର ରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ର ସଚିବ ଦେବାଶିଷ ଦାସ ମୁଖ୍ୟ ଅତିଥି ରୁପେ ଯୋଗ ଦେଇ ଜିଲ୍ଲା ଆଇନ ସେବା ପ୍ରାଧିକରଣ ର ଲକ୍ଷ୍ୟ ଏବଂ ଉଦେଶ୍ୟ ଏବଂ କିଶୋର ନ୍ୟାୟ ଆଇନ ଉପରେ ସମସ୍ତ ଛାତ୍ର ଛାତ୍ରୀ ମାନଙ୍କୁ ଅବଗତ କରିଥିଲେ ଓ ଅନ୍ୟ ମାନଙ୍କ ମଧ୍ୟରେ ସଦର ଉପ ଆରକ୍ଷୀ ଅଧିକ୍ଷକ ରେଣୁକା ସୁନା ଯୋଗ ଦେଇ ବାଧ୍ୟତାମୂଳକ ଶିକ୍ଷାର ଅଧିକାର ଆଇନ ଉପରେ ସମସ୍ତଙ୍କୁ ଅବଗତ କରିଥିଲେ ଓ ଶିଶୁ କଲ୍ୟାଣ ସମିତି, ସୁବର୍ଣ୍ଣପୁର ର ଅଧକ୍ଷ ଲିନା ବାବୁ ଏବଂ ଶିଶୁ କଲ୍ୟାଣ ସମିତି, ସୁବର୍ଣ୍ଣପୁର ର ସଦସ୍ୟ ରଂଜିତା ସାହୁ ଯୋଗ ଦେଇ କିଶୋର ନ୍ୟାୟ ଆଇନ ଏବଂ ମାଗଣା ଏବଂ ବାଧ୍ୟତାମୂଳକ ଶିକ୍ଷାର ଅଧିକାର ଆଇନ ଉପରେ ସମସ୍ତଙ୍କୁ ଅବଗତ କରିଥିଲେ ଓ ସଭା ପ୍ରାରମ୍ଭରେ ହରଡ଼ଖୋଲ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ରମେଶ କୁମାର ଦାସ ସମସ୍ତ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ ଏବଂ ସଭା ଶେଷରେ ସମସ୍ତ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ଓ ଏଥିରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ର ବିନ୍ଦୁସାର ମହାପାତ୍ର, କେଶବ ଗୁରୁ, ସିଦ୍ଧାନ୍ତ କୁମାର ବାଘ, ବେଣୁଧର ମଲ୍ଲିକ ଏବଂ ରଞ୍ଜନ କୁମାର ଭୋଇ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ବହୁମୁଖୀ ପ୍ରାଥମିକ କୃଷି ସମବାୟ ସମିତି ଉଦ୍‌ଘାଟିତ

**ବୌଦ୍ଧ:, ନ୍ୟୁଜ୍ ବ୍ୟୁରୋ**



ବୌଦ୍ଧଜିଲ୍ଲା ହରଭଙ୍ଗା ବ୍ଲକ ବନ୍ଧାପଥର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ନୂତନ ବହୁମୁଖୀ ପ୍ରାଥମିକ କୃଷି ସମବାୟ ସମିତି ଉଦଘାଟିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ବୌଦ୍ଧ ବିଧାୟକ ତଥା ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ଉଦଘାଟନ କରିଥିଲେ । ଉପ ସହକାରୀ ନିବନ୍ଧକ ତଥା ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ଭାସ୍କର ଚନ୍ଦ୍ର ପାଣିଗ୍ରାହୀଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବରେ ବୌଦ୍ଧ ସମବାୟ କେନ୍ଦ୍ର ବ୍ୟାଙ୍କ ସଭାପତି ଅରୁଣ କୁମାର ପ୍ରଧାନ, ମୁଖ୍ୟ ନିର୍ବାହୀ ଅଧିକାରୀ ସ୍ମିତାଶ୍ରୀ ସାହୁ, ଉପ ନିବନ୍ଧକ ଫକିର ମୋହନ ବାଘ, ସମବାୟ ପାଇଁ କନ୍ଧମାଳ ସାଂସଦଙ୍କ ପ୍ରତିନିଧି ସୁବାସ ଚନ୍ଦ୍ର ପ୍ରଧାନ, ରାଜ୍ୟ ବିଜେପି କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ଶ୍ରୀ ମିଶ୍ର, ଜିଲ୍ଲା ବିଜେପି ସଭାପତି ପ୍ରେମାନନ୍ଦ ମିଶ୍ର, ବନ୍ଧାପଥର ସରପଞ୍ଚ ଲକ୍ଷ୍ମୀପ୍ରିୟା ପ୍ରଧାନ, ସମିତି ସଭ୍ୟ ଗୀତାଞ୍ଜଳୀ ବାରିକ ମଞ୍ଚାସୀନ ଥିଲେ । ସରସରା ପ୍ରାଥମିକ କୃଷି ସମବାୟ ସମିତି ଅଧିନରେ ଥିବା ବନ୍ଧାପଥର ଗ୍ରାମ ପଞ୍ଚାୟତ ଚାଷୀ ମାନଙ୍କ ପାଇଁ ନୂତନ ଭାବରେ ଉକ୍ତ ବହୁମୁଖୀ ପ୍ରାଥମିକ କୃଷି ସମବାୟ ସମିତି ଗଠିତ ହୋଇଛି ।

# ବୌଦ୍ଧରେ ଫସଲ ବୀମା ରଥର ଶୁଭାରମ୍ଭ

**ବୌଦ୍ଧ:, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ରଥର ଶୁଭାରମ୍ଭ ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ପ୍ରଚାର ରଥର ଶୁଭାରମ୍ଭ କରିଛନ୍ତି ଜିଲ୍ଲାପାଳ ବିଭୁତି ଭୁଷଣ ନାୟକ । ରଥର ଶୁଭାରମ୍ଭ ସମୟରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଉପ ନିବନ୍ଧକ ଫକୀର ମୋହନ ବାଘ, କେନ୍ଦ୍ରବ୍ୟାଙ୍କ କାର୍ଯ୍ୟନିର୍ବାହୀ ଅଧିକାରିଣୀ ସ୍ମିତାଶ୍ରୀ ସାହୁ, ଆରଏମସି ସମ୍ପାଦକ ଭାସ୍କର ଚନ୍ଦ୍ର ପାଣିଗ୍ରାହୀ ଓ କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କ ଉପସ୍ଥିତ ଥିଲେ । ପ୍ରଧାନମନ୍ତ୍ରୀ କୃଷି ବୀମା ପ୍ରଚାର ରଥକୁ ଜିଲ୍ଲାପାଳ ଧୂପ ଦୀପ ଓ ନଡ଼ିଆ ବାଡେଇ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ।

# 'ବେସରକାରୀ ଅଧ୍ୟାପକ- କର୍ମଚାରୀଙ୍କୁ ଅନୁଦାନ ପରିସରଭୁକ୍ତ କରାଯାଉ'

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ଓଡିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ, ମୟୁରଭଞ୍ଜ ଶାଖା ତରଫରୁ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କୁ ପ୍ରଦାନ କରାଯାଇଛି. ସମସ୍ତଙ୍କ ପାଇଁ ଜ୍ଞାନୋଦୟ ଶିକ୍ଷାରୁ ସମୃଦ୍ଧି ଯୋଜନାର ସଫଳ ରୂପାୟନ ନିମନ୍ତେ ବେସରକାରୀ ମହାବିଦ୍ୟାଳୟ ମାନଙ୍କରେ ୨୦୦୮ ମସିହା ପରେ ନିଯୁକ୍ତି ପାଇଥିବା ଅଧ୍ୟାପକ କର୍ମଚାରୀମାନଙ୍କ ପାଇଁ ଅନୁଦାନ ନୀତି ୨୦୦୮ - ୨୦୧୮ ପ୍ରଣୟନ ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଛି। ମୁଖ୍ୟମନ୍ତ୍ରୀ ପୂର୍ବରୁ ଏକ ଉଚ୍ଚସ୍ତରୀୟ କମିଟିର ଘୋଷଣା କରି ୬ ମାସ ମଧ୍ୟରେ ରିପୋର୍ଟ ପ୍ରଦାନ କରିବା ପାଇଁ ଆଦେଶ ଦେଇଥିଲେ। କମିଟି ଜୁନ ମାସରେ ରିପୋର୍ଟ ପ୍ରଦାନ କରିସାରିଥିଲେ ମଧ୍ୟ ଏହାକୁ କାର୍ଯ୍ୟକାରୀ ପରିବର୍ତ୍ତେ କେଜିରୁ ପିଜି ନିଃଶୁଳ୍କ ଶିକ୍ଷା ପ୍ରଦାନ ବ୍ୟବସ୍ଥା ପ୍ରଣୟନ କରିଛନ୍ତି ମାତ୍ର ଅଧ୍ୟାପକ ମାନଙ୍କର ଦାବିକୁ ଅଣଦେଖା କରାଯାଇ ଆସୁଛି। ଏଣୁ ଯଥାଶୀଘ୍ର ଅଧ୍ୟାପକ କର୍ମଚାରୀ ମାନଙ୍କୁ ଅନୁଦାନ ପରିସରଭୁକ୍ତ କରିବାକୁ ଦାବି କରାଯାଇଛି। ମୌସୁମୀ ଅଧିବେଶନ ପୂର୍ବରୁ ନୂତନ ଅନୁଦାନ ନୀତି ଘୋଷଣା ନକଲେ ସଂଘ ଆନ୍ଦୋଳନ ପନ୍ଥାକୁ ଆପଣେଇବା ପାଇଁ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟହେବ ବୋଲି ଚେତାବନୀ ଦେଇଛି। ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ଅଧ୍ୟାପକ ଡ଼ଃ ପ୍ରୀତମ ପଣ୍ଡା, ରାଜୀବ କୁମାର ଗିରି, ଅଶ୍ୱନୀ କୁମାର ଘୋଷ, ଉଦିତ କୁମାର ମିଶ୍ର, ବାପୁନ ଘୋଷ, ଦିପ୍ତେନ୍ଦୁ ମହାନ୍ତ, ଶ୍ରଦ୍ଧାନନ୍ଦ ସାହୁ ପ୍ରମୁଖ ମିଳିତ ଭାବେ ସଂଘ ତରଫରୁ ଏହି ଦାବିପତ୍ର ପ୍ରଦାନ କରିଥିଲେ।

# ଉଦ୍ୟାନ କୃଷିଭିତ୍ତିକ ଯୋଜନା ସମ୍ପର୍କରେ ସଚେତନ ହେଲେ ଚାଷୀ

**କେନ୍ଦ୍ରାପଡା , ନ୍ୟୁଜ୍ ବ୍ୟୁରୋ**



କେନ୍ଦ୍ରାପଡା ଜିଲ୍ଲା କୃଷି ଉଦ୍ୟାନ କାର୍ଯ୍ୟାଳୟ ପରିସରରେ ଆପିକଲ୍ ତରଫରୁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ୍.ଆର୍.ଆୟାର୍‌ଙ୍କ ଅଧ୍ୟକ୍ଷତାରେ ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ଦେବଦାସ ଦତଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆପିକଲ୍‌ର ଯୋଜନା ଅଧିକାରୀ ଅଙ୍କିତା ମିଶ୍ର, ନିର୍ବାହୀ ଯନ୍ତ୍ରୀ କୈଳାସ ନାଗ, ଡିଏଫ୍‌ଓ ଆଲୋକ ନାଥ, ଏଡିଭିଓ ବିଭୁପ୍ରସାଦ ପାତ୍ର, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ହେମନ୍ତ କୁମାର ସାମଲ, ଆପିକଲ୍‌ର ଜିଲ୍ଲା ସଂଯୋଜକ ପ୍ରତାପ କୁମାର ରାଉତଙ୍କ ସମେତ ସମସ୍ତ ବ୍ଲକର ଉଦ୍ୟାନ କୃଷି ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଉପସ୍ଥିତ ଥିବା ଚାଷୀମାନଙ୍କୁ ଉଦ୍ୟାନ କୃଷି ଭିତ୍ତିକ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ସାମିଲ୍ ହୋଇ ବିଭିନ୍ନ ଲାଭଦାୟକ ଯୋଜନାରେ ଲାଭ ଉଠାଇବା ପାଇଁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଇଥିଲା। ନୂତନ ପଦ୍ଧତିରେ ବ୍ୟବସାୟୀ ଭିତ୍ତିକ ଫଳ ଓ ପନିପରିବା, ଚାରା ଗଛ ଉତ୍ପାଦନ ନିମନ୍ତେ ନର୍ସରୀ, ସ୍ଥାୟୀ ନର୍ସରୀ ନିର୍ମାଣ କରିବା, ସବୁଜ ଗୃହରେ ଜରବେରା ଫୁଲ ଚାଷ, ଛତୁ ଉତ୍ପାଦନ ଇତ୍ୟାଦି ଯୋଜନା ସମ୍ପର୍କରେ ଚାଷୀମାନଙ୍କୁ ବୁଝାଇଥିଲେ। ଚାଷୀମାନେ ନିଜେ ସ୍ୱାବଲମ୍ବୀ ହେବା ପାଇଁ ସରକାରଙ୍କ ବିଭିନ୍ନ ପ୍ରକାର ଲାଭଦାୟକ ଯୋଜନା କରିଥିବାରୁ ଏଥିରେ ଅନ୍ତର୍ଭୁକ୍ତ ହୋଇ ଯୋଜନାର ଲାଭ ଉଠାଇବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ସଭା ଶେଷରେ ପଟ୍ଟାମୁଣ୍ଡାଇ ଉଦ୍ୟାନ କୃଷି ଅଧିକାରୀ ସୌମ୍ୟରଞ୍ଜନ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱାଧୀନତା ସଂଗ୍ରାମୀଙ୍କ ଶ୍ରାଦ୍ଧୋତ୍ସବରେ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତା

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ମହାନ ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ପ୍ରାଣକୃଷ୍ଣ ପଡ଼ିହାରୀଙ୍କ ୬୮ତମ ତିରୋଧାନ ଦିବସ(ଅଗଷ୍ଟ ୮) ଅବସରରେ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କୁ ନେଇ ଜିଲ୍ଲାସ୍ତରୀୟ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଅଗଷ୍ଟ ୨ ତାରିଖରେ ଜଗତସିଂହପୁର ପୌରାଞ୍ଚଳସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଏହି ପ୍ରତିଯୋଗିତାର ଆୟୋଜନ କରାଯାଇଛି। ଷଷ୍ଠରୁ ଅଷ୍ଟମ, ନବମ ଏବଂ ଦଶମ, କଲେଜ ସ୍ତର ଏପରି ତିନି ବର୍ଗରେ ପ୍ରତିଯୋଗିତା ହେବ ବୋଲି ପଣ୍ଡିତ ପଡ଼ିହାରୀ ସ୍ମୃତି ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି। ପୂର୍ବାହ୍ନ ୯ଟାରୁ ଏହି ପ୍ରତିଯୋଗିତା ଆରମ୍ଭ ହେବାକୁ ସ୍ଥିରୀକୃତ ହୋଇଛି। ଘଣ୍ଟାଏ ପୂର୍ବରୁ ବିଷୟ ସମ୍ପର୍କରେ ସେଠାରେ ହିଁ ସୂଚନା ଦିଆଯିବ। ଏହି କାର୍ଯ୍ୟକ୍ରମରେ ଭାଗ ନେବାକୁ ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ କରାଯାଇଛି। ଅଗଷ୍ଟ ୮ ତାରିଖରେ ପଣ୍ଡିତ ପଡ଼ିହାରୀଙ୍କ ଶ୍ରାଦ୍ଧ ଦିବସରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ତିନି ବର୍ଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବା ସହ ଭାଗ ନେଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୮ ଜୁଲାଇ ୨୦୨୬ ମଙ୍ଗଳବାର





# ଫୁଲୁଛି ଗୋବରୀ:କୂଳବାସୀ ଆତଙ୍କିତ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**



କେନ୍ଦ୍ରାପଡା ଜିଲ୍ଲାରେ ଦୀର୍ଘ ୨୦ ଦିନ ହେଲା ଲଘୁଚାପ ଜନିତ ବର୍ଷା ଲାଗିରହିଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ତଳିଆ ଅଞ୍ଚଳରେ ବସବାସ କରୁଥିବା ଲୋକମାନେ ପାଣି ଘେରରେ ଥିବାବେଳେ ଅନେକ ଗୁଡିଏ ରାସ୍ତା ବର୍ଷା ଜଳରେ ବୁଡି ରହିଛି। ମାଟିକାନ୍ଥ, ଚାଳଘର ଗୁଡିକ କେତେକ ସ୍ଥାନରେ ଭାଙ୍ଗି ପଡିଥିବାବେଳେ ବହୁ ପୁରୁଣା ଘର ଗୁଡିକ ବିପଦ ଜନକ ଅବସ୍ଥାରେ ପଡିରହିଛି। ରଣପଡା, ଜଇପୁରା, ଆମ୍ବାଳି ଏବଂ ବାଇପାସ୍ ରାସ୍ତାର ନଦୀକୂଳରେ ବସବାସ କରୁଥିବା ଭୂମିହୀନମାନେ ପାଣି ଘେରରେ ରହିଛନ୍ତି। ଗୋବରୀ ନଦୀ ଫୁଲିଥିବାରୁ ଏହି କୂଳ ବାସିନ୍ଦାମାନେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ରଣପଡା ଗ୍ରାମର ଜଳ ନିଷ୍କାସନ ବାଟ ନଥିବାରୁ ଗ୍ରାମର ଅଧିକାଂଶ ଘର ଗୁଡିକ ପାଣି ଘେରରେ ରହିଛି। ପ୍ରାୟ ଦୁଇଫୁଟରୁ ଅଧିକ ବର୍ଷାଜଳ ଘର ଭିତରେ ରହିଥିବାରୁ ବରିଷ୍ଠ ନାଗରିକ, ମହିଳା, ଶିଶୁ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରହିଛନ୍ତି। ଘର ଭିତରେ ଥିବା ଖଟ ଉପରେ ରୋଗୀ ଓ ବୟସ୍କାମାନେ ରାତି ଦିନ ବସିଥିବାବେଳେ ଶୌଚ ହେବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରଣପଡା ଗ୍ରାମରେ ଜଳ ନିଷ୍କାସନ ବାଟକୁ ସ୍ଥାନୀୟ ଅଞ୍ଚଳର କିଛି ବ୍ୟକ୍ତି ଜୋର୍ ଜବରଦସ୍ତ ଘର କରିଥିବାରୁ ପୌର ପ୍ରଶାସନ ଏମାନଙ୍କୁ ଉଚ୍ଛେଦ କରିନପାରିବାରୁ ଗ୍ରାମବାସୀ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ତୁରନ୍ତ ସରକାରୀ ଜାଗାରେ ଜବରଦଖଲ କରି ଗୃହ ନିର୍ମାଣ କରିଥିବା ଘରକୁ ଭାଙ୍ଗି ଜଳ ନିଷ୍କାସନ ବାଟ କରିବା ପାଇଁ ଗ୍ରାମବାସୀମାନେ ଦାବି କରିଛନ୍ତି।

# ଟୋକନ୍ ନମିଳିବାରୁ ବର୍ଷାରେ ଭିଜୁଛି ରବିଧାନ:ଚିନ୍ତାରେ ଚାଷୀ

**ଝାରସୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ହୀରାକୁଦ ବୁଡ଼ି ଅଞ୍ଚଳରେ ରବିଧାନ କ୍ରୟ ପ୍ରକ୍ରିୟାରେ ଅବ୍ୟବସ୍ଥା ଯୋଗୁ ଅନେକ ଚାଷୀ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ସମବାୟ ସମିତି ମାଧ୍ୟମରେ ନିୟମିତ ପଞ୍ଜିକରଣ କରିଥିଲେ ମଧ୍ୟ ସମୟରେ ଟୋକନ୍ ନମିଳିବାରୁ ପ୍ରାୟ ୭୫ ଜଣ ଚାଷୀ ଏପର୍ଯ୍ୟନ୍ତ ରବିଧାନ ବିକ୍ରି କରିପାରିନାହାନ୍ତି। ଏହାଫଳରେ ବର୍ଷା ଋତୁରେ ଖୋଲା ଆକାଶ ତଳେ ଗଚ୍ଛିତ ଧାନ ନଷ୍ଟ ହେବାର ଆଶଙ୍କା ବଢ଼ିବା ସହ ଚାଷୀଙ୍କ ଚିନ୍ତା ଦ୍ୱିଗୁଣିତ ହୋଇଛି। ସୂଚନା ଅନୁଯାୟୀ, ରାଜ୍ୟ ଯୋଗାଣ ବିଭାଗର ବିଜ୍ଞପ୍ତି ଅନୁସାରେ ହୀରାକୁଦ ବୁଡ଼ି ଅଞ୍ଚଳର ୭୯୬ ଜଣ ଚାଷୀ ରବିଧାନ ବିକ୍ରି ପାଇଁ ସମବାୟ ସମିତିରେ ପଞ୍ଜିକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ଅଧିକାଂଶ ଟୋକନ୍ ପାଇ ମଣ୍ଡିରେ ଧାନ ବିକ୍ରି କରିଥିବାବେଳେ ପ୍ରାୟ ୭୫ ଜଣ ଚାଷୀ ଏପର୍ଯ୍ୟନ୍ତ ଟୋକନ୍ ପାଇନାହାନ୍ତି। ଫଳରେ ସେମାନେ ଆର୍ଥିକ ସଙ୍କଟରେ ପଡ଼ିଥିବା ଅଭିଯୋଗ କରିଛନ୍ତି। ଲଖନପୁର ବ୍ଲକ ଭିକମପାଲି ସମବାୟ ସମିତି ଅଧିନ ପଲସଦା ଗ୍ରାମର ଚାଷୀ ଅଦ୍ୱୈତ ମେହେର, ମଣିରାମ ସା, ଗୋପାଳ ମେହେର, ଜୟ କୁମାର ସା ଓ ଦେବାନନ୍ଦ ସାଙ୍କର ୮୦୦ରୁ ଅଧିକ ବସ୍ତା ଧାନ ଏପର୍ଯ୍ୟନ୍ତ ବିକ୍ରି ହୋଇପାରିନାହିଁ। ଘରେ ସ୍ଥାନ ଅଭାବରୁ ସେମାନେ ବାଧ୍ୟ ହୋଇ ଟ୍ରାକ୍ଟର ଟ୍ରଲି ଓ ସ୍ଥାନୀୟ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ପରିସରରେ ଧାନବସ୍ତା ରଖିଛନ୍ତି। ଲଗାଣ ବର୍ଷା ଜାରି ରହିଥିବାରୁ ଖୋଲା ସ୍ଥାନରେ ଥିବା ଧାନର ଗୁଣବତା ହ୍ରାସ ପାଇବା ସହ ବ୍ୟାପକ କ୍ଷତି ହେବାର ଆଶଙ୍କା ସୃଷ୍ଟି ହୋଇଛି। ଗୋଟିଏ ପଟେ ଖରିଫ ଧାନ ରୁଆ କାମ ଓ ଅନ୍ୟପଟେ ଅମଳ ହୋଇଥିବା ରବିଧାନ ବିକ୍ରି ହୋଇନପାରିବାରୁ ଚାଷୀମାନେ ମାନସିକ ଓ ଆର୍ଥିକ ଚାପରେ ରହିଛନ୍ତି। ପ୍ରଶାସନିକ ସମନ୍ୱୟର ଅଭାବ ଯୋଗୁ ଏପରି ପରିସ୍ଥିତି ସୃଷ୍ଟି ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି। ତୁରନ୍ତ ଟୋକନ୍‌ରୁ ବଞ୍ଚିତ ଚାଷୀଙ୍କୁ ସ୍ୱତନ୍ତ୍ର ଭାବେ ଟୋକନ୍ ପ୍ରଦାନ କରି ଅବଶିଷ୍ଟ ରବିଧାନ କ୍ରୟ ପାଇଁ ଯୋଗାଣ ବିଭାଗ ଓ ଜିଲ୍ଲା ପ୍ରଶାସନ ତତ୍ପରତାର ସହ ପଦକ୍ଷେପ ନେବାକୁ ଚାଷୀମାନେ ଦାବି କରିଛନ୍ତି।

# କଲେଜକୁ ପଢ଼ିବାକୁ ଯାଇ ନାବାଳିକା ନିଖୋଜ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ବ୍ଲକ ଅନ୍ତର୍ଗତ ବାଉଁଶୁଣୀ ଅଞ୍ଚଳରେ ଜଣେ ନାବାଳିକା କଲେଜକୁ ପଢ଼ିବାକୁ ଯାଇ ନିଖୋଜ ହୋଇଯିବା ଘଟଣା ଅଞ୍ଚଳରେ ଚିନ୍ତାର ବିଷୟ ପାଲଟିଛି। ଏହି ଘଟଣାକୁ ନେଇ ନାବାଳିକାଙ୍କ ବାପା ବାଉଁଶୁଣୀ ଥାନାରେ ଏତଲା ଦେଇଥିବା ବେଳେ ପୋଲିସ ନିଖୋଜ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ବାଉଁଶୁଣୀ ଥାନା ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ବାଉଁଶୁଣୀ ଥାନା ଅନ୍ତର୍ଗତ ବହିରା ଗ୍ରାମପଞ୍ଚାୟତ ଅଞ୍ଚଳର ଜଣେ ୧୫ ବର୍ଷୀୟା ନାବାଳିକା ଗୁରୁବାର ସକାଳେ ଘରୁ ବାଉଁଶୁଣୀ ଯୁକ୍ତଦୁଇ କଲେଜକୁ ପାଠ ପଢ଼ିବା ପାଇଁ ବାହାରିଥିଲେ। ତେବେ ସନ୍ଧ୍ୟା ହୋଇଯାଇଥିଲେ ମଧ୍ୟ ସେ ଘରକୁ ଫେରିନଥିଲେ। ରାତି ପର୍ଯ୍ୟନ୍ତ ଝିଅର କୌଣସି ଖବର ନମିଳିବାରୁ ପରିବାର ଲୋକେ ଚିନ୍ତାରେ ପଡ଼ିଥିଲେ। ପ୍ରଥମେ ପରିବାର ସଦସ୍ୟମାନେ ନାବାଳିକାଙ୍କ ସହପାଠୀ, ବନ୍ଧୁବର୍ଗ ଓ ସମ୍ପର୍କୀୟଙ୍କ ଘରେ ଖୋଜାଖୋଜି କରିଥିଲେ। ବିଭିନ୍ନ ସ୍ଥାନରେ ସନ୍ଧାନ ଚଳାଇବା ସତ୍ତ୍ୱେ ତାଙ୍କର କୌଣସି ପତ୍ତା ମିଳିନଥିଲା। ଶେଷରେ ନିରାଶ ହୋଇ ନାବାଳିକାଙ୍କ ବାପା ବାଉଁଶୁଣୀ ଥାନାରେ ନିଖୋଜ ସମ୍ପର୍କିତ ଏତଲା ଦାଖଲ କରିଥିଲେ। ଅଭିଯୋଗକୁ ଆଧାରକରି ବାଉଁଶୁଣି ପୋଲିସ ନିଖୋଜ ମାମଲା ରୁଜୁ କରି ନାବାଳିକାଙ୍କ ସନ୍ଧାନ ପାଇଁ ତଦନ୍ତ ଆରମ୍ଭ କରିଛି। ତାଙ୍କ ଗତିବିଧି, କଲେଜ ପରିସର ଓ ଅନ୍ୟାନ୍ୟ ସମ୍ଭାବ୍ୟ ସ୍ଥାନରେ ଖୋଜାଖୋଜି ସହ ପରିବାର ଲୋକଙ୍କୁ ପଚରାଉଚରା କରାଯାଉଥିବା ସୂଚନା ମିଳିଛି। ନାବାଳିକାଙ୍କ ସନ୍ଧାନ ପାଇଁ ପୋଲିସ ସମସ୍ତ ଦିଗକୁ ନେଇ ତଦନ୍ତ ଚଳାଇଛି।

# କାର୍ଗିଲ୍ ବିଜୟ ଦିବସରେ ସହିଦ ଗୋପୀନାଥଙ୍କୁ ଶ୍ରଦ୍ଧାଞ୍ଜଳି



**ନିଶ୍ଚିନ୍ତକୋଇଲି, ନ୍ୟୁଜ୍**

କାର୍ଗିଲ୍ ବିଜୟ ଦିବସରେ କାର୍ଗିଲ୍ ଯୁଦ୍ଧରେ ଓଡ଼ିଶାରୁ ପ୍ରଥମ ସହିଦ ହୋଇଥିବା କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଜନାର୍ଦ୍ଦନପୁର ଗ୍ରାମର ଗୋପୀନାଥ ମହାରଣାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। କାର୍ଗିଲ୍ ଯୁଦ୍ଧ ସମୟରେ ଅସ୍ତ୍ର, ଶସ୍ତ୍ର ଓ ଗୋଳାବାରୁଦ ନେଇ ଯାଉଥିବାବେଳେ ୧୯୯୯ ମସିହା ମେ ମାସ ୧୯ ତାରିଖରେ ଶତ୍ରୁପକ୍ଷର ଗୁଳିରେ ମାତ୍ର ୨୩ ବର୍ଷ ବୟସରେ ସହିଦ ହୋଇଥିଲେ। ଇତିମଧ୍ୟରେ କାର୍ଗିଲ୍ ଯୁଦ୍ଧ ୨୭ ବର୍ଷରେ ପଦାର୍ପଣ କରିଛି । ପ୍ରଥମ ସହିଦ ହୋଇଥିବା ଗୋପୀନାଥଙ୍କୁ ଝୁରୁଛି ଜନ୍ମମାଟି ଜନାର୍ଦ୍ଦନପୁର । ଆଜିବି ତାଙ୍କର ଜନ୍ମମାଟି ସହିଦ ଗୋପୀନାଥଙ୍କ ଦେଶ ମାତୃକା ପାଇଁ ଦେଇଥିବା ବଳିଦାନର ସ୍ମୃତିକୁ ଉଜାଗର କରୁଛି। ଜୁଲାଇ ୨୬ ତାରିଖ ଦିନଟିକୁ ସାରା ଭାରତ ବର୍ଷ କାର୍ଗିଲ୍ ବିଜୟ ଦିବସ ଭାବେ ପାଳନ କରୁଛି । କାର୍ଗିଲ୍ ବିଜୟ ଦିବସରେ ଜନ୍ମ ମାଟିରେ ଥିବା ପ୍ରତିମୂର୍ତ୍ତିରେ ବରିଷ୍ଠ କଂଗ୍ରେସ ନେତା ନାରାୟଣ ଦ୍ୱିବେଦୀ, ଜିଲ୍ଲା କଂଗ୍ରେସ ସମ୍ପାଦକ ରମେଶ ଚନ୍ଦ୍ର ବେହେରାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି, ଗ୍ରାମବାସୀ, ଜନସାଧାରଣ, ଗଣମାଧ୍ୟମ ବ୍ୟକ୍ତି ବିଶେଷଙ୍କ ସହ ବରିଷ୍ଠ ସାମ୍ବାଦିକ ଅଭୟ ଜେନା, କ୍ଷମାନିଧି ପୂଜାରୀ, ଅକ୍ଷୟ କୁମାର ଦାଶ, ଜଗତ ବଲ୍ଲଭ ନନ୍ଦ, ସୌମ୍ୟରଞ୍ଜନ ସାହୁ, କମଳାକାନ୍ତ ଦାସ ପ୍ରମୁଖ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

## ପ୍ରବଳ ବର୍ଷା ଯୋଗୁ ଉପରବାହାଲ-ରେଙ୍ଗାଲି ରାସ୍ତା ବିଚ୍ଛିନ୍ନ

# ସରଗାଡ଼ ଓ ସାନଝାଙ୍କରପାଲି ଗ୍ରାମର ୧୫ ପରିବାର ଜଳବନ୍ଦୀ

**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**

ଶନିବାର ରାତିରେ ପ୍ରବଳ ବର୍ଷା ଯୋଗୁ ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏହି ବ୍ଲକର ଉପରବାହାଲ ଠାରୁ ରେଙ୍ଗାଲିକୁ ଥିବା ପିଡବ୍ଲୁଡ଼ି ରାସ୍ତାର ଜାମଜୁରି ଗ୍ରାମ ନିକଟରେ ରାସ୍ତା ଉପରେ ୨ ଫୁଟ୍ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଉପରବାହାଲ-ରେଙ୍ଗାଲି ରାସ୍ତା ବିଚ୍ଛିନ୍ନ ହୋଇପଡ଼ିଛି। ଫଳରେ ରାସ୍ତାର ଉଭୟ ପଟରେ ଯାନବାହାନ ଅଟକି ରହିଛି। ସେହିପରି ସରଗାଡ ଗ୍ରାମର ଗୋପାଳଜୀ ପଡାରେ ରହୁଥିବା ୧୨ ଆଦିବାସୀ ପରିବାର ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ରାତିରୁ ଅନେକ ଘରକୁ ବର୍ଷା ପାଣି ପ୍ରବେଶ କରିଛି। ସରଗାଡରୁ ଉପରବାହାଲ ଗ୍ରାମକୁ ଥିବା ରାସ୍ତାରେ ଆବଶ୍ୟକ ପୋଲ ନଥିବାରୁ ବର୍ଷାଜଳ ନିଷ୍କାସନ ହୋଇନପାରି ଘର ଭିତରକୁ ବନ୍ୟା ପାଣି ପଶିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସେହିପରି ସାନ ଝାଙ୍କରପାଲି ଗ୍ରାମର ତିନୋଟି ଘରକୁ ବନ୍ୟାଜଳ ପଶିଥିବା ବେଳେ ଦୁଇଜଣଙ୍କ ଘର ଭାଙ୍ଗିଥିବା ଜଣାଯାଇଛି। ଆଗକୁ ବର୍ଷା ବଢ଼ିବାର ଆଶଙ୍କା ଥିବାରୁ ବନ୍ୟା ବିପନ୍ନଙ୍କୁ ତ୍ୱରିତ ଉଦ୍ଧାର କରାଯାଇ ସୁରକ୍ଷିତ ସ୍ଥାନରେ ରଖିବାକୁ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବା ସକାଶେ ସରଗାଡ ସମିତି ସଭ୍ୟ ବିରେନ୍ଦ୍ର ସାହୁ ଦାବି କରିଛନ୍ତି।



# ଦୋକାନ ଖୋଲିବା ପୂର୍ବରୁ ସବୁ ମଦ ଲୁଟ୍

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ଥାନା ଅନ୍ତର୍ଗତ ୫୩ନଂ ଜାତୀୟ ରାଜପଥର ଚଣ୍ଡିଖୋଲ ଗାନ୍ଧୀଛକ ନିକଟରେ ଉଦ୍‌ଘାଟନ ହେବାକୁଥିବା ମଦ ଦୋକାନରୁ ସ୍ଥାନୀୟ ଲୋକେ ତାଲା ଭାଙ୍ଗି ମଦ ସବୁ ଲୁଟି ନେଇଛନ୍ତି। ସୂଚନା ଅନୁଯାୟୀ କଣ୍ଟିଗାଡ଼ିଆ ପଞ୍ଚାୟତର ଗାନ୍ଧୀ ଛକରେ ଏହି ନୂତନ ବିଦେଶୀ ମଦ ଦୋକାନ ଉଦ୍‌ଘାଟନ ହୋଇଥାନ୍ତା। ଏହି ମଦ ଦୋକାନ ଖୋଲିବାକୁ ସ୍ଥାନୀୟ ଲୋକେ କ୍ରମାଗତ ଭାବେ ବିରୋଧ କରିଆସୁଥିଲେ। ମଧ୍ୟାହ୍ନରେ କିଛି ଲୋକ ଜବରଦସ୍ତ ପସି ସିକ୍ୟୁରିଟିଗାର୍ଡକୁ ନମାନି ଷ୍ଟୋର୍ ରୁମ୍ ତାଲା ଭାଙ୍ଗି ମଦ ଲୁଟି ନେଇଥିଲେ। ଖବରପାଇ ଧର୍ମଶାଳା ପୋଲିସ ଘଟଣାସ୍ଥଳରେ ପହଞ୍ଚି କିଛି ଲୁଟେରାଙ୍କୁ ଧରିଛି ଓ ସେମାନଙ୍କୁ ଥାନାକୁ ଆଣି ତଦନ୍ତ ଜାରି ରଖିଛି।

# ବାଲିଅନ୍ତା ହତ୍ୟା ମାମଲା:କ୍ରାଇମବ୍ରାଞ୍ଚରେ ହାଜର ହେଲେ ମୃତ ସୌମ୍ୟରଞ୍ଜନଙ୍କ ବାପା

**କଟକ, ନ୍ୟୁଜ୍ ବ୍ୟୁରୋ**

ବାଲିଅନ୍ତା ଭିଡ଼ ହତ୍ୟା ମାମଲା। କ୍ରାଇମବ୍ରାଞ୍ଚ କାର୍ଯ୍ୟାଳୟରେ ହାଜର ହେଲେ ମୃତ ସୌମ୍ୟ ରଞ୍ଜନ ସ୍ୱାଇଁଙ୍କ ବାପା ଦୁଃଶାସନ ସ୍ୱାଇଁ। ୫ ଘଣ୍ଟା ପର୍ଯ୍ୟନ୍ତ ସୌମ୍ୟଙ୍କ ବାପାଙ୍କୁ ପଚରାଉଚରା କରିଛି କ୍ରାଇମବ୍ରାଞ୍ଚ। ସୌମ୍ୟଙ୍କ ଗୁରୁତ୍ୱପୂର୍ଣ୍ଣ ଫୋନ୍‌କୁ କ୍ରାଇମ୍‌ବ୍ରାଞ୍ଚରେ ଦାଖଲ କଲେ ସୌମ୍ୟଙ୍କ ବାପା। ଫୋନ୍‌ରେ ରହିଛି ମୃତ୍ୟୁ ପୂର୍ବରୁ ନିଲମ୍ବିତ ଏଡିଜି ଦୟାଲ ଗଙ୍ଗୱାରଙ୍କ ସହ ସୌମ୍ୟଙ୍କ ମେସେଜ୍। ଚାର୍ଜସିଟ୍‌ରେ ସୌମ୍ୟଙ୍କ ମୃତ୍ୟୁ ପଛର ଷଡ଼ଯନ୍ତ୍ର ଓ କାରଣକୁ ସାମ୍ନାକୁ ଅଣାଯାଉ। ଆମକୁ ନ୍ୟାୟ ଦିଆଯାଉ। ବୟାନ ଦେଇଥିବା ଦୁଇ ଯୁବତୀଙ୍କ ଲାଏ ଡିଟେକ୍ସନ୍ ଟେଷ୍ଟ କରାଯାଉ। ସୌମ୍ୟଙ୍କ ଗାଡ଼ି ଚାବି ରଖିଥିବା ବିରଞ୍ଚିକୁ ତଦନ୍ତ ପରିସରଭୁକ୍ତ କରାଯାଉ ବୋଲି ସୌମ୍ୟଙ୍କ ବାପା ଓ ତାଙ୍କର ଜଣେ ସାଙ୍ଗ ଦାବି କରିଛନ୍ତି। ତେବେ ମୋବାଇଲ୍‌ରେ ସୌମ୍ୟ ଏବଂ ନିଲମ୍ବିତ ଏଡିଜି ଦୟାଲ ଗଙ୍ଗୱାରଙ୍କୁ କରିଥିବା ମେସେଜ୍‌କୁ କ୍ରାଇମବ୍ରାଞ୍ଚ କିଭଳି ଦୃଷ୍ଟିରେ ନେଉଛି ତାକୁ ନେଇ ତନାଘନା ଆରମ୍ଭ ହୋଇଛି। ଚାର୍ଜସିଟ୍ ପୂର୍ବରୁ ସୌମ୍ୟଙ୍କ ବାପା କ୍ରାଇମ୍‌ବ୍ରାଞ୍ଚରେ ହାଜର ହେବାକୁ ନେଇ ଚର୍ଚ୍ଚା ଧରିଛି। ସୌମ୍ୟଙ୍କର ଆଉ ଏକ ମୋବାଇଲ୍ ଯାହା ସୌମ୍ୟଙ୍କ ମା'ଙ୍କ ପାଖରେ ରହିଥିଲା ତାକୁ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରିଥିଲେ ସୌମ୍ୟଙ୍କ ବାପା। ମୋବାଇଲ୍‌ରେ ସୌମ୍ୟ ହତ୍ୟାକାଣ୍ଡ ସହ ଜଡ଼ିତ କିଛି ରହସ୍ୟ ରହିଥିବା ସୌମ୍ୟଙ୍କ ବାପା ଦାବି କରିଛନ୍ତି। ସୌମ୍ୟ ଯେଉଁଦିନ ଭିଡ଼ ହିଂସାର ଶିକାର ହୋଇଥିଲା ସେହିଦିନ ସକାଳେ ସେ ନିଲମ୍ବିତ ଆଇପିଏସ୍ ଏଡିଜି ଦୟାଲ ଗଙ୍ଗୱାର୍‌ଙ୍କୁ ମେସେଜ୍ କରିଛି। ମୋତେ କ୍ଷମା କରିଦେବ। ଆଉ ଏପରି ଭୁଲ୍ କେବେ ହେବନାହିଁ ବୋଲି ମେସେଜ୍ ଆଇପିଏସ୍ ଦୟାଲ୍ ଗଙ୍ଗୱାରଙ୍କୁ ସୌମ୍ୟ ପଠାଇଛି। କେବଳ ସେତିକି ନୁହେଁ ୫ ଘଣ୍ଟା ପଛର ଉଚ୍ଚର ସମୟରେ ସୌମ୍ୟ ମୃତ୍ୟୁ ପଛର ଥିବା ଷଡ଼ଯନ୍ତ୍ର, ଷଡ଼ଯନ୍ତ୍ରକାରୀ ଏବଂ ହତ୍ୟା ପଛର କାରଣ ଦର୍ଶାଇବାକୁ ଦାବି କରିଛି। ଦୁଇ ଝିଅଙ୍କ ସତ ମିଛ ପରୀକ୍ଷା କରାଯିବା ପାଇଁ ଦାବି କରିବା ସହ ସୌମ୍ୟ ମୃତ୍ୟୁ ମାମଲାରେ ନ୍ୟାୟ ଦିଆଯାଉ ବୋଲି ଦାବି କରିଛନ୍ତି ସୌମ୍ୟଙ୍କ ବାପା ଦୁଃଶାସନ ସ୍ୱାଇଁ ।

# ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ଯୋଗୁ ବିଦ୍ୟାଳୟରେ ପାଠ ପଢ଼ା ବାଧାପ୍ରାପ୍ତ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରକାଶିତ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟ ପୁସ୍ତକରେ ତ୍ରୁଟି ବିରୁଦ୍ଧରେ ଶିକ୍ଷା ବଞ୍ଚାଅ କମିଟିର କେନ୍ଦ୍ରାପଡା ଶାଖା ପକ୍ଷରୁ ଛାତ୍ର, ଶିକ୍ଷକ, ଅଭିଭାବକ ଓ ଶିକ୍ଷା ପ୍ରେମୀ ଜନସାଧାରଣଙ୍କର ଏକ ସଭା ଓଷ୍ଟା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସରକାର ଚଳିତ ବର୍ଷ ଯେଉଁ ପ୍ରଥମରୁ ଅଷ୍ଟମଶ୍ରେଣୀ ପାଠ୍ୟପୁସ୍ତକ ଯୋଗାଇ ଦେଇଛନ୍ତି ସେଗୁଡିକର ବ୍ୟାପକ ତ୍ରୁଟି ପରିଲକ୍ଷିତ ହେବା ପରଠାରୁ ସ୍କୁଲରେ ପାଠପଢା କ୍ଷେତ୍ରରେ ସମ୍ପୂର୍ଣ୍ଣ ଅଚଳାବସ୍ଥା ସୃଷ୍ଟି ହୋଇଛି। ସରକାର ଯେଉଁ ସଂଶୋଧନ ପୁସ୍ତିକା ଯୋଗାଇଦେଇ ସେଗୁଡ଼ିକୁ ଦେଖି ପାଠ ପଢେଇବାକୁ ନିର୍ଦ୍ଦେଶ ଦେଇଛନ୍ତି ସେଥିରେ ମଧ୍ୟ ବ୍ୟାପକ ତ୍ରୁଟି ରହିଛି। ଖାଲି ବନାନ ତ୍ରୁଟି ନୁହେଁ ବହୁ ମୌଳିକ ଓ ବିଚାରବନ୍ତ ତ୍ରୁଟି ପରିଲକ୍ଷିତ ହୋଇଛି। ଏପରିକି ବିଜ୍ଞାନକୁ ଭିତ୍ତି କରି ଯେଉଁଗୁଡିକ ଭୁଲ୍ ଓ ଅନ୍ଧ ବିଶ୍ୱାସ ବୋଲି ପ୍ରମାଣିତ ହୋଇଛି ଏକ ଧର୍ମ ନିରପେକ୍ଷ ଓ ଗଣତାନ୍ତ୍ରିକ ରାଷ୍ଟ୍ରର ବିଚାରର ପରିପନ୍ଥୀ ସେସବୁ ମଧ୍ୟ ଏହି ପାଠ୍ୟପୁସ୍ତକର ବିଷୟବସ୍ତୁରେ ସାମିଲ୍ କରାଯାଇଛି। ଏହି ଘଟଣା ଜଣାପଡିବା ପରେ ଦେଶରେ ଶିକ୍ଷା ଆନ୍ଦୋଳନ କ୍ଷେତ୍ରରେ ଅଗ୍ରଣୀ ସଂଗଠନ ସାରା ଭାରତ ଶିକ୍ଷା ବଞ୍ଚାଅ କମିଟି ଓଡ଼ିଶା ଶାଖା ତରଫରୁ ସାରା ରାଜ୍ୟରେ ଏହାର ପ୍ରତିବାଦ କରାଯାଉଛି। ଏହି ଆନ୍ଦୋଳନରେ ଧାରାବାହିକତାରେ କେନ୍ଦ୍ରାପଡା ଠାରେ ଏକ ସଭା ଅନୁଷ୍ଠିତ ହୋଇ ସରକାର ଏହି ପଠନ ଅଯୋଗ୍ୟା ପାଠ୍ୟ ପୁସ୍ତକ ଗୁଡିକୁ ତୁରନ୍ତ ପ୍ରତ୍ୟାହାର କରି ରାଜ୍ୟର ଅଭିଜ୍ଞ ଶିକ୍ଷକ ଓ ଶିକ୍ଷାବିତ୍ ମାନଙ୍କ ସହଯୋଗରେ ନୂତନ ପାଠ୍ୟପୁସ୍ତକ ପ୍ରସ୍ତୁତ କରି ଛାତ୍ରଛାତ୍ରୀ ମାନଙ୍କୁ ଯୋଗାଇ ଦେବାକୁ ଦାବି କରାଯାଇଛି। କେନ୍ଦ୍ରାପଡା ଜିଲ୍ଲା ଶିକ୍ଷା ବଞ୍ଚାଅ କମିଟିର ସଭାପତି ପବିତ୍ର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ରାଜ୍ୟ ସମ୍ପାଦକ ସୁବାସ ନାୟକ, ଅନ୍ୟତମ ରାଜ୍ୟ ସଂଗଠକ ଓ ଡେମୋକ୍ରେଟିକ୍ ଟିଚର୍ସ ସଂଘର ରାଜ୍ୟ ସଭାପତି ବିଭୁତି ଭୂଷଣ ନାୟକ, ଶିକ୍ଷା ବଞ୍ଚାଅ କମିଟି ଜିଲ୍ଲା ସମ୍ପାଦକ ସୁରେନ୍ଦ୍ର ବେହେରା, ସାହିତ୍ୟ ସଂସଦର ସଭାପତି କରୁଣାକର ଦାସ, ଓଷ୍ଟାର ପୂର୍ବତନ ସଭାପତି ନିର୍ମଳ ଚନ୍ଦ୍ର ନାୟକ, ବର୍ତ୍ତମାନର ସଭାପତି ଭଗବାନ ଦାସ ଓ କେଦାରନାଥ ସାମନ୍ତରାୟ ଉପସ୍ଥିତ ଥିଲେ।




# ସ୍ତ୍ରୀ ସାମ୍ନାରେ ସ୍ୱାମୀଙ୍କୁ ହତ୍ୟା ଘଟଣା:ବାପ ପୁଅ କୋର୍ଟ ଚାଲାଣ

**ମୁଖୀଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନା ଅନ୍ତର୍ଗତ କୁମକୋର ଗ୍ରାମରେ ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଘଟିଥିବା ହତ୍ୟାକାଣ୍ଡରେ ସଂପୃକ୍ତ ବାପ-ପୁଅ ଜଗନ୍ନାଥ ଶବର ଓ ଦେସରାମ ଶବରଙ୍କୁ ଜୟପାଟଣା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ସୂଚନା ଅନୁଯାୟୀ, ଗତ ୨୪ ତାରିଖରେ ମୃତକ ସୁବେ ଶବର (୫୦) ଓ ତାଙ୍କ ସ୍ତ୍ରୀ ସତ୍ୟ ଶବର ଚାଷ ଜମିରୁ ଫେରୁଥିବା ବେଳେ ପୂର୍ବରୁ ଛକି ରହିଥିବା ଅଭିଯୁକ୍ତ ବାପ-ପୁଅ ଲାଠି ଓ ଛୁରୀରେ ସୁବେଙ୍କୁ ଆକ୍ରମଣ କରିଥିଲେ। ଗୁରୁତର ଆହତ ସୁବେଙ୍କୁ ପରିବାର ଓ ଗ୍ରାମବାସୀ ଉଦ୍ଧାର କରି ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ପରେ ପୋଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ପୂର୍ବରୁ ଜମିବାଡ଼ି ବିବାଦ ଲାଗି ରହିଥିଲା ଏବଂ ସିଭିଲ୍ ମାମଲାର ରାୟ ସୁବେ ଶବରଙ୍କ ସପକ୍ଷରେ ଆସିବା ପରେ ଏହି ହତ୍ୟାକାଣ୍ଡ ଘଟିଛି ।

# ସ୍ୱାଧୀନତା ସଂଗ୍ରାମୀ ପାର୍ବତୀ ଗିରିଙ୍କୁ ଜାତୀୟ ସମ୍ମାନ ପ୍ରଦାନ ପାଇଁ ସଂସଦରେ ଉଠିଲା ଦାବି

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**



ବରଗଡ଼ ଲୋକସଭା ସାଂସଦ ପ୍ରଦୀପ ପୁରୋହିତ ଲୋକସଭାରେ ନିୟମ-୩୭୭ ଅଧୀନରେ ଓଡ଼ିଶାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବୀରାଙ୍ଗନା ପାର୍ବତୀ ଗିରିଙ୍କୁ ଯଥୋଚିତ ଜାତୀୟ ସମ୍ମାନ ପ୍ରଦାନ ପାଇଁ ଦାବି ଉଠାଇଛନ୍ତି। ସାଂସଦ ପୁରୋହିତ ସଦନରେ କହିଥିଲେ ଯେ, ୧୯ ଜାନୁଆରୀ ୧୯୨୬ରେ ଜନ୍ମଗ୍ରହଣ କରିଥିବା ପାର୍ବତୀ ଗିରିଙ୍କ ଜନ୍ମ ଶତବାର୍ଷିକୀ ବର୍ଷ ୨୦୨୬ରେ ପୂରଣ ହୋଇଛି। ଅଳ୍ପ ବୟସରୁ ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ପ୍ରେରିତ ହୋଇ ସେ 'ଭାରତ ଛାଡ଼ ଆନ୍ଦୋଳନ'ରେ ସକ୍ରିୟ ଭାଗ ନେଇଥିଲେ । କାରାବାସ ଭୋଗ କରିଥିଲେ ଏବଂ ବ୍ରିଟିଶ ଶାସନ ବିରୋଧରେ ସଂଗ୍ରାମ କରିଥିଲେ। ତାଙ୍କର ସାହସ, ତ୍ୟାଗ ଓ ନେତୃତ୍ୱ ଆଜି ମଧ୍ୟ ଦେଶବାସୀଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଛି। ସ୍ୱାଧୀନତା ପରେ ପାର୍ବତୀ ଗିରି ନିଜ ଜୀବନକୁ ସମାଜସେବା, ମହିଳା ସଶକ୍ତିକରଣ, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଅସହାୟ ଶିଶୁମାନଙ୍କ କଲ୍ୟାଣ ପାଇଁ ସମର୍ପିତ କରିଥିଲେ। ଗତ ଡିସେମ୍ବର ମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ତାଙ୍କୁ ଶ୍ରଦ୍ଧା ପୂର୍ବକ ସ୍ମରଣ କରିଥିଲେ । ରାଷ୍ଟ୍ରପତିଙ୍କ ଦ୍ୱାରା ସମ୍ମାନିତ ହୋଇଥିଲେ ମଧ୍ୟ ଜାତୀୟ ସ୍ତରରେ ତାଙ୍କୁ ଯଥେଷ୍ଟ ପରିଚୟ ମିଳିନଥିବା ଉଲ୍ଲେଖ କରି ସାଂସଦ ପୁରୋହିତ କେନ୍ଦ୍ର ସରକାରଙ୍କୁ ତାଙ୍କ ଜନ୍ମ ଶତବାର୍ଷିକୀକୁ ଜାତୀୟ ସ୍ତରରେ ପାଳନ କରିବାକୁ ଅନୁରୋଧ କରିଛନ୍ତି। ସେ ଆହୁରି ଦାବି କରିଛନ୍ତି ଯେ ପାର୍ବତୀ ଗିରିଙ୍କ ଜୀବନ ଉପରେ ଆଧାରିତ "ବଡ଼ମା" ନାମରେ ଏକ ଜାତୀୟ ଜୀବନୀଚିତ୍ର (ବାୟୋପିକ୍) ପ୍ରଦର୍ଶନ କରାଯାଉ ଏବଂ ଭାରତୀୟ ଡାକ ବିଭାଗ ପକ୍ଷରୁ ତାଙ୍କ ନାମରେ ସ୍ମାରକ ଡାକ ଟିକଟ ପ୍ରକାଶ କରାଯାଉ। ଏହା ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବା ସହିତ ଯୁବପିଢ଼ିଙ୍କୁ ରାଷ୍ଟ୍ରସେବା, ତ୍ୟାଗ ଓ ସମର୍ପଣର ପ୍ରେରଣା ଯୋଗାଇବ ବୋଲି ସେ ମତ ପ୍ରକାଶ କରିଛନ୍ତି।

# ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଏମ୍ଆର୍‌ଙ୍କ ପ୍ରବେଶ କଟକଣା ଉଲ୍ଲଂଘନ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ସକାଳ ୯ରୁ ଅପରାହ୍ନ ୫ଟା ମଧ୍ୟରେ ସମସ୍ତ ସରକାରୀ ଡାକ୍ତରଖାନାର ଓପିଡ଼ିରେ ମେଡ଼ିସିନ୍ ରିପ୍ରେଜେଣ୍ଟେଟିଭ୍‌ଙ୍କ ପ୍ରବେଶ ଉପରେ କଟକଣା ଲାଗୁ ହୋଇଛି। କିନ୍ତୁ ବ୍ରହ୍ମପୁର ବଡ଼ ଡାକ୍ତରଖାନରେ ହିଁ ଏହାର ଖୋଲାଖୋଲି ଉଲ୍ଲଂଘନ ହେଉଛି । କିଛି ଅସାଧୁ କର୍ମଚାରୀ ଓ ସୁରକ୍ଷାକର୍ମୀଙ୍କ ସହ ସଲାସୁତୁରା କରି ଏମ୍ଆର୍‌ମାନେ ଡାକ୍ତରଙ୍କ ଚାମ୍ବର ଭିତରେ ପ୍ରବେଶ କରୁଛନ୍ତି । ଯେଉଁ ସମୟରେ ରୋଗୀଙ୍କ ଭିଡ଼ ଲାଗି ରହୁଛି । ଫଳରେ ଘଣ୍ଟା ଘଣ୍ଟା ଧରି ଟିକଟ କାଟି ଅପେକ୍ଷା କରିଥିବା ରୋଗୀ ସମସ୍ୟା ଭୋଗୁଛନ୍ତି । ଯାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ବ୍ରହ୍ମପୁର ବଡ଼ ଡାକ୍ତରଖାନାର ଆଉଟ୍‌ଡ଼ୋର୍‌ରେ ଥିବା ଚର୍ମ ଓ ଯୌନରୋଗ ବିଭାଗରେ । ଅପରାହ୍ନ ପ୍ରାୟ ସାଢ଼େ ୪ଟାରେ ଏଠାରେ ରୋଗୀ ଡାକ୍ତରଙ୍କୁ ଅପେକ୍ଷା କରିଥିଲେ । ଏହି ସମୟରେ କିଛି ଏମ୍ଆର୍ ସେମାନଙ୍କ ବୁକ୍‌ଲେଟ୍ ଧରି ଡାକ୍ତରଙ୍କ ଚାମ୍ବରରେ ପ୍ରବେଶ କରିଥିଲେ । ଗେଟ୍‌ରେ ଜଗିଥିବା ସୁରକ୍ଷାକର୍ମୀ ଓ ପାଖରେ ବସିଥିବା ଆଟେଣ୍ଡାଣ୍ଟ ସେମାନଙ୍କୁ ବାରଣ କରିନଥିଲେ । ସେମାନେ ଚାମ୍ବରରେ ବହୁ ସମୟ ଧରି ବୁକ୍‌ଲେଟ୍ ଦେଖାଇ ଚାଲିଥିଲେ । ଯାହାକୁ ନେଇ ଅପେକ୍ଷାରତ ରୋଗୀ ଓ ସମ୍ପର୍କୀୟମାନେ ଅସନ୍ତୋଷ ପ୍ରକାଶ କରିଥିଲେ । ଆମେ ବହୁ ଦୂରରୁ ଆସି ବହୁ ସମୟ ଧରି ଅପେକ୍ଷା କରୁଥିବାବେଳେ ଗାର୍ଡ଼ମାନେ ବିଭାଗର ପଛପଟ ଫାଟକ ଦେଇ ଏମ୍ଆର୍‌ମାନଙ୍କୁ ଭିତରେ ପ୍ରବେଶ କରାଉଛନ୍ତି ବୋଲି ସେମାନେ ଅଭିଯୋଗ କରିଥିଲେ । ଏହା ନିତିଦିନିଆ ଘଟଣା ହୋଇଥିଲେ ମଧ୍ୟ ମେଡ଼ିକାଲ୍ କର୍ତ୍ତୃପକ୍ଷ ସବୁ ଜାଣି ଅଜଣା ରହୁଛନ୍ତି । ଫଳରେ ରୋଗୀମାନେ ହନ୍ତସନ୍ତ ହେଉଛନ୍ତି । ଏଭଳି ଘଟଣା ପ୍ରାୟ ସମସ୍ତ ବିଭାଗରେ ଦେଖିବାକୁ ମିଳିଛି । ଏନେଇ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି ।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ-୯୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




ସନ- ୧୪୩୩ ସାଲ, ଶକାବ୍ଦ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୮।୦୭।୨୦୨୬, ଶ୍ରାବଣ ଦ୧୨ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ ୫।୨୧।୫୯ ଚନ୍ଦ୍ରୋଦୟ- ସଂଘ ୫।୪୩।୦୪**

ଚତୁର୍ଦ୍ଦଶୀ ସଂଘ ୬।୨୧ ପର୍ଯ୍ୟନ୍ତ। ପୂର୍ବାଷାଢ଼ା ନକ୍ଷତ୍ର ଦିଘ ୧।୧୩ ପର୍ଯ୍ୟନ୍ତ। ଧନୁ ଚନ୍ଦ୍ର ରାଘ ୭।୫୦ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, କର୍କଟ, ସିଂହ, ବିଛା, ଧନୁ, ମୀନ ରାଶିର । ରାଘ ୭।୫୦ ଗତେ ମେଷ, ବୃଷ, କର୍କଟ, କନ୍ୟା, ବିଛା, ଧନୁ, ମକର, ମୀନ ରାଶିର । **ଘାତଚନ୍ଦ୍ର-** ତୁଳା ଓ କୁମ୍ଭ ରାଶିର । ରାଘ ୭।୫୦ ଗତେ ସିଂହ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବିରି ସଂଘ ୬।୨୧ ଗତେ ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୮।୪୦ ଗତେ ଦିଘ ୧୦।୩୭ ମଧ୍ୟେ। ଦିଘ ୧।୧୨ ଗତେ ଦିଘ ୧।୩୧ ମଧ୍ୟେ ।


**ମେଷ:** ଲୋକ ସମ୍ପର୍କ ବୃଦ୍ଧି ପାଇବ। କଷ୍ଟ କାର୍ଯ୍ୟରେ ସଫଳତା ମିଳିବ। ଆୟ ଓ ବ୍ୟୟ ସମାନ ରହିବ। ଗୃହରେ ସୁଖ ଶାନ୍ତି ବଜାୟ ରହିବ। ଦେବ ଦର୍ଶନ ସାଙ୍ଗକୁ ସେବା ପୂଜାରେ ମନ ଦେବେ ।


**ବୃଷ:** ପାରିବାରିକ ସୁଖ ହାନି ଘଟିବ। ଦେହ ଅସୁସ୍ଥ ରହିବ। କର୍ମକ୍ଷେତ୍ରରେ ଅସହଯୋଗ ଦେଖାଦେବ। ଆୟ ଠାରୁ ବ୍ୟୟର ମାତ୍ରା ବଢ଼ିବ। ଠକାମିର ଶିକାର ହୋଇପାରନ୍ତି। ଅଯଥା ଭ୍ରମଣ ଯୋଗ ରହିଛି ।


**ମିଥୁନ:** ଆଜି ଆପଣଙ୍କର ମନ ପ୍ରଫୁଲ୍ଲ ରହିବ। ଦିନଟି ଆନନ୍ଦ ଉତ୍ସବରେ କଟିବ। ସାମାଜିକ ସ୍ତରରେ ଲୋକ ସମ୍ପର୍କ ବଢ଼ିବ। ଶତ୍ରୁମାନେ ପରାଜିତ ହେବେ। ଶୁଭ ଖବର ମିଳିପାରେ। ଗୃହେ ଆନନ୍ଦ ରହିବ ।


**କର୍କଟ:** ଆଜି ଆପଣଙ୍କର ସମସ୍ତ କାର୍ଯ୍ୟ ସଫଳ ହେବ । ଦୁଃସାହସିକ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ । ଆର୍ଥିକ ସ୍ଥିତି ସୁଦୃଢ଼ ହେବ। ମହିଳାମାନେ ଗୃହ କାର୍ଯ୍ୟରେ ମନ ଦେବେ। ଶରୀର ସୁସ୍ଥ ରହିବ ।


**ସିଂହ:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ପରାମର୍ଶ ଲୋଡ଼ି କାର୍ଯ୍ୟ କରିବେ। ଭ୍ରମଣ ଯୋଗ ମଧ୍ୟ ରହିଛି। ପିଲାମାନେ ପାଠ ପଢ଼ାରେ ମନ ଦେବେ। ରୋଜଗାର ମଧ୍ୟମ ଧରଣର ହେବ। ମାଲିମୋକଦ୍ଦମାରେ ସଫଳତା ମିଳିବ ।


**କନ୍ୟା:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ କଳହ ସୃଷ୍ଟି ହେବ। ଏଣୁ ସଦାସର୍ବଦା ଚିନ୍ତା ଲାଗି ରହିବ। ଆର୍ଥିକ ସ୍ଥିତି ମାନ୍ଦା ରହିବ। କୌଣସି କାମରେ ମନ ଲାଗିବନାହିଁ। ସମସ୍ତ ଆଡ଼କୁ ନଜର ରଖି କାର୍ଯ୍ୟ କରିବେ ।


**ତୁଳା:** ଧୈର୍ଯ୍ୟର ପରିମାଣ ବଢ଼ିବ। ଘାତଚନ୍ଦ୍ର ହେତୁ ସାବଧାନତା ଅବଲମ୍ବନୀୟ। ଦ୍ରବ୍ୟ ହାନୀ ଘଟିବ। ଗୃହରେ କଳହ ଓ ଦ୍ୱନ୍ଦ୍ୱ ସୃଷ୍ଟି ହେବ। ଶତ୍ରୁଙ୍କ ହେତୁ ସମସ୍ୟା ଦେଖାଦେବ। କର୍ମକ୍ଷେତ୍ରରେ ଅସହଯୋଗ ଦେଖାଦେବ ।


**ବିଛା:** ପରିଶ୍ରମ ତୁଳନାରେ ପାରିଶ୍ରମିକ ମିଳିବନାହିଁ। ମନ ପ୍ରଫୁଲ୍ଲ ରହିବ। ଶତ୍ରୁମାନେ ପରାସ୍ତ ହେବେ। ବ୍ୟୟ ଅଧିକ ହେବ। ପାରିବାରିକ ସହଯୋଗ ମିଳିବ । ମହିଳାମାନେ ସୁଖୀ ହେବେ ।


**ଧନୁ:** ଆଜି ଆପଣଙ୍କର ଦିନଟି ଆନନ୍ଦଦାୟକ ହେବ। ବ୍ୟବସାୟରେ ଲାଭବାନ୍ ହେବେ। ମହିଳାମାନେ ସୁଖୀ ହେବେ। ରୋଜଗାରରେ ଉନ୍ନତି ହେବ। ପାରିବାରିକ ସୁଖ ଶାନ୍ତି ଲାଭ ହେବ। ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ ।


**ମକର:** ଚାକିରୀ କ୍ଷେତ୍ରରେ ପଥରୋଧର ସମ୍ମୁଖୀନ ହେବେ। ଦେହ ଓ ମନ ଭଲ ରହିବ। ଅଯଥା ବ୍ୟୟର ପରିମାଣ ବଢ଼ିବ। ପିଲାମାନେ ପଢ଼ାପଢ଼ିରେ ମାନ୍ଦା ହେବେ। ଘରେ ପ୍ରତିରୋଧର ଶିକାର ହେବେ ।


**କୁମ୍ଭ:** ଆଜି ଆପଣଙ୍କର ଘାତଚନ୍ଦ୍ର। ଏଣୁ ସାବଧାନତା ଅବଲମ୍ବନୀୟ। ପରିବହନ କ୍ଷେତ୍ରରେ ସମସ୍ୟା ଦେଖାଦେବ। ଶାରୀରିକ ଅସୁସ୍ଥତା ଦେଖାଦେବ। ଆୟରେ ଉନ୍ନତି ହେବ। ପାରିବାରିକ କଳହ ସୃଷ୍ଟି ହେବ ।


**ମୀନ:** ଦୁଃସାହସିକ କାର୍ଯ୍ୟ କରି କୃତ କାର୍ଯ୍ୟ ହେବେ। ସମସ୍ତ କାର୍ଯ୍ୟ ସୁରୁଖୁରୁରେ ହେବ। ଦୂର ଯାତ୍ରାରେ ସଫଳତା ପ୍ରାପ୍ତ ହେବ। ଆୟ ଓ ବ୍ୟୟ ସମାନ ରହିବ। ଗୃହେ ସୁଖ ଶାନ୍ତି ଅବ୍ୟାହତ ରହିବ ।

# ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୯।୦୭।୨୦୨୬, ଶ୍ରାବଣ ଦ୧୩ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ ୫।୨୩।୨୦ ଚନ୍ଦ୍ରୋଦୟ- ସଂଘ ୬।୨୫।୧୮**

ପୂର୍ଣ୍ଣିମା ରାଘ ୮।୦୭ ପର୍ଯ୍ୟନ୍ତ। ଉତ୍ତରାଷାଢ଼ା ନକ୍ଷତ୍ର ଦିଘ ୩।୩୯ ପର୍ଯ୍ୟନ୍ତ। ମକର ଚନ୍ଦ୍ର ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, କନ୍ୟା, ବିଛା, ଧନୁ, ମକର, ମୀନ ରାଶିର । **ଘାତଚନ୍ଦ୍ର-** ସିଂହ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଆମିଷ ରାଘ ୮।୦୭ ଗତେ ପାଣି କଖାରୁ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୨୭ ଗତେ ଦିଘ ୭।୧୧ ମଧ୍ୟେ। ଦିଘ ୨।୦୫ ଗତେ ଦିଘ ୫।୩୧ ମଧ୍ୟେ । **ପର୍ବୋତ୍ସବ-** ବ୍ୟାସ ଓ ଗୁରୁ ପୂର୍ଣ୍ଣିମା, ଚନ୍ଦ୍ରପୂଜା ଓ ଉପବାସ, ଶରଣଂ।

ସମ୍ବାଦ କଳିକା
32 YEARS
ସମ୍ପାଦକୀୟ

# ବିନା OTP ଏବଂ PINରେ ବି କଟି ଯାଇପାରେ ଟଙ୍କା, ଚାଲିଛି ସ୍କାମ

ଡିଜିଟାଲ୍ ପେମେଣ୍ଟର ବର୍ଦ୍ଧିତ ବ୍ୟବହାର ସହିତ, ସାଇବର ଠକେଇର ନୂଆ ନୂଆ ତରିକା ମଧ୍ୟ ସାମ୍ନାକୁ ଆସୁଛି। ଏଥି ମଧ୍ୟରୁ ଗୋଟିଏ ହେଉଛି NFC ଠକେଇ । ଯେଉଁଥିରେ ଠକମାନେ କାହାର କାର୍ଡ ନ ନେଇ କିମ୍ବା ସେମାନଙ୍କର PIN ନ ମାଗି ଟାର୍ଗେଟ କରିବାକୁ ଚେଷ୍ଟା କରନ୍ତି । ଏହି ସ୍କାମରେ OTP କିମ୍ବା ପାସୱାର୍ଡ ନ ମାଗି ଆପଣଙ୍କ ୱାଲେଟ୍ ସଫା କରି ହେବ । NFC ଠକେଇରେ, ଠକମାନେ ଟ୍ୟାପ୍-ଏଣ୍ଡ-ପେ ବୈଶିଷ୍ଟ୍ୟର ସୁଯୋଗ ନିଅନ୍ତି । ଯଦି ଆପଣଙ୍କ ଡେବିଟ୍ କିମ୍ବା କ୍ରେଡିଟ୍ କାର୍ଡରେ କଣ୍ଟାକ୍ଟଲେସ୍ ପେମେଣ୍ଟ (ଟ୍ୟାପ୍-ଟୁ-ପେ) ସକ୍ଷମ ଅଛି, ତେବେ ଆପଣ ଟାର୍ଗେଟ ହୋଇପାରନ୍ତି । ତେଣୁ, ଏହି ଠକେଇ କିପରି କାମ କରେ ଏବଂ ଏହାକୁ ଏଡାଇବା ପାଇଁ କ'ଣ ସତର୍କତା ଅବଲମ୍ବନ କରାଯିବା ଉଚିତ ତାହା ବୁଝିବା ଗୁରୁତ୍ୱପୂର୍ଣ୍ଣ । NFC, କିମ୍ବା ନିକଟ କ୍ଷେତ୍ର ଯୋଗାଯୋଗ, ଏକ ଏପରି ପ୍ରଯୁକ୍ତିବିଦ୍ୟା ଯାହା କାର୍ଡ ପାଖରେ ଫୋନ୍ କିମ୍ବା ବ୍ୟାଙ୍କ କାର୍ଡ ଆଣି କଣ୍ଟାକ୍ଟଲେସ୍ ପେମେଣ୍ଟ କରିବାକୁ ଅନୁମତି ଦିଏ । ସାଇବର ଅପରାଧୀମାନେ ଏହି ଟେକନିକର ଫାଇଦା ଉଠାଇବାକୁ ଚେଷ୍ଟା କରନ୍ତି । ଯଦି ଏକ କାର୍ଡରେ ଟ୍ୟାପ୍-ଟୁ-ପେ ସିଷ୍ଟମ୍ ସକ୍ଷମ ଥାଏ ଏବଂ କାର୍ଡ ରିଡରର ବହୁତ ନିକଟତର ଥାଏ, ତେବେ ଟଙ୍କା କାରବାର କରିବାକୁ ଚେଷ୍ଟା କରା ଯାଇ ପାରିବ । ଏହି କାରଣରୁ ଲୋକମାନଙ୍କୁ ଭିଡ଼ ସ୍ଥାନରେ ଅଧିକ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି । ଯାହା ଦ୍ୱାରା ସେମାନଙ୍କର କାର୍ଡ କୌଣସି ଅଜଣା ଡିଭାଇସ୍ ସହିତ ସଂସ୍ପର୍ଶରେ ନ ଆସେ । ଯେଉଁମାନଙ୍କର ଡେବିଟ୍ କିମ୍ବା କ୍ରେଡିଟ୍ କାର୍ଡରେ କଣ୍ଟାକ୍ଟଲେସ୍ ପେମେଣ୍ଟ ସକ୍ଷମ ଅଛି , ସେମାନେ ତାଙ୍କର କାର୍ଡ ଏବଂ ଫୋନ୍ ସୁରକ୍ଷା ପ୍ରତି ବିଶେଷ ଧ୍ୟାନ ଦେବା ଉଚିତ । ବସ୍ ଭିଡ଼ରେ, ମେଟ୍ରୋ ଷ୍ଟେସନ, ବଜାର କିମ୍ବା ସାର୍ବଜନୀନ ସ୍ଥାନରେ ଯାତ୍ରା କରିବା ସମୟରେ ଆପଣଙ୍କର ବ୍ୟାଗ୍ ଏବଂ ୱାଲେଟ୍ ସୁରକ୍ଷିତ ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଯଦି ଆପଣଙ୍କୁ ଏହି ସୁବିଧାର ଆବଶ୍ୟକତା ନାହିଁ, ତେବେ ଏହାକୁ ଅକ୍ଷମ କରିବା ପାଇଁ ଆପଣ ଆପଣଙ୍କର ବ୍ୟାଙ୍କ ସହିତ ଯୋଗାଯୋଗ କରିପାରିବେ। ଆପଣ ବ୍ୟାଙ୍କ କିମ୍ବା କାର୍ଡ ଆପ୍ ବ୍ୟବହାର କରି ଏହାକୁ ନିୟନ୍ତ୍ରଣ ମଧ୍ୟ କରିପାରିବେ । ଯେକୌଣସି ସନ୍ଦେହଜନକ କାରବାର ପ୍ରତି ତୁରନ୍ତ ସତର୍କ ହେବା ପାଇଁ ବ୍ୟାଙ୍କ କାରବାର ସତର୍କତା ଉପରେ ନଜର ରଖିବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । NFC ଠକେଇରୁ ରକ୍ଷା ପାଇବା ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସର୍ବଦା ଆପଣଙ୍କ କାର୍ଡ ଏବଂ ଫୋନ୍‌କୁ ସୁରକ୍ଷିତ ରଖିବା ଏବଂ ଅଜଣା ବ୍ୟକ୍ତିମାନଙ୍କ ସଂସ୍ପର୍ଶରେ ନ ଆସିବା କିମ୍ବା ଅତି ନିକଟତର ହେବାକୁ ନ ଦେବା । କୌଣସି ଅଜଣା କାରବାରକୁ ତୁରନ୍ତ ଚିହ୍ନଟ କରିବା ପାଇଁ ନିୟମିତ ଭାବରେ ନିଜର ବ୍ୟାଙ୍କ ଆକାଉଣ୍ଟ SMS ଏବଂ ବିଜ୍ଞପ୍ତି ଯାଞ୍ଚ କରିବା। ଯଦି ଆପଣଙ୍କର କାର୍ଡ ହଜି ଯାଏ କିମ୍ବା କୌଣସି ସନ୍ଦେହଜନକ କାର୍ଯ୍ୟକଳାପ ଲକ୍ଷ୍ୟ କରନ୍ତି, ତେବେ ଏହାକୁ ତୁରନ୍ତ ବ୍ୟାଙ୍କକୁ ଜଣାନ୍ତୁ। ଟିକିଏ ସତର୍କତା ଆପଣଙ୍କୁ ଡିଜିଟାଲ୍ ଠକେଇରୁ ରକ୍ଷା କରିବାରେ ସାହାଯ୍ୟ କରିପାରିବ ।

## ଆପଣଙ୍କ ମତାମତ



**ମହାଶୟ, ନମସ୍କାର**

ନିକଟରେ ପ୍ରକାଶିତ ହୋଇଥିବା ଆଲେଖ୍ୟ ମଧ୍ୟବିତ୍ତ ଶ୍ରେଣୀର ପ୍ରଶ୍ନ- ପଢିଲା ପରେ ମନକୁ ସ୍ୱତଃ ପ୍ରଶ୍ନ ଆସିଲା ଯଦି ପ୍ରଶ୍ନପତ୍ର ଲିକ (Paper Leak) ପରି ଘଟଣା ଏକ ଦାୟିତ୍ୱବାନ କର୍ତ୍ତୃପକ୍ଷଙ୍କୁ, ନୈତିକ ଦାୟିତ୍ୱ ସ୍ୱୀକାର କରି ପଦତ୍ୟାଗ କରିବାକୁ ବାଧ୍ୟ କରିପାରେ, ଏହା କେବଳ ପ୍ରତିଶୋଧ ନୁହେଁ ବରଂ ନୂତନ ପିଢ଼ିର ହତାଶାର ପ୍ରତିଫଳନ। ପ୍ରଶ୍ନ ହେଲା (୧) ସରକାରୀ ହସ୍ପିଟାଲରେ ଟେବୁଲ ଓ କୁର୍ସି ଥିଲେ ମଧ୍ୟ ଡାକ୍ତର କିମ୍ବା ଆବଶ୍ୟକ ଯନ୍ତ୍ରପାତିର ଅଭାବ ଯୋଗୁଁ ସୃଷ୍ଟି ହେଉଥିବା ହତାଶା ପାଇଁ କିଏ ଦାୟିତ୍ୱ ନେବ? ଏହି ପରିସ୍ଥିତି ହିଁ ସାଧାରଣ ଲୋକଙ୍କ ସାମର୍ଥ୍ୟର ବାହାରେ ଥିବା ବେସରକାରୀ ହସ୍ପିଟାଲମାନଙ୍କର ବୃଦ୍ଧିକୁ ପ୍ରୋତ୍ସାହନ ଦେଉଛି, ଯେଉଁଠାରେ ଚିକିତ୍ସା ପାଇବା ସାଧାରଣ ନାଗରିକଟିର କ୍ଷମତାର ବାହାରେ। (୨) ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ନିମ୍ନମାନର ଶିକ୍ଷାଦାନ, ଯାହା ବେସରକାରୀ କୋଚିଂ ସଂସ୍କୃତିର ବ୍ୟାପକ ପ୍ରସାରକୁ ବାଧ୍ୟ କରୁଛି, ସେଥିପାଇଁ କିଏ ଦାୟିତ୍ୱ ନେବ? (୩) କେବଳ ଜନସାଧାରଣଙ୍କ ବ୍ୟବହାର ପାଇଁ ଉଦ୍ଦିଷ୍ଟ ସାର୍ବଜନୀନ ସ୍ଥାନଗୁଡ଼ିକ, ବ୍ୟବସାୟିକ କାର୍ଯ୍ୟ ପାଇଁ ଦଖଲ ହୋଇଯାଉଥିବା ପରିସ୍ଥିତି ପାଇଁ କିଏ ଦାୟିତ୍ୱ ନେବ ଯାହା ସର୍ବସାଧାରଣଙ୍କ ଯାତାୟାତ ପାଇଁ ଗଢ଼ା ଯାଇଛି? (୪) ରାସ୍ତାଘାଟର ଦୟନୀୟ ଅବସ୍ଥା ପାଇଁ କିଏ ଦାୟିତ୍ୱ ନେବ? ଆମ ଇଞ୍ଜିନିୟରମାନଙ୍କର ଜୀବନଯାପନ ନୁହେଁ, ବରଂ ସେମାନଙ୍କ ନିର୍ମିତ ରାସ୍ତାର ଅବସ୍ଥା ହିଁ କାହିଁକି ପ୍ରଶ୍ନର ବିଷୟ ହେବ ନାହିଁ? ଏହି ପ୍ରଶ୍ନଗୁଡିକର ଉତ୍ତର କିଏ ଦେବ?

ଏଗୁଡ଼ିକ କେବଳ କିଛି ଉଦାହରଣ—ସମସ୍ୟା ସମୂହର ସମ୍ପୂର୍ଣ୍ଣ ତାଲିକା ନୁହେଁ।

ପ୍ରମୋଦ ଚନ୍ଦ୍ର ପଟ୍ଟନାୟକ
ମୋ ୯୪୩୯୪୯୦୦୦୯. ଭୁବନେଶ୍ୱର

# ତମକ ଶ୍ୱାସର ଆୟୁର୍ବେଦ ଉପଚାର



ଡା. ଦୁର୍ଗାପ୍ରସାଦ ଦାଶ
ପ୍ରଫେସର
ଶିଶୁରୋଗ ବିଭାଗାଧ୍ୟକ୍ଷ,
ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ, କଟକ
ମୋ-୯୮୫୩୪୩୫୯୧୬

ପରିଚୟ: ତମକ ଶ୍ୱାସ ଆୟୁର୍ବେଦରେ ବର୍ଣ୍ଣିତ ପାଞ୍ଚ ପ୍ରକାର ଶ୍ୱାସ ରୋଗ (ମହାଶ୍ୱାସ, ଊର୍ଦ୍ଧ୍ୱଶ୍ୱାସ, ଛିନ୍ନଶ୍ୱାସ, ତମକଶ୍ୱାସ ଏବଂ କ୍ଷୁଦ୍ରଶ୍ୱାସ) ମଧ୍ୟରୁ ଏକ ପ୍ରମୁଖ ଏବଂ ଦୀର୍ଘସ୍ଥାୟୀ ରୋଗ। ଚରକ ସଂହିତା, ସୁଶ୍ରୁତ ସଂହିତା ଓ ଅଷ୍ଟାଙ୍ଗ ହୃଦୟରେ ଏହାର ଲକ୍ଷଣ, କାରଣ, ଚିକିତ୍ସା ଏବଂ ପ୍ରତିରୋଧ ବିଷୟରେ ବିସ୍ତୃତ ବର୍ଣ୍ଣନା ମିଳେ। 'ତମକ' ଶବ୍ଦର ଅର୍ଥ ହେଉଛି ଅନ୍ଧକାର ବା ଘୋର କଷ୍ଟ। ଏହି ରୋଗରେ ରୋଗୀଙ୍କର ଶ୍ୱାସ ଏତେ କଷ୍ଟକର ହୋଇଯାଏ ଯେ ସେ ଅସହାୟ ଅନୁଭବ କରନ୍ତି। ଆୟୁର୍ବେଦ ଅନୁସାରେ ବାତ ଓ କଫ ଦୋଷର ବିକୃତି ହେତୁ ପ୍ରାଣବହ ସ୍ରୋତସରେ ଅବରୋଧ ସୃଷ୍ଟି ହୁଏ। କଫ ଶ୍ୱାସନଳୀକୁ ବନ୍ଦ କରିଦେଉଥିବା ବେଳେ ବାତର ସ୍ୱାଭାବିକ ଗତି ବାଧାପ୍ରାପ୍ତ ହୁଏ, ଫଳରେ ଶ୍ୱାସ ନେବାରେ ଅତ୍ୟଧିକ କଷ୍ଟ, ଛାତିରେ ଘଡ଼ ଘଡ଼ ଶବ୍ଦ ଓ କାଶ ହୁଏ। ଆଧୁନିକ ଚିକିତ୍ସା ବିଜ୍ଞାନରେ ଏହାକୁ ଦମା (Bronchial Asthma) ସହିତ ତୁଳନା କରାଯାଏ।

ନିଦାନ (କାରଣ): ତମକ ଶ୍ୱାସ ସୃଷ୍ଟି ହେବା ପଛରେ ଅନେକ କାରଣ ରହିଛି। ଅତ୍ୟଧିକ ଥଣ୍ଡା, ଗୁରୁ, ସ୍ନିଗ୍ଧ ଓ କଫବର୍ଦ୍ଧକ ଖାଦ୍ୟ ଯଥା ଦହି, ଆଇସକ୍ରିମ, ଥଣ୍ଡା ପାନୀୟ ଓ ଅପାଚ୍ୟ ଖାଦ୍ୟର ଅଧିକ ସେବନ କଫ ବୃଦ୍ଧି କରେ। ଧୂଳି, ଧୂଆଁ, ପରାଗକଣ, ପ୍ରଦୂଷିତ ବାୟୁ, ସୁଗନ୍ଧିତ ରାସାୟନିକ ଦ୍ରବ୍ୟ କିମ୍ବା ତୀବ୍ର ଗନ୍ଧର ସଂସ୍ପର୍ଶ ଶ୍ୱାସନଳୀକୁ ଉତ୍ତେଜିତ କରି ରୋଗକୁ ବଢ଼ାଇଥାଏ। ଅତ୍ୟଧିକ ପରିଶ୍ରମ, ରାତି ଅନିଦ୍ରା, ଶୀତଳ ପରିବେଶରେ ଅଧିକ ସମୟ ରହିବା, ପୂର୍ବରୁ ଥିବା କାଶ କିମ୍ବା ପ୍ରତିଶ୍ୟାୟକୁ ଅବହେଳା କରିବା ମଧ୍ୟ ତମକ ଶ୍ୱାସର କାରଣ ହୋଇପାରେ। ଏହି ସମସ୍ତ କାରଣରେ କଫ ଶ୍ୱାସନଳୀରେ ସଞ୍ଚିତ ହୋଇ ବାତର ଗତିକୁ ଅବରୋଧ କରେ ଏବଂ ରୋଗର ଉତ୍ପତ୍ତି ହୁଏ।

ସମ୍ପ୍ରାପ୍ତି (ରୋଗ ଉତ୍ପତ୍ତି ପ୍ରକ୍ରିୟା): ତମକ ଶ୍ୱାସ ରୋଗ କ୍ରମାନୁସାରେ ବିକଶିତ ହୁଏ। ପ୍ରଥମେ ଅନୁଚିତ ଆହାର ଓ ବିହାର ଯୋଗୁଁ ଜଠରାଗ୍ନି ଦୁର୍ବଳ ହୋଇ 'ଆମ' ସୃଷ୍ଟି ହୁଏ। ଏହି ଆମ, ପ୍ରକୁପିତ କଫ ଦୋଷ ସହ ମିଶି ପ୍ରାଣବହ ସ୍ରୋତସରେ ସଞ୍ଚିତ ହୁଏ। କଫର ଅବରୋଧ ଫଳରେ ପ୍ରାଣ ବାୟୁର ସ୍ୱାଭାବିକ ଗତି ବାଧାପ୍ରାପ୍ତ ହୁଏ। ଏହାର ପରିଣାମରେ ବାତ ଦୋଷ ବିପରୀତ ଦିଗକୁ ଗତି କରି ଶ୍ୱାସକଷ୍ଟ, କାଶ ଓ ଶ୍ୱାସ ନେବାବେଳେ ସାଁ ସାଁ ଶବ୍ଦ (Wheezing) ସୃଷ୍ଟି କରେ। କାଶ ମାଧ୍ୟମରେ କଫ ବାହାରି ଗଲେ ଶ୍ୱାସପଥର ଅବରୋଧ ସାମୟିକ ଭାବେ କମିଯାଏ, ଫଳରେ ରୋଗୀ କିଛି ସମୟ ପାଇଁ ଆରାମ ଅନୁଭବ କରେ।

ଲକ୍ଷଣ: ତମକ ଶ୍ୱାସର ପ୍ରଧାନ ଲକ୍ଷଣ ହେଉଛି ଶ୍ୱାସ ନେବାରେ ଅତ୍ୟଧିକ କଷ୍ଟ ହେବା। ବିଶେଷକରି ରାତ୍ରି ସମୟରେ କିମ୍ବା ପ୍ରଭାତରେ ଏହି କଷ୍ଟ ଅଧିକ ବଢ଼ିଯାଏ। ରୋଗୀଙ୍କର ବାରମ୍ବାର କାଶ ହୁଏ, ଛାତିରୁ ଘଡ଼ ଘଡ଼ ଶବ୍ଦ ଶୁଣାଯାଏ ଏବଂ କଫ ବାହାରିବା ପରେ କିଛି ସମୟ ପାଇଁ ଆରାମ ଲାଗେ। ରୋଗୀ ସିଧା ଶୋଇପାରନ୍ତି ନାହିଁ, କାରଣ ଶୋଇଲେ ଶ୍ୱାସକଷ୍ଟ ବଢ଼ିଯାଏ ଏବଂ ବସିଲେ କିମ୍ବା ଆଗକୁ ସାମାନ୍ୟ ନଇଁଲେ କିଛି ଆରାମ ଅନୁଭବ କରନ୍ତି। କଥା କହିବା, ଚାଲିବା କିମ୍ବା ସାମାନ୍ୟ ପରିଶ୍ରମ କଲେ ମଧ୍ୟ ଶ୍ୱାସ ଫୁଲିଯାଏ। ମୁହଁରେ ଉଦବେଗ, ଭୟ ଓ କ୍ଳାନ୍ତିର ଚିହ୍ନ ପ୍ରକାଶ ପାଏ। ଏହି ସମସ୍ତ ଲକ୍ଷଣ ରୋଗର ତୀବ୍ରତାକୁ ସୂଚିତ କରେ।

ତମକ ଶ୍ୱାସର ପ୍ରକାର: ଆୟୁର୍ବେଦୀୟ ଗ୍ରନ୍ଥରେ ତମକ ଶ୍ୱାସର ଦୁଇଟି ପ୍ରମୁଖ ପ୍ରକାର ବର୍ଣ୍ଣିତ ହୋଇଛି।

ସନ୍ତମକ ଶ୍ୱାସ:ଏହା ତମକ ଶ୍ୱାସର ଅତ୍ୟନ୍ତ ଗୁରୁତର ରୂପ। ବିଶେଷକରି ଅନ୍ଧକାର ଓ ରାତ୍ରି ସମୟରେ ଶ୍ୱାସକଷ୍ଟ ବହୁତ ବଢ଼ିଯାଏ। ରୋଗୀ ତୀବ୍ର ଉଦବେଗ ଓ ଗୁରୁତର ଶ୍ୱାସକଷ୍ଟରେ ପୀଡ଼ିତ ହୁଏ।

ପ୍ରତମକ ଶ୍ୱାସ:ଏହି ପ୍ରକାର ତମକ ଶ୍ୱାସ ସହ ଜ୍ୱର କିମ୍ବା ଅନ୍ୟାନ୍ୟ ଶାରୀରିକ ଜଟିଳତା ଯୋଡ଼ି ହୋଇଥାଏ। ଏହାର ଚିକିତ୍ସା ତୁଳନାମୂଳକ ଭାବେ ଅଧିକ କଠିନ।

ଚିକିତ୍ସା: ତମକ ଶ୍ୱାସ ଚିକିତ୍ସାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି କଫ ଦୋଷ ଦ୍ୱାରା ସୃଷ୍ଟ ଅବରୋଧକୁ ଦୂର କରିବା, ବାତ ଦୋଷକୁ ସ୍ୱାଭାବିକ ଅବସ୍ଥାକୁ ଆଣିବା ଏବଂ ଶ୍ୱାସକ୍ରିୟାକୁ ସାମାନ୍ୟ କରିବା।

ଶୋଧନ ଚିକିତ୍ସା: ଆୟୁର୍ବେଦରେ ତମକ ଶ୍ୱାସ ଚିକିତ୍ସାର ମୂଳ ଉଦ୍ଦେଶ୍ୟ ହେଉଛି କଫକୁ ବାହାର କରିବା, ବାତର ସ୍ୱାଭାବିକ ଗତିକୁ ପୁନଃ ସ୍ଥାପନ କରିବା ଏବଂ ପ୍ରାଣବହ ସ୍ରୋତସକୁ ସ୍ୱଚ୍ଛ ରଖିବା। ଏଥିପାଇଁ ଦୁଇ ପ୍ରକାର ଚିକିତ୍ସା କରାଯାଏ- ଶୋଧନ ଓ ଶମନ। ଶୋଧନ ଚିକିତ୍ସାରେ ବମନ କର୍ମ ଦ୍ୱାରା ଅତିରିକ୍ତ କଫକୁ ବାହାର କରାଯାଏ। ବିରେଚନ କର୍ମ ଦ୍ୱାରା ଦୋଷ ଶୋଧନ କରାଯାଏ। ନସ୍ୟ କର୍ମ ନାସା ମାର୍ଗକୁ ସଫା କରି ଶ୍ୱାସପଥକୁ ସୁଗମ କରେ ଏବଂ ସ୍ୱେଦନ ଚିକିତ୍ସା କଫକୁ ତରଳ କରି ବାହାର କରିବାରେ ସାହାଯ୍ୟ କରେ। ଏହାକୁ ପଞ୍ଚକର୍ମ ଚିକିତ୍ସା କୁହାଯାଏ।

ଶମନ ଚିକିତ୍ସା:ଶମନ ଚିକିତ୍ସାରେ ରୋଗୀର ପ୍ରକୃତି, ବୟସ ଓ ରୋଗର ଅବସ୍ଥା ଅନୁଯାୟୀ ଶିତୋପଳାଦି ଚୂର୍ଣ୍ଣ, ତାଳୀସାଦି ଚୂର୍ଣ୍ଣ, ଅଗସ୍ତ୍ୟ ହରିତକୀ ଅବଲେହ, ବାସାବଲେହ, କଣ୍ଟକାରୀ ଅବଲେହ, ଚ୍ୟବନପ୍ରାଶ, ପିପ୍ପଳି, ଭାରଙ୍ଗୀ, ଶୁଣ୍ଠି ଇତ୍ୟାଦି ଔଷଧ ଚିକିତ୍ସକଙ୍କ ପରାମର୍ଶରେ ବ୍ୟବହାର କରାଯାଏ। ରୋଗୀର ପ୍ରକୃତି, ଦୋଷାବସ୍ଥା ଓ ରୋଗର ତୀବ୍ରତା ଅନୁଯାୟୀ ଯୋଗ୍ୟ ଆୟୁର୍ବେଦ ଚିକିତ୍ସକଙ୍କ ପରାମର୍ଶରେ ଔଷଧ ଚୟନ କରାଯିବା ଉଚିତ। କୌଣସି ଔଷଧ ନିଜ ଇଚ୍ଛାରେ ଗ୍ରହଣ କରିବା ଉଚିତ ନୁହେଁ।

ଘରୋଇ ଉପଚାର: ପ୍ରାରମ୍ଭିକ ଅବସ୍ଥାରେ କିଛି ସରଳ ଘରୋଇ ଉପାୟ ରୋଗୀଙ୍କୁ ସାମୟିକ ଆରାମ ଦେଇପାରେ। ମହୁ ସହ ଅଳ୍ପ ପିପ୍ପଳୀ ଚୂର୍ଣ୍ଣ କିମ୍ବା ଅଦା ରସ ମିଶାଇ ସେବନ କଲେ କଫ କମିବାରେ ସାହାଯ୍ୟ ମିଳେ। ତୁଳସୀ ପତ୍ରର କାଢ଼ା ଶ୍ୱାସପଥକୁ ସଫା ରଖିବାରେ ଉପକାରୀ। ଯେଉଁମାନଙ୍କର ଦୁଗ୍ଧରେ କଫ ବଢ଼େ ନାହିଁ, ସେମାନେ ହଳଦୀ ମିଶା ଉଷୁମ ଦୁଗ୍ଧ ପିଇପାରନ୍ତି। ଉଷୁମ ପାଣି ପିଇବା ଏବଂ ବାଷ୍ପ ଗ୍ରହଣ (Steam Inhalation) କରିବା ମଧ୍ୟ ଉପକାରୀ ହୋଇପାରେ। କିନ୍ତୁ ଏହି ଉପାୟଗୁଡ଼ିକ କେବଳ ସହାୟକ।

ପଥ୍ୟ (ହିତକର ଆହାର-ବିହାର): ରୋଗୀ ଉଷୁମ ପାଣି ପିଇବା, ସହଜରେ ହଜମ ହେଉଥିବା ହାଲୁକା ଖାଦ୍ୟ, ପୁରୁଣା ଚାଉଳ, ମୁଗ ଡାଲି, ଯବ, ଅଦା, ରସୁଣ, ଗୋଲମରିଚ, ପିପ୍ପଳି ଏବଂ ଗରମ ପନିପରିବା ସୁପ୍ ସେବନ କରିବା ଉଚିତ। ନିୟମିତ ପ୍ରାଣାୟାମ, ଯୋଗ, ଧ୍ୟାନ ଏବଂ ପର୍ଯ୍ୟାପ୍ତ ନିଦ୍ରା ମଧ୍ୟ ବହୁତ ଉପକାରୀ।

ଅପଥ୍ୟ (ଅହିତକର ଆହାର-ବିହାର): ଥଣ୍ଡା ପାନୀୟ, ଦହି, ଆଇସ୍କ୍ରିମ୍, ଫ୍ରିଜ୍‌ରେ ଥିବା ଖାଦ୍ୟ, ଭାରୀ ଓ ତେଲିଆ ଖାଦ୍ୟ, ଅତ୍ୟଧିକ ମିଠା, ଧୂମପାନ, ଧୂଳି-ଧୂଆଁର ସଂସ୍ପର୍ଶ, ଦିନରେ ଶୋଇବା, ରାତିରେ ଅଧିକ ସମୟ ଚେଇଁବା ଏବଂ ହଠାତ୍ ଅତ୍ୟଧିକ ଥଣ୍ଡା ପରିବେଶକୁ ଯିବା ଇତ୍ୟାଦି। ତେଣୁ ଏସବୁଥିରୁ ଦୂରେଇ ରହିବା ଉଚିତ।

ଯୋଗ ଓ ପ୍ରାଣାୟାମ: ନିୟମିତ ଅନୁଲୋମ-ବିଲୋମ, ନାଡ଼ୀ ଶୋଧନ, ଭ୍ରାମରୀ ପ୍ରାଣାୟାମ ଏବଂ ଅନ୍ୟାନ୍ୟ ମୃଦୁ ଶ୍ୱାସ ବ୍ୟାୟାମ ଫୁସଫୁସର କାର୍ଯ୍ୟକ୍ଷମତା ବଢ଼ାଏ, ମାନସିକ ଚାପ କମାଏ ଏବଂ ଶ୍ୱାସକଷ୍ଟ ପ୍ରଭାବର ବାରମ୍ବାରତା ହ୍ରାସ କରେ। ତେବେ ଏହି ଅଭ୍ୟାସଗୁଡ଼ିକ କେବଳ ରୋଗର ତୀବ୍ର ପ୍ରଭାବ ନଥିବା ସମୟରେ କରିବା ଉଚିତ।

ରୋଗର ପୂର୍ବାନୁମାନ: ଆଚାର୍ଯ୍ୟ ଚରକ ତମକ ଶ୍ୱାସକୁ ଯାପ୍ୟ ବ୍ୟାଧି ବୋଲି ବର୍ଣ୍ଣନା କରିଛନ୍ତି। ଅର୍ଥାତ୍, ଉପଯୁକ୍ତ ଔଷଧ, ସଠିକ୍ ଆହାର ଓ ଜୀବନଶୈଳୀ ଅନୁସରଣ କଲେ ଏହି ରୋଗକୁ ନିୟନ୍ତ୍ରଣରେ ରଖିହେବ, କିନ୍ତୁ କାରଣଗୁଡ଼ିକୁ ଏଡ଼ାଇ ନ ଚାଲିଲେ ପୁନର୍ବାର ରୋଗର ଆକ୍ରମଣ ହୋଇପାରେ।

ପ୍ରତିରୋଧ: ତମକ ଶ୍ୱାସକୁ ନିୟନ୍ତ୍ରଣରେ ରଖିବା ପାଇଁ ଦୈନନ୍ଦିନ ଜୀବନରେ କିଛି ସତର୍କତା ଅବଲମ୍ବନ କରିବା ଆବଶ୍ୟକ। ଧୂଳି, ଧୂଆଁ, ପ୍ରଦୂଷଣ ଓ ପରାଗକଣରୁ ଦୂରେଇ ରହିବା ଉଚିତ। ଥଣ୍ଡା, କଫବର୍ଦ୍ଧକ ଏବଂ ଅପାଚ୍ୟ ଖାଦ୍ୟ ପରିହାର କରି ଗରମ, ସହଜପାଚ୍ୟ ଓ ସନ୍ତୁଳିତ ଆହାର ଗ୍ରହଣ କରିବା ଉତ୍ତମ। ଶରୀର ଓଜନକୁ ନିୟନ୍ତ୍ରଣରେ ରଖିବା, ଋତୁ ପରିବର୍ତ୍ତନ ସମୟରେ ବିଶେଷ ସତର୍କ ରହିବା, ଧୂମପାନ ଏବଂ ପରୋକ୍ଷ ଧୂମପାନରୁ ଦୂରେଇ ରହିବା ଆବଶ୍ୟକ। ପ୍ରତିଦିନ ପ୍ରାଣାୟାମ, ଯୋଗାଭ୍ୟାସ ଓ ନିୟମିତ ବ୍ୟାୟାମ ଫୁସଫୁସର କାର୍ଯ୍ୟକ୍ଷମତା ବଢ଼ାଇ ରୋଗର ପୁନରାବୃତ୍ତି କମାଇଥାଏ।

ଉପସଂହାର:ତମକ ଶ୍ୱାସ ଏକ ଦୀର୍ଘସ୍ଥାୟୀ କିନ୍ତୁ ସଠିକ୍ ଚିକିତ୍ସା ଓ ଜୀବନଶୈଳୀ ମାଧ୍ୟମରେ ନିୟନ୍ତ୍ରଣଯୋଗ୍ୟ ରୋଗ। ଆୟୁର୍ବେଦ କେବଳ ଶ୍ୱାସକଷ୍ଟକୁ କମାଇବାରେ ସୀମିତ ନ ରହି ଦୋଷର ସାମ୍ୟ ସ୍ଥାପନ, ପ୍ରାଣବହ ସ୍ରୋତସର ସୁରକ୍ଷା, ଶରୀରର ପ୍ରତିରୋଧକ ଶକ୍ତି ବୃଦ୍ଧି ଏବଂ ରୋଗର ପୁନରାବୃତ୍ତିକୁ ରୋକିବା ଉପରେ ଗୁରୁତ୍ୱ ଦେଇଥାଏ। ନିୟମିତ ପଥ୍ୟ-ଅପଥ୍ୟ ପାଳନ, ସୁସ୍ଥ ଜୀବନଶୈଳୀ, ଯୋଗ-ପ୍ରାଣାୟାମ, ମାନସିକ ସନ୍ତୁଳନ ଏବଂ ଯୋଗ୍ୟ ଆୟୁର୍ବେଦ ଚିକିତ୍ସକଙ୍କ ନିର୍ଦ୍ଦେଶନାରେ ଚିକିତ୍ସା ଗ୍ରହଣ କଲେ ତମକ ଶ୍ୱାସ ରୋଗୀମାନେ ସୁସ୍ଥ, ସକ୍ରିୟ ଓ ଉନ୍ନତ ଜୀବନମାନ ସହିତ ଦୈନନ୍ଦିନ ଜୀବନ ବ୍ୟତୀତ କରିପାରିବେ।

# ଆବ୍ରାହାମ୍ ଆକର୍ଡ଼ (ଚୁକ୍ତି)ର ଭବିଷ୍ୟ



ଡାକ୍ତର ରାଜକିଶୋର ପଣ୍ଡା
ମେଡିକାଲ ଅଫିସର, ଓଡ଼ିଶା ସ୍ୱାସ୍ଥ୍ୟ ସେବା, ଭୁବନେଶ୍ୱର
ମୋବାଇଲ ନଂ- ୮୧୪୪୦୪୨୯୯୭

ମଧ୍ୟପ୍ରାଚ୍ୟ ସଂଗ୍ରାମରେ ଗୋଟିଏ ନାମ ବାରମ୍ବାର ଖବରକାଗଜ ଓ ସାମାଜିକ ଗଣମାଧ୍ୟମ ମାନଙ୍କରେ ଗୁରୁତ୍ୱ ପାଇଥିଲା। ଏହି ନାମଟି ହେଉଛି "ଆବ୍ରାହାମ୍ ଆକର୍ଡ୍"(Abraham Accord)। ଏହି ଆକର୍ଡ଼ ଶବ୍ଦର ଅର୍ଥ ଅକ୍ସଫୋର୍ଡ଼ ଇଂରାଜୀ ଶବ୍ଦକୋଷ ଅନୁଯାୟୀ ହେଉଛି ଅନୁମତି ବା ସମ୍ମତି। ବିଶ୍ୱରାଜନୀତି ପରିପ୍ରେକ୍ଷୀରେ ଆମେ ଏହାକୁ ଆବ୍ରାହାମ୍ ଚୁକ୍ତି ବୋଲି ମଧ୍ୟ କହି ପାରିବା। ତେବେ କ'ଣ ଏହି ଆବ୍ରାହାମ୍ ଚୁକ୍ତି ଓ କେଉଁ କାରଣବଶତଃ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଏହା ଉପରେ ଗୁରୁତ୍ୱାରୋପ କରିଥିଲେ ଆମେ ବର୍ତ୍ତମାନ ଜାଣିବା।

ଆବ୍ରାହାମ୍ ଆକର୍ଡ଼ ସଂକ୍ଷେପରେ ହେଉଛି ଏକ ଧାରାବାହିକ ଚୁକ୍ତି ସମୂହ ଯାହାକି ଆମେରିକା ମଧ୍ୟସ୍ଥତାରେ, ୨୦୨୦ରେ ସ୍ୱାକ୍ଷରିତ ହୋଇଥିଲା ଇସ୍ରାଏଲ ଓ କିଛି ଆରବ ରାଷ୍ଟ୍ର ମଧ୍ୟରେ। ଏହି ଚୁକ୍ତିର ପ୍ରାଥମିକ ଲକ୍ଷ୍ୟ ଥିଲା ମଧ୍ୟପ୍ରାଚ୍ୟରେ ଶାନ୍ତି ପ୍ରତିଷ୍ଠା କରିବା ଓ ଏହାଦ୍ୱାରା ସେଠାରେ କୂଟନୈତିକ ସମ୍ପର୍କ ଏକ ଐତିହାସିକ ମୋଡ଼ ନେଇଥିଲା। ଚୁକ୍ତିର ନାମକରଣଟି ଆବ୍ରାହାମ୍‌ଙ୍କ ନାମାନୁସାରେ ହୋଇଅଛି ଓ ଏହି ଆବ୍ରାହାମ୍ ହେଉଛନ୍ତି ଇହୁଦୀ ଏବଂ ଆରବ ଉଭୟ ସମ୍ପ୍ରଦାୟର ପୂର୍ବପୁରୁଷ ତଥା ଭାଇଚାରାର ପ୍ରତୀକ। ପ୍ରମୁଖ ସଦସ୍ୟ ଭାବେ ଇସ୍ରାଏଲ ଏହି ଚୁକ୍ତିରେ ସ୍ୱାକ୍ଷର କରି ଆରବ ଦେଶ ସମୂହ ସହ ଏହାର ସମ୍ପର୍କ ସୁଧାରିବା ପାଇଁ ଚେଷ୍ଟିତ ହୋଇଥିଲା। ସେହିପରି ଆରବ ଦେଶମାନଙ୍କ ମଧ୍ୟରୁ ୟୁଏଇ ପ୍ରଥମ ରାଷ୍ଟ୍ର ଭାବେ ଏହି ଚୁକ୍ତିରେ ସ୍ୱାକ୍ଷର କରିଥିଲା। ଅନ୍ୟ ରାଷ୍ଟ୍ରମାନେ ଯେଉଁମାନେ ଏହି ଚୁକ୍ତିକୁ ସମର୍ଥନ ଜଣାଇ ଥିଲେ, ସେମାନେ ହେଉଛନ୍ତି ବାହାରିନ୍, ସୁଦାନ ଓ ମରକ୍କୋ। ସୁଦାନ ଓ ମରକ୍କୋ ନିଜ ନିଜ ସ୍ୱାର୍ଥରୁ ଏହି ଚୁକ୍ତିକୁ ସମର୍ଥନ କରିଛନ୍ତି ବୋଲି ଆମେ କହିପାରିବା, କାରଣ ଆବ୍ରାହାମ୍ ଆକର୍ଡ଼ରେ ସାମିଲ ହେଲାପରେ, ଆମେରିକା ଏହାର ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବା ରାଷ୍ଟ୍ରମାନଙ୍କର ତାଲିକାରୁ ସୁଦାନକୁ ବାଦ୍ ଦେଇଛି, ସେହିପରି ମଧ୍ୟ ପଶ୍ଚିମ ସାହାରା ଉପରେ ମରକ୍କୋର ସାର୍ବଭୌମତ୍ୟକୁ ଯୁକ୍ତରାଷ୍ଟ୍ର ସ୍ୱୀକାର କରିଛି।

ଆବ୍ରାହାମ୍ ଆକର୍ଡ଼ର ଉଦ୍ଦେଶ୍ୟ ଏହା ଯେ ଆରବ ରାଷ୍ଟ୍ରମାନେ ଏକ ସ୍ୱତନ୍ତ୍ର ପାଲେଷ୍ଟାଇନ୍ ଦେଶ ପ୍ରସଙ୍ଗରୁ ନିଜକୁ ଦୂରରେ ରଖନ୍ତୁ। ଇସ୍ରାଏଲ, ୟୁଏଇ ଓ ବାହାରିନ୍ ମଧ୍ୟରେ ଏକ ପରିପୂର୍ଣ୍ଣ କୂଟନୈତିକ ସମ୍ପର୍କ ସ୍ଥାପନ କରି ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଉତ୍ତେଜନାକୁ ପ୍ରଶମିତ କରିବା ମଧ୍ୟ ଏହି ଚୁକ୍ତିର ଲକ୍ଷ୍ୟ। ଏହି ଚୁକ୍ତିକୁ ସମର୍ଥନ କରିବା ଦ୍ୱାରା ୟୁଏଇ ଓ ଯୁକ୍ତରାଷ୍ଟ୍ର ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କରେ ଯଥେଷ୍ଟ ଉନ୍ନତି ଘଟିଛି।

ଏହି ଚୁକ୍ତି ବିଷୟରେ ପ୍ରଥମେ ଅଗଷ୍ଟ ୨୦୨୦ରେ ଘୋଷଣା କରାଯାଇଥିଲା ଓ ସେପ୍ଟେମ୍ବର ପନ୍ଦର ୨୦୨୦ରେ ୱାଶିଂଟନ୍‌ଠାରେ ଏହା ସ୍ୱାକ୍ଷରିତ ବା ଚୂଡ଼ାନ୍ତ ହୋଇଥିଲା। ଜୁଲାଇ ୨୦୨୫ରେ ଦ୍ୱିତୀୟ ଟ୍ରମ୍ପ ପ୍ରଶାସନ ସିରିଆ, ଲେବାନନ୍ ଓ ସାଉଦି ଆରବକୁ ଏହି ଚୁକ୍ତିରେ ମିଶାଇବା ପାଇଁ ଉଦ୍ୟମ କରିଥିଲେ। ସେହିପରି ଡିସେମ୍ବର ୨୦୨୫ରେ ଇସ୍ରାଏଲର ରାଷ୍ଟ୍ରପତି ନେତ୍ୟାନାହୁ, ସୋମାଲିଲ୍ୟାଣ୍ଡକୁ ଏକ ସ୍ୱାଧୀନ ଦେଶର ମାନ୍ୟତା ଦେବା ପରେ, ସେ ମଧ୍ୟ ଏହି ଚୁକ୍ତିରେ ମିଶିବା ପାଇଁ ନିଷ୍ପତ୍ତି ନେଇଛି।

ଏବେ ଦେଖିବା ଯେ ଆବ୍ରାହାମ୍ ଆକର୍ଡ଼ ସ୍ୱାକ୍ଷରିତ ହେବାପରେ ଦ୍ୱିପାକ୍ଷିକ ସମ୍ପର୍କରେ ନିର୍ଦ୍ଦିଷ୍ଟ ଭାବରେ କେଉଁ ପରିବର୍ତ୍ତନମାନ ଆସିଛି। ଉପରୋକ୍ତ ଚୁକ୍ତି ପରେ, ୨୦୨୧ ମସିହାରେ ଇସ୍ରାଏଲ, ୟୁଏଇର ଆବୁଧାବିରେ ଦୂତାବାସ ଖୋଲିବା ସହିତ ୟୁଏଇ ମଧ୍ୟ ତେଲ ଅଭିଭରେ ଦୂତାବାସ ଖୋଲିଛି। ଇସ୍ରାଏଲ ଓ ୟୁଏଇ ମଧ୍ୟରେ ବାଣିଜ୍ୟ କାରବାର ୯୦୦ ମିଲିଅନ ଡଲାରକୁ ଛୁଇଁ ଅଛି। ପର୍ଯ୍ୟଟନ କ୍ଷେତ୍ରକୁ ଦେଖିଲେ, ଦୁଇରାଷ୍ଟ୍ର ମଧ୍ୟରେ ସିଧାସଳଖ ବିମାନ ସେବା ଉପଲବ୍ଧ ହେବାଦ୍ୱାରା ପ୍ରଥମ ମାସରେ ହିଁ କେବଳ ସତୁରୀ ହଜାର ଇସ୍ରାଏଲ୍ ପର୍ଯ୍ୟଟକ, ୟୁଏଇ ଭ୍ରମଣ କରିଛନ୍ତି। ଅନେକ ଇସ୍ରାଏଲୀ ଯୁବକମାନଙ୍କ ପାଇଁ ୟୁଏଇ ନିଯୁକ୍ତିର ଦେଶ ମଧ୍ୟ ପାଲଟିଛି। ୟୁଏଇ ଓ ବାହାରିନକୁ ମିଠାଜଳ ଯୋଗାଇବା ପାଇଁ ମଧ୍ୟ ଇସ୍ରାଏଲ ଚୁକ୍ତିବଦ୍ଧ ହୋଇଛି।

ଏହି ଚୁକ୍ତିଦ୍ୱାରା ଭାରତ ମଧ୍ୟ ଅନେକାଂଶରେ ଲାଭବାନ୍ ହେଉଅଛି। ଆବ୍ରାହାମ୍ ଆକର୍ଡ଼ ଦ୍ୱାରା ଭାରତର ଉଭୟ ଇସ୍ରାଏଲ ଓ ଆରବ ରାଷ୍ଟ୍ରମାନଙ୍କ ସହିତ କୂଟନୈତିକ ସମ୍ପର୍କରେ ସୁଧାର ଆସିଛି, ଯାହାକି ବାଟ କଢ଼ାଇ ନେଇଛି ଆଇ.ଟୁ.ୟୁ.ଟୁ (I2U2) ମଞ୍ଚକୁ। ଏହି ମଞ୍ଚକୁ ଆବ୍ରାହାମ୍ ଆକର୍ଡ଼ର ସନ୍ତାନ ଭାବରେ ବିବେଚନା କରାଯାଉଛି। ଏହି ମଞ୍ଚରେ ଚାରୋଟି ଦେଶ ଅଛନ୍ତି - ଭାରତ, ଇସ୍ରାଏଲ, ଯୁକ୍ତରାଷ୍ଟ୍ର ଆମେରିକା, ୟୁଏଇ। ପ୍ରତ୍ୟେକଟି ଦେଶର ଇଂରାଜୀ ନାମ ଅନୁସାରେ ଉପରୋକ୍ତ ମଞ୍ଚର ନାମକରଣ ଏପରି କରାଯାଇଛି। ଏହାକୁ ପଶ୍ଚିମ ଏସିୟ କ୍ୱାଡ୍ (West Asian Quad) ବୋଲି ମଧ୍ୟ କୁହାଯାଉଛି।

ଆଇ.ଟୁ.ୟୁ.ଟୁ ମଞ୍ଚଦ୍ୱାରା ଛଅଗୋଟି କ୍ଷେତ୍ରରେ ମିଳିତ ନିବେଶ କରିବା ପାଇଁ ନିବେଶକମାନଙ୍କୁ ଉତ୍ସାହିତ କରାଯାଉଛି। ଏହି କ୍ଷେତ୍ରଗୁଡ଼ିକ ହେଉଛନ୍ତି ଖାଦ୍ୟ ସୁରକ୍ଷା, ସ୍ୱାସ୍ଥ୍ୟ, ପରିବହନ, ମହାକାଶ ଗବେଷଣା, ଜଳ ଓ ଶକ୍ତି ସୁରକ୍ଷା।

ଭାରତୀୟ ଛାତ୍ରମାନେ ମଧ୍ୟପ୍ରାଚ୍ୟ ଅଞ୍ଚଳକୁ ବିଭିନ୍ନ ଶିକ୍ଷା କାର୍ଯ୍ୟକ୍ରମ ଜରିଆରେ ଯାଇପାରୁଛନ୍ତି ଓ ଏହାଦ୍ୱାରା ଦ୍ୱିପାକ୍ଷିକ ଶିକ୍ଷା ବ୍ୟବସ୍ଥାର ମଧ୍ୟ ଉନ୍ନତି ଘଟୁଛି।

ନିବନ୍ଧର ଶେଷ ଭାଗରେ ଆମେ ଆଲୋଚନା କରିବା ଯେ ଆବ୍ରାହାମ୍ ଆକର୍ଡ଼ର ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବାରେ କେଉଁ ସବୁ ଅସୁବିଧା ରହୁଛି। ପ୍ରଥମ ହେଉଛି ପାଲେଷ୍ଟାଇନ୍ ପ୍ରସଙ୍ଗ। ଆମେରିକାର ଉଦ୍ଦେଶ୍ୟ ଏହି ଯେ, ଆରବ ରାଷ୍ଟ୍ରମାନେ, ଆବ୍ରାହାମ ଆକର୍ଡ଼କୁ ସ୍ୱୀକୃତି ଦିଅନ୍ତୁ ଓ ପାଲେଷ୍ଟାଇନ୍ ପ୍ରସଙ୍ଗରୁ ଦୂରରେ ରୁହନ୍ତୁ। ଏହାକୁ ୟୁଏଇ ସମର୍ଥନ କରୁଥିବାବେଳେ ବିରୋଧ କରୁଛନ୍ତି ସାଉଦି ଆରବ, ପାକିସ୍ତାନ ଭଳି ରାଷ୍ଟ୍ରମାନେ। ଏଠାରେ ଗୋଟିଏ ତଥ୍ୟ ଉଲ୍ଲେଖ କରିବାକୁ ଏ ଲେଖକ ଚାହୁଁଛି କି, ଦଶନ୍ଧି ଧରି ପାକିସ୍ତାନର ପାସପୋର୍ଟରେ ଗୋଟିଏ ସରଳ ଅଥଚ ଦୃଷ୍ଟି ଆକର୍ଷକ ନିର୍ଦ୍ଦେଶନାମା ରହିଛି। ଏହା ହେଉଛି, "ସଂପୃକ୍ତ ପାସପୋର୍ଟ ଇସ୍ରାଏଲକୁ ଛାଡ଼ି ଆଉ ସମସ୍ତ ଦେଶ ପାଇଁ ବୈଧ। ପାକିସ୍ତାନର ଏକ ଦୀର୍ଘକାଳୀନ ବିଦେଶନୀତି ହେଉଛି ଇସ୍ରାଏଲ ରାଷ୍ଟ୍ରକୁ ମାନ୍ୟତା ନ ଦେବା। ଇସ୍ରାଏଲ-ପାଲେଷ୍ଟାଇନ ସଂଘର୍ଷକୁ ଏକ ଐତିହାସିକ ଅନ୍ୟାୟ ବୋଲି ପାକିସ୍ତାନ ସମେତ ସାଉଦି ଆରବ, ଓମାନ୍, କାତାର ଆଦି ମାନୁଛନ୍ତି। ଏଥିରେ ସାଉଦି ଆରବର ସ୍ୱର ସବୁଠାରୁ ଶାଣିତ।" ବିଗତ ଚାରିବର୍ଷ ହେଲାଣି ରିୟାଦ୍ ଦାବି କରି ଆସୁଛି କି, ପାଲେଷ୍ଟାଇନ୍ ରାଷ୍ଟ୍ର ବିଷୟକୁ ତ୍ୟାଗ କରି, କୌଣସି ବି ଶାନ୍ତି ଚୁକ୍ତି କେବେ ବି ଗ୍ରହଣୀୟ ନୁହେଁ। ଯୁବରାଜ ମହମ୍ମଦ୍ ବିନ୍ ସଲମାନଙ୍କର ଏହା ହିଁ ହେଉଛି ପ୍ରମୁଖ ବାର୍ତ୍ତା। ଯଦିଓ ଟ୍ରମ୍ପ ଯୁଦ୍ଧ ସମୟରେ ଏକ ପ୍ରସ୍ତାବ ଦେଇଥିଲେ କି, ପ୍ରଥମେ ଆରବ ରାଷ୍ଟ୍ରମାନେ ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଶାନ୍ତି ସ୍ଥାପନ ଉପରେ ଗୁରୁତ୍ୱ ଦିଅନ୍ତୁ ଓ ପରବର୍ତ୍ତୀ ସମୟରେ ପାଲେଷ୍ଟାଇନ୍ ପ୍ରସଙ୍ଗରେ ସବିଶେଷ ଆଲୋଚନା କରାଯିବ, ଏହାକୁ କିନ୍ତୁ ଇରାନର ବୈଦେଶିକ ମନ୍ତ୍ରୀ ଅବ୍‌ବାସ୍ ଆରଘାଚୀ ଘୋର ବିରୋଧ କରିଥିଲେ। ଦ୍ୱିତୀୟରେ ସାଂସ୍କୃତିକ ସଂଘର୍ଷ, ଯାହାକି ହେଉଛି ସିଆ ବନାମ ସୁନ୍ନି। ସାଉଦି ଆରବ ସୁନ୍ନି ବହୁଳ ହୋଇଥିବାବେଳେ ଇରାନ୍ ସିଆ ବହୁଳ। ଏହି ଦୁଇଗୋଷ୍ଠୀ ମଧ୍ୟରେ ସଂଘର୍ଷ ଅତି ପୁରାତନ। ତେଣୁ ଦୁଇଟି ରାଷ୍ଟ୍ର ଏକ ମିଳିତ ସହମତି ଭିତ୍ତିକ ରାଜିନାମାରେ ପହଞ୍ଚିବାର ସମ୍ଭାବନା ଅତ୍ୟନ୍ତ କମ୍। ତୃତୀୟରେ ବର୍ତ୍ତମାନ ସମୟରେ ଆମେରିକାକୁ ଛାଡ଼ିଦେଲେ ରୁଷିଆ ଓ ଚୀନ ମଧ୍ୟ ଇରାନ୍ ଇସ୍ରାଏଲ ପ୍ରସଙ୍ଗରେ ମୁଣ୍ଡ ଖେଳାଉଛନ୍ତି। ବିକଶିତ ରାଷ୍ଟ୍ରମାନଙ୍କର ଏହି ବହୁମୁଖୀତା ମଧ୍ୟ ସମସ୍ୟା ସୃଷ୍ଟି କରୁଛି। ଚତୁର୍ଥରେ ପୁଞ୍ଜି ପ୍ରସଙ୍ଗ। ଆବ୍ରାହାମ୍ ଆକର୍ଡ଼ ଅନୁସାରେ ଏକ ପୁଞ୍ଜି ବା ଫଣ୍ଡ ବ୍ୟବସ୍ଥା ଆମେରିକା ତରଫରୁ କରାଯାଇଥିଲା। ଏହାକୁ କୁହାଯାଉଥିଲା ଆବ୍ରାହାମ୍ ଫଣ୍ଡ। ଲକ୍ଷ୍ୟ ରଖାଯାଇଥିଲା କି ଏହି ଫଣ୍ଡ ଜରିଆରେ ପାଖାପାଖି ୩ ବିଲିଅନ ଡଲାର ଅର୍ଥ ସଂଗ୍ରହ କରାଯିବ ଓ ଏହାକୁ ମଧ୍ୟପ୍ରାଚ୍ୟ ଅଞ୍ଚଳର ଉନ୍ନତିକରଣ କାର୍ଯ୍ୟରେ ଲଗାଯିବ। ଉପରୋକ୍ତ ବିଭିନ୍ନ କାରଣରୁ କିନ୍ତୁ ଆବ୍ରାହାମ୍ ଚୁକ୍ତି ସମ୍ପୂର୍ଣ୍ଣ ଭାବରେ ଫଳବତୀ ହୋଇପାରିଲା ନାହିଁ, ଆବ୍ରାହାମ୍ ଫଣ୍ଡର ଭବିଷ୍ୟତ ମଧ୍ୟ ଅନିଶ୍ଚିତତାର ଘେରରେ।

ତେଣୁ ପରିଶେଷରେ ଯଦିଓ ଏହା ସ୍ପଷ୍ଟ ଯେ ଆବ୍ରାହାମ୍ ଆକର୍ଡ଼ ଏକ ପ୍ରଶଂସନୀୟ ପଦକ୍ଷେପ, ଏହା ପୂର୍ଣ୍ଣମାତ୍ରାରେ କାର୍ଯ୍ୟକ୍ଷମ ହେବା କିନ୍ତୁ ନିର୍ଭର କରୁଛି, ଅନେକଗୁଡ଼ିଏ ଭୂରାଜନୈତିକ (Geopolitical) ପ୍ରସଙ୍ଗ ଉପରେ, ଯାହା ମଧ୍ୟରୁ ଅନ୍ୟତମ ହେଉଛି ଆମେରିକା-ଚୀନ୍ ପ୍ରତିଦ୍ୱନ୍ଦ୍ୱିତା।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : **ଜୟାଶୀଷ ରାୟ**





# ବର୍ଷା ଜଳରେ ବୁଡ଼ିଛି ହାଇସ୍କୁଲ ପଡ଼ିଆ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟର ସର୍ବପୁରାତନ ହାଇସ୍କୁଲ ଭାବେ ପରିଚିତ କେନ୍ଦ୍ରାପଡା ହାଇସ୍କୁଲ୍ ପଡିଆରେ ପ୍ରାୟ ଦୁଇଫୁଟ ବର୍ଷାଜଳ ବୁଡି ରହିଛି। ଏହା ମଝିରେ ନିର୍ମାଣ ହେଉଥିବା ମିନି ଷ୍ଟାଡିୟମ୍‌ଟି ରହିଛି। ମାସ ମାସ ଧରି ଏହି ଷ୍ଟାଡିୟମ୍‌ଟି ବର୍ଷାଜଳ ଭିତରେ ବିପଦଜନକ ଅବସ୍ଥାରେ ରହିଥିବାରୁ କୌଣସି ମୁହୂର୍ତ୍ତରେ ଅଘଟଣ ଘଟିବାର ସମ୍ଭାବନା ରହିଛି। ଏହି ଷ୍ଟାଡିୟମ୍‌ରେ ଛୋଟ ଛୋଟ ଛାତ୍ରଛାତ୍ରୀ ଠାରୁ ଆରମ୍ଭ କରି ସ୍ଥାନୀୟ ଯୁବକ/ଯୁବତୀମାନେ ବସା ଉଠା କରିବା ସହିତ ଖେଳ ଦେଖିଥାନ୍ତି। ଏହାର ସୁରକ୍ଷାକୁ କଡାକଡି ଭାବେ ଯାଞ୍ଚ କରି ପଦକ୍ଷେପ ନେବାକୁ ଅଭିଭାବକ ମାନେ ଦାବି କରିଛନ୍ତି।

# ଫେରିବାଲାର ମୃତଦେହ ପରିବାରକୁ ହସ୍ତାନ୍ତର କଲା ବୌଦ୍ଧ ପୋଲିସ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଥାନା ବଢିଗାଁ ଛକ ନିକଟରେ ପଶ୍ଚିମବଙ୍ଗ ରାଜ୍ୟରୁ ଆସି ବୁଲିବୁଲି ବେଡ୍‌ସିଟ୍ ବିକ୍ରି କରୁଥିବା ଫେରିବାଲାଙ୍କ ମୃତ ଦେହକୁ ବ୍ୟବଚ୍ଛେଦ କରାଇବା ପରେ ପରିବାରକୁ ହସ୍ତାନ୍ତର କରିଛି ବୌଦ୍ଧ ପୋଲିସ। ସକାଳ ୯ଟା ସମୟରେ ବଢିଗାଁ ଛକ ନିକଟରେ ଏକ ବାଇକ୍ ଯୋଗେ ବୁଲିବୁଲି ବେଡ୍‌ସିଟ୍ ବିକ୍ରି କରୁଥିବା ପଶ୍ଚିମବଙ୍ଗ ରାଜ୍ୟର ଜଣେ ଫେରିବାଲା ହଠାତ୍ ଅସୁସ୍ଥ ଅନୁଭବ କରି ରାସ୍ତା ଉପରେ ଟଳିପଡିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ଡାକ୍ତରଖାନା ପଠାଇଥିଲେ। କିନ୍ତୁ ଡାକ୍ତର ପରୀକ୍ଷା କରି ମୃତ ଘୋଷଣା କରିଥିଲେ। ବୌଦ୍ଧ ପୋଲିସ ସାଥୀ ଫେରିବାଲା ମାନଙ୍କୁ ପଚାରି ମୃତକଙ୍କ ପରିବାରକୁ ଖବର ଦେଇଥିଲେ। ଶୁକ୍ରବାର ସକାଳେ ପରିବାର ଲୋକେ ପହଞ୍ଚିବା ପରେ ମୃତ ଦେହ ବ୍ୟବଚ୍ଛେଦ କରି ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

# ଅର୍ଥମଞ୍ଜୁର ସତ୍ତ୍ୱେ ବ୍ରହ୍ମପୁର ଆଇଟିଆଇକୁ ଉତ୍କର୍ଷ କେନ୍ଦ୍ର କରିବା ସ୍ୱପ୍ନ ଅଧୁରା

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ବିକାଶ କେନ୍ଦ୍ର ସହ ନୂଆ କ୍ୟାମ୍ପସ୍ ଖୋଲି ଉତ୍କର୍ଷ ଆଇଟିଆଇ ରୂପେ ବିକଶିତ କରିବା ନେଇ ସରକାର ଯୋଜନା କରିଛନ୍ତି। ଏଥିପାଇଁ ଆଗାମୀ ୫ ବର୍ଷରେ ଦକ୍ଷତା ବିକାଶ ପାଇଁ ରାଜ୍ୟରେ ମୋଟ୍ ୧୧୪୦ କୋଟି ଟଙ୍କା ବିନିଯୋଗ କରିବାକୁ ଯୋଜନା ରହିଛି। ଏହି ପ୍ରସ୍ତାବ କ୍ୟାବିନେଟ୍‌ରେ ପାରିତ ବି ହୋଇସାରିଛି। ସରକାର ଦକ୍ଷତା ବିକାଶ ଇକୋ ସିଷ୍ଟମ୍‌କୁ ଦୃଢ଼ କରିବା ସହ ଆଧୁନିକିକରଣ କଥା କହୁଥିବା ବେଳେ ବ୍ରହ୍ମପୁର ଆଇଟିଆଇର ଦୟନୀୟ ସ୍ଥିତି ବିଭାଗର ଅସଲ ମୁଖାକୁ ପଦାରେ ପକାଇଦେଇଛି। ୧୯୫୬ ମସିହାରେ କିଛି ହାତଗଣତି ଟ୍ରେଡ୍‌କୁ ନେଇ ବ୍ରହ୍ମପୁରରେ ଆରମ୍ଭ ହୋଇଥିଲା ସରକାରୀ ଶିଳ୍ପ ତାଲିମ୍ ଅନୁଷ୍ଠାନ। ବିଭିନ୍ନ କ୍ଷେତ୍ରରେ ବ୍ରହ୍ମପୁର ଆଇଟିଆଇ କେବଳ ରାଜ୍ୟରେ ନୁହଁ ବରଂ ସର୍ବ ଭାରତୀୟ ସ୍ତରରେ ମଧ୍ୟ ସୁନାମ ଅର୍ଜନ କରିଛି। ବର୍ତ୍ତମାନ ୨୭ଟି ଟ୍ରେଡ୍‌ରେ ପ୍ରତି ଶିକ୍ଷାବର୍ଷରେ ୨୧୪୬ ଜଣ ଛାତ୍ରଛାତ୍ରୀ ନାମ ଲେଖାଉଛନ୍ତି। ୯ ଏକର ପରିମିତ ଶିକ୍ଷାନୁଷ୍ଠାନର ୫ଟି ହଷ୍ଟେଲ୍‌ରେ ପ୍ରାୟ ୭୦୦ ଛାତ୍ରଛାତ୍ରୀ ରହିବା ପାଇଁ ବ୍ୟବସ୍ଥା ରହିଛି। ସୂଚନା ଅନୁଯାୟୀ ଶିକ୍ଷାନୁଷ୍ଠାନର କିଛି ଜମି ଇତି ମଧ୍ୟରେ ଜବରଦଖଲରେ ରହିଛି। କେନ୍ଦ୍ର ସରକାରଙ୍କ ନିୟମ ଅନୁଯାୟୀ ୨୦ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ଜଣେ ଶିକ୍ଷକ ରହିବା ବଦଳରେ ବର୍ତ୍ତମାନ ୫୦ ଛାତ୍ରଛାତ୍ରୀଙ୍କ ପାଇଁ ଜଣେ ଅନୁପାତରେ ପ୍ରଶିକ୍ଷକ ରହିଛନ୍ତି। ଛାତ୍ରଛାତ୍ରୀଙ୍କ ଅନୁପାତରେ ଆବଶ୍ୟକ ଶ୍ରେଣୀଗୃହର ଅଭାବ ମଧ୍ୟ ରହିଛି। ସ୍ଥାନ ଅଭାବରୁ ୩ରୁ ଅଧିକ ଟ୍ରେଡ୍‌ର ଛାତ୍ରଛାତ୍ରୀ ଗୋଟିଏ ସ୍ଥାନରେ ପ୍ରାକ୍ଟିକାଲ୍ କରୁଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷଙ୍କ କହିବା ଅନୁସାରେ ପିଲାଙ୍କ ସଂଖ୍ୟାକୁ ଦେଖିଲେ ପୂର୍ବରୁ ଥିବା ୫ଟି କୋଠା ନିଅଣ୍ଟ ପଡୁଛି। ଏଠାରୁ ଶିକ୍ଷାଲାଭ କରିସାରିବା ପରେ ଉଚ୍ଚତର ତାଲିମ୍ ବ୍ୟବସ୍ଥା ସହରରେ ନାହିଁ। ରାଜ୍ୟ ଛାଡ଼ି ଯାଉନଥିବା ପିଲା କାମଧନ୍ଦା ପାଇପାରୁନାହାନ୍ତି। ସରକାର ଦକ୍ଷତା ବିକାଶ କେନ୍ଦ୍ର ପ୍ରତିଷ୍ଠା କଥା କହୁଥିବା ବେଳେ ଛାତ୍ରଛାତ୍ରୀଙ୍କ ପାଇଁ ମୌଳିକ ସୁବିଧା ଯୋଗାଇବାରେ ସକ୍ଷମ ହୋଇପାରୁନାହାନ୍ତି ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ବହୁ ପୁରାତନ ଛାତ୍ର କହିଛନ୍ତି। ଶିକ୍ଷକ ଅଭାବ ଯୋଗୁ ଅତିଥି ଶିକ୍ଷକ ହିଁ ଭରସା ହୋଇଛି। ଏଠାରେ ୮୦ ଜଣ ଅତିଥି ଶିକ୍ଷକ ଥିବାବେଳେ ଆସନ୍ତା ଜୁଲାଇ ମାସରେ ସେମାନଙ୍କ ଅବଧି ଶେଷ ହେବାକୁ ଥିବାବେଳେ ସେମାନେ ନିଜ ଭବିଷ୍ୟତକୁ ନେଇ ଚିନ୍ତାରେ ରହିଛନ୍ତି। ଉତ୍କର୍ଷ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ନେଇ ସରକାର ସ୍ୱପ୍ନ ଦେଖାଉଥିବା ବେଳେ ପୁରାତନ ମେସିନ୍‌ରେ ଛାତ୍ରଛାତ୍ରୀ ତାଲିମ୍ ନେଉଛନ୍ତି। ସ୍ଥାନାଭାବ ଯୋଗୁ ନୂତନ ଯନ୍ତ୍ରପାତି ଆସିପାରୁନାହିଁ। ଅନୁଷ୍ଠାନର ପୁରାତନ ଛାତ୍ରଛାତ୍ରୀଙ୍କ କହିବାନୁଯାୟୀ, ମେସିନିଷ୍ଟ, ଟର୍ନର ଓ ମୋଟର ମେକାନିକ୍ ପରି ଟ୍ରେଡ୍‌ରେ ବ୍ରହ୍ମପୁର ଆଇଟିଆଇରେ ଶ୍ରେଣୀଗୃହ ଅଭାବ ପ୍ରାକ୍ଟିକାଲ୍‌ରେ ବାଧକ ସାଜିଛି। ଶିକ୍ଷକ ସଙ୍କଟ ମୁଖ୍ୟ ସମସ୍ୟା। ପୂର୍ବରୁ ଏଠାରୁ ତାଲିମ୍‌ପ୍ରାପ୍ତ ଛାତ୍ରଛାତ୍ରୀ ନିଯୁକ୍ତି ସୁଯୋଗ ପାଉଥିବା ବେଳେ ବର୍ତ୍ତମାନ କାଉନ୍‌ସେଲିଂ ଅଭାବ କାରଣରୁ ଉଚିତ୍ ମାର୍ଗଦର୍ଶନ ପାଇପାରୁନାହାନ୍ତି। ସମସ୍ୟା ସମ୍ପର୍କରେ କଲେଜ ଅଧ୍ୟକ୍ଷ ରଞ୍ଜନ ପରିଡ଼ା କହିଛନ୍ତି, ଶିକ୍ଷାନୁଷ୍ଠାନ ପରିସରରେ ଆଇଜରର ଅସ୍ଥାୟୀ କ୍ୟାମ୍ପସ୍ କାରଣରୁ ସ୍ଥାନ ଅଭାବ ଦେଖାଦେଉଛି। ସମସ୍ୟା ସମ୍ପର୍କରେ ସରକାରଙ୍କୁ ଅବଗତ କରାଯାଇଥିବା ବେଳେ ଆଗାମୀ ଦିନରେ ଏହାର ସମାଧାନ ହେବା ନେଇ ଆଶାବାଦୀ ଥିବା ସେ କହିଛନ୍ତି।

# ବାଇକ୍ ଧକ୍କାରେ ସାଇକେଲ ଆରୋହୀଙ୍କ ମୃତ୍ୟୁ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ଜାତୀୟ ରାଜପଥ ନଂ ୫୭ର ବାଉଁଶୁଣୀ ଦମକଳ କେନ୍ଦ୍ର ନିକଟରେ ବାଇକ୍ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ହୋଇଥିବାବେଳେ ବାଇକ୍ ଆରୋହୀ ମଧ୍ୟ ଆହତ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ବାଉଁଶୁଣୀ ଥାନା ଥପାପାଲି ଗ୍ରାମର ପୁରନ୍ଦର ରାଜହଂସ ସାଇକେଲ ଯୋଗେ ଦମକଳ କେନ୍ଦ୍ର ନିକଟରେ ରାସ୍ତା ପାର୍ ହେଉଥିବା ସମୟରେ ବୌଦ୍ଧ ପଟୁ ନିଜ ଘରକୁ ଯାଉଥିବା ଦହ୍ୟା ପଞ୍ଚାୟତ ଚଉରିଆପଦର ଗ୍ରାମର ପଦ୍ମନାଭ ଭଇନାଙ୍କୁ ବାଇକ୍ ଧକ୍କା ଦେଇଥିଲା। ଫଳରେ ପୁରନ୍ଦର ଗୁରୁତର ଆହତ ହେବା ସହ ବାଇକ୍ ଚାଳକ ପଦ୍ମନାଭ ମଧ୍ୟ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ବାଉଁଶୁଣୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତର ପୁରନ୍ଦର ରାଜହଂସଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ବାଉଁଶୁଣୀ ପୋଲିସ ପହଞ୍ଚି ବାଇକ୍, ସାଇକେଲ ଓ ମୃତ ଦେହକୁ ଜବତ କରି ବାଇକ୍ ଆରୋହୀଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି।

# ରେଲୱେ ଭୂତଳ ପୋଲରେ ଜମିଛି ବର୍ଷା ଜଳ:ଯାତାୟାତ ଠପ୍

**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକ ସାଲେଭଟା-କୁଟାସିଂହା ମୁଖ୍ୟ ରାସ୍ତାର ସାଲେଭଟା-ମୁରଶୁଣ୍ଡୀ ମଧ୍ୟରେ ଥିବା ରେଲୱେ ଭୂତଳ ପୋଲରେ ୫ ଫୁଟର ପାଣି ପ୍ରବାହିତ ହେଉଥିବାରୁ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଛି। ଗତ ରାତିରେ ପ୍ରବଳ ବର୍ଷା ହେବାରୁ ପାଚେରୀ ଡେଇଁ ପାଣି ପୋଲକୁ ପଶୁଛି। ପୋଲର ଉଭୟ ପାର୍ଶ୍ୱରେ ଉଚ୍ଚ କାନ୍ଥ ଥିବାରୁ ଏବଂ ଏହା ଖାଲୁଆ ହୋଇଥିବାରୁ ପାଣି ନିଷ୍କାସନ ହୋଇପାରୁନାହିଁ। ପୋଖରୀ ସଦୃଶ ପାଣି ଜମି ରହୁଛି। ଖାଲୁଆ ସ୍ଥାନରେ ଏହି ଭୂତଳ ପୋଲ ନିର୍ମାଣ ହୋଇଥିବାରୁ ଅସରାଏ ବର୍ଷାରେ ବି ସ୍ଥିତି ଅସମ୍ଭାଳ ହୋଇପଡୁଛି। ଏହି ରାସ୍ତା ସାଲେଭଟାରୁ ସୁବର୍ଣ୍ଣପୁରକୁ ଯୋଡି ହୋଇଥିବାରୁ ସବୁବେଳେ ହଜାର ହଜାର ଯାନବାହାନ ଚଳାଚଳ କରୁଥିଲା ଏବଂ ବାରମ୍ବାର ଫାଟକ ପଡୁଥିବାରୁ ଅଞ୍ଚଳବାସୀଙ୍କ ଓଭର୍ ବ୍ରିଜ୍ ଦାବି ସତ୍ତ୍ୱେ ବି ରେଳ ବିଭାଗ ପକ୍ଷରୁ କିଛି ବର୍ଷ ହେଲା ଅଣ୍ଡର ପାସ୍ ନିର୍ମାଣ କରାଯାଇଥିଲା। ଫଳରେ ସେ ସମୟରେ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏଭଳି ସ୍ଥିତିରେ ସମସ୍ତ ଜରୁରୀ ସେବା ବନ୍ଦ ହୋଇଯାଇଛି ମୁଖ୍ୟମନ୍ତ୍ରୀ ବସ୍ ସେବା ପିଲାଙ୍କ ସ୍କୁଲ କଲେଜ ଏପରିକି ରୋଗୀଙ୍କୁ ନେବା ପାଇଁ ଆସୁଥିବା ଏକ ଆମ୍ବୁଲାନ୍ସ ମଧ୍ୟ ଏଠାରୁ ଫେରିଯାଇଥିବା ଦେଖାଯାଇଛି। ଏହି ଭୂତଳ ପୋଲ ନିର୍ମାଣ ସମୟରେ ଅଞ୍ଚଳବାସୀ ଏଠି ଭୂତଳ ପୋଲ ପରିବର୍ତ୍ତେ ଓଭର୍ ବ୍ରିଜ୍ ନିର୍ମାଣ କରିବାକୁ ବିଭାଗଗୀୟ ଅଧିକାରୀଙ୍କୁ ଲିଖିତ ଭାବେ ଜଣେଇବା ସହ ରେଳ ମନ୍ତ୍ରୀଙ୍କ ବଲାଙ୍ଗୀର ଗସ୍ତ ସମୟରେ ଅଞ୍ଚଳବାସୀଙ୍କ ଦ୍ୱାରା ଦାବିପତ୍ର ପ୍ରଦାନ କରାଯାଇଥିବା ସୂଚନା ମିଳିଛି। ଏନେଇ ରେଳ ରୋକ୍ ମଧ୍ୟ ଏଠାରେ କରାଯାଇଥିଲା। ତେବେ ପ୍ରତିବର୍ଷ ବର୍ଷା ଦିନ ଆସିଲେ ଏଭଳି ସ୍ଥିତି ଲାଗି ରହୁଥିବାରୁ ଅଞ୍ଚଳବାସୀ ଏଠାରେ ଓଭର୍ ବ୍ରିଜ୍ ନିର୍ମାଣ କରିବାକୁ ଦାବି କରୁଛନ୍ତି।

# ସ୍ୱଭାବକବି ଗଙ୍ଗାଧରଙ୍କ ପୌତ୍ରବଧୂ ପ୍ରେମଶୀଳା ମେହେରଙ୍କ ଦେହାନ୍ତ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଶନିବାର ରାତି ପ୍ରାୟ ୮ଟା ସମୟରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପୌତ୍ରବଧୂ ତଥା ସ୍ୱର୍ଗତ କିଶୋର ଚନ୍ଦ୍ର ମେହେରଙ୍କ ଧର୍ମପତ୍ନୀ ପ୍ରେମଶୀଳା ମେହେରଙ୍କ ବିୟୋଗ ଭୁବନେଶ୍ୱର କଳିଙ୍ଗବିହାର ସ୍ଥିତ ବାସଭବନରେ ହୋଇଯାଇଛି। ତାଙ୍କର ସୁପୁତ୍ର ଉତ୍କଳ ବିଶ୍ୱବିଦ୍ୟାଳୟର ପରିଦର୍ଶକ ପ୍ରଫେସର ମଣୀନ୍ଦ୍ର କୁମାର ମେହେରଙ୍କ ପାଖରେ ସେ ରହୁଥିଲେ। ଦୀର୍ଘଦିନ ହେଲା ତାଙ୍କ ଦେହ ଅସୁସ୍ଥ ଥିଲା। ମୃତ୍ୟୁ ବେଳକୁ ତାଙ୍କୁ ୮୩ ବର୍ଷ ବୟସ ହୋଇଥିଲା। ତାଙ୍କ ପଛରେ ସେ ତାଙ୍କର ଏକମାତ୍ର ପୁତ୍ର ମଣୀନ୍ଦ୍ର, ପୁତ୍ରବଧୂ ଦୀପ୍ତିମୟୀ ଓ ନାତି ଶୌଭିକ ସୁମନଙ୍କୁ ଛାଡ଼ି ଯାଇଛନ୍ତି। ସେ ଜଣେ ଅତ୍ୟନ୍ତ ଭଦ୍ର, ଅମାୟିକ, ସାହିତ୍ୟପ୍ରେମୀ, ଭଗବତ୍ ବିଶ୍ୱାସୀ ମହିଳା ଥିଲେ। ସ୍ୱଭାବ କବି ଗଙ୍ଗାଧରଙ୍କ ସ୍ମୃତି ରକ୍ଷା ପ୍ରତି ସାରା ଜୀବନ ନିଜକୁ ସେ ଉତ୍ସର୍ଗ କରି ରଖିଥିଲେ। ବରପାଲି ସ୍ଥିତ କବି ପରିବାରଙ୍କ ନୂତନ ଭବନ 'ଗଙ୍ଗାଧର ସ୍ମୃତି ସଦନ'ରେ ସଂରକ୍ଷିତ ହୋଇ ରହିଥିବା କବିଙ୍କ କଲମ, ଦୁଆତ, ପାଣ୍ଡୁଲିପି,କୋର୍ଟ, କଠଉ, ଥାଳି, ପିଢ଼ା, ତତ୍କାଳୀନ କବି ଲେଖକଙ୍କ ଚିଠି ପତ୍ର ଆଦିକୁ ସଯତ୍ନରେ ସାଇତି ରଖିବା ସହିତ ବାହାରୁ ଆସୁଥିବା ଗଙ୍ଗାଧର ପ୍ରେମୀଙ୍କୁ ଆଗ୍ରହ ସହକାରେ ଦେଖାଉଥିଲେ। ସ୍ୱଭାବ କବିଙ୍କ ଜୟନ୍ତୀ ହେଉ ବା ଶ୍ରାଦ୍ଧ ଦିବସକୁ ପରିବାରରେ ଉତ୍ସାହ ଉଦ୍ଦୀପନା ସହିତ ପାଳନ କରିବାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ଭୁବନେଶ୍ୱର ସତ୍ୟନଗର ସ୍ଥିତ ଶ୍ମଶାନରେ ତାଙ୍କର ଅନ୍ତ୍ୟେଷ୍ଟିକ୍ରିୟା ସଂପନ୍ନ ହୋଇଯାଇଛି। ତାଙ୍କର ଏକମାତ୍ର ପୁତ୍ର ପ୍ରଫେସର ମଣୀନ୍ଦ୍ର କୁମାର ମେହେର ମୁଖାଗ୍ନି ଦେଇଥିଲେ। ତାଙ୍କ ଶେଷ ଦର୍ଶନ ଓ ଅନ୍ତ୍ୟେଷ୍ଟିକ୍ରିୟା ସମୟରେ ତାଙ୍କ ପୁତୁରା ତଥା ସ୍ୱଭାବ କବିଙ୍କ ପ୍ରପୌତ୍ର ନାଟ୍ୟକାର ମିହିର କୁମାର ମେହେର, ଡକ୍ଟର ସୁଶୀଳ କୁମାର ବାଗ୍, ବିପଦର ବନ୍ଧୁ ନିରାକାର ସାହୁ, ସମାଜସେବୀ ସୁଧାଂଶୁ ସାହୁ, ଅରୁଣ ଡାକୁଆ, ଚନ୍ଦନ ସିଂହ, ବାପି ନାୟକ, ସୁଶାନ୍ତ କୁମାର ବେହେରା ପ୍ରମୁଖ ଉତ୍କଳ ବିଶ୍ୱବିଦ୍ୟାଳୟର ଛାତ୍ର ଓ ଗବେଷକମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ବିୟୋଗରେ କବିଙ୍କ ଜନ୍ମସ୍ଥାନ ବରପାଲି ଓ ଭୁବନେଶ୍ୱରର ସାହିତ୍ୟିକ ମହଲରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତା ମେହେରଙ୍କ ପରଲୋକ ଖବରପାଇ ବିଶିଷ୍ଟ ସାହିତ୍ୟ ସାଧକ ଶାନ୍ତନୁ କୁମାର ଆଚାର୍ଯ୍ୟ, କବି ମମତା ଦାସ, ପ୍ରଫେସର ଆଦିକନ୍ଦ ସାହୁ, କେନ୍ଦ୍ର ସାହିତ୍ୟ ଏକାଡେମୀର ସଦସ୍ୟ ଅରୁଣ କୁମାର ସାହୁ, ବିଶିଷ୍ଟ କଥାକାର ପଦ୍ମଜ ପାଳ, ପକ୍ଷୀଘରର ପ୍ରକାଶକ ବନୋଜ ତ୍ରିପାଠୀ, ଗାଳ୍ପିକା ହିରଣ୍ମୟୀ ମିଶ୍ର, ସରୋଜିନୀ ସାହୁ, ସୁଷମା ମିଶ୍ର, କୋଲାହାଣ ବିଶ୍ୱବିଦ୍ୟାଳୟର ପ୍ରଫେସର ବାଳକୃଷ୍ଣ ବେହେରା ଓ ବହୁ ସାହିତ୍ୟିକ ପ୍ରଫେସର ମଣୀନ୍ଦ୍ର କୁମାର ମେହେରଙ୍କୁ ଆନ୍ତରିକ ସମବେଦନା ଜ୍ଞାପନ କରିଛନ୍ତି।

# ଅଗଷ୍ଟ ୧୨ରେ ଆଦିକବି ସାରଳା ଦାସ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ



**ତିର୍ତ୍ତୋଲ, ନ୍ୟୁଜ୍ ବ୍ୟୁରୋ**

ତିର୍ତ୍ତୋଲ ବ୍ଲକ କଟକ-ପାରାଦ୍ୱୀପ ରାସ୍ତା ତିର୍ତ୍ତୋଲ ଆଦିକବି ସାରଳାଦାସ ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ଅନନ୍ତ ଚରଣ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ତିର୍ତ୍ତୋଲ ଆଦିକବି ସାରଳାଦାସ ମହାବିଦ୍ୟାଳୟ ୧୯୭୬ ମସିହାରେ ଗଠିତ ହୋଇଥିଲା। ୨୦୨୬ ଅଗଷ୍ଟ ୧୨ ତାରିଖରେ ମହାବିଦ୍ୟାଳୟକୁ ୫୦ ବର୍ଷ ପୂରିଯାଉଥିବାରୁ ସୁବର୍ଣ୍ଣଜୟନ୍ତୀ ଉପଲକ୍ଷେ ପୁରାତନ ଛାତ୍ରଛାତ୍ରୀ, ବର୍ତ୍ତମାନରେ ଛାତ୍ରଛାତ୍ରୀ ମାନଙ୍କୁ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଅଧ୍ୟକ୍ଷ ଆଚାର୍ଯ୍ୟ ଅଧ୍ୟକ୍ଷତା କରି ସମସ୍ତଙ୍କ ମତାମତ ମାଗିଥିଲେ ଏବଂ କିଭଳି ଭାବେ ସୁଚାରୁରୂପେ ହୋଇପାରିବ ସେଥିପାଇଁ ସମସ୍ତ ୧୯୭୬ ମସିହାରୁ ଅଦ୍ୟାବଧି ପୁରାତନ ଛାତ୍ରଛାତ୍ରୀ ମାନଙ୍କ ତାଲିକା ପ୍ରସ୍ତୁତ କରାଯିବା ସହିତ ଏକ ହ୍ୱାଟ୍ସଆପ୍ ଗ୍ରୁପ୍ ତିଆରି କାରାଯାଇ ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ଯୋଡିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଏଥିସହିତ ସୁବର୍ଣ୍ଣ ଜୟନ୍ତୀ ପାଳନ ନିମନ୍ତେ ବ୍ୟାଙ୍କରେ ଏକ ଖାତା ଖୋଲାଯିବାପାଇଁ ପ୍ରସ୍ତାବ ଦିଆଯାଇଥିଲା। ସୁବର୍ଣ୍ଣ ଜୟନ୍ତୀ ପାଳନ ନିମନ୍ତେ ଏକ ସୁବର୍ଣ୍ଣ ଜୟନ୍ତୀ କମିଟି ଗଠନ ନିମନ୍ତେ ପ୍ରସ୍ତାବ ଦିଆଯାଇଥିଲା। ଏହା ମହାବିଦ୍ୟାଳୟରେ ଅଧ୍ୟକ୍ଷ ଶ୍ରୀ ଆଚାର୍ଯ୍ୟ ଯେଉଁ କମିଟି ଗଠନ କରାଯିବ ତାହାର ଅଧ୍ୟକ୍ଷଭାବେ ଦାୟିତ୍ୱ ତୁଲାଇବା ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଏହି ବୈଠକରେ ମହାବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟାପକ-ଅଧ୍ୟାପିକା, ପୂର୍ବତନ ଛାତ୍ରଛାତ୍ରୀ, ପରିଚାଳନା କମିଟିର ସଦସ୍ୟ ଏବଂ ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗଦେଇ ଉତ୍ସବ ପାଳନର ରୂପରେଖ, ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ପୂର୍ବତନ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ, ସ୍ମରଣିକା ପ୍ରକାଶ ଏବଂ ଅନ୍ୟାନ୍ୟ ଆୟୋଜନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ମହାବିଦ୍ୟାଳୟର ୫୦ ବର୍ଷର ଗୌରବମୟ ଯାତ୍ରାକୁ ସ୍ମରଣୀୟ କରିବା ସହ ଏହାର ଐତିହ୍ୟ, ଶିକ୍ଷାର ଉତ୍କର୍ଷ ଏବଂ ସମାଜ ପ୍ରତି ଅବଦାନକୁ ସର୍ବସମ୍ମୁଖରେ ଉପସ୍ଥାପନ କରିବା ପାଇଁ ସମସ୍ତେ ମିଳିତ ଭାବେ କାର୍ଯ୍ୟ କରିବାକୁ ସଂକଳ୍ପ ପ୍ରକାଶ କରିଥିଲେ। ସୁବର୍ଣ୍ଣ ଜୟନ୍ତୀ କେବଳ ଏକ ଉତ୍ସବ ନୁହେଁ, ବରଂ ମହାବିଦ୍ୟାଳୟର ଗୌରବମୟ ଇତିହାସ, ବର୍ତ୍ତମାନର ସଫଳତା ଏବଂ ଭବିଷ୍ୟତର ସ୍ୱପ୍ନକୁ ଏକାଠି କରିବାର ଏକ ସ୍ୱର୍ଣ୍ଣିମ ଅବସର, ସମସ୍ତଙ୍କ ସହଯୋଗ ଏକାନ୍ତ ଅପରିହାର୍ଯ୍ୟ ବୋଲି ଅଧ୍ୟକ୍ଷ ଶ୍ରୀ ଆଚାର୍ଯ୍ୟ ମତପ୍ରକାଶ କରିଥିଲେ।

# ବରଗଡ଼ ମହିଳା ସମିତିର ଆହ୍ୱାନ:ବୃକ୍ଷ ରୋପଣକୁ ନୈତିକ ଦାୟିତ୍ୱ ରୂପେ ଗ୍ରହଣ କରାଯାଉ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ବୃକ୍ଷ ରୋପଣ ଆଜିର ସମୟରେ ଅତ୍ୟନ୍ତ ଜରୁରୀ ଅଟେ, ଯାହା ମୁଖ୍ୟତଃ ଶୁଦ୍ଧ ଅମ୍ଳଜାନ ପ୍ରଦାନ, ପ୍ରଦୂଷଣ ନିୟନ୍ତ୍ରଣ ଏବଂ ଜଳବାୟୁ ସନ୍ତୁଳନ ରକ୍ଷା କରିବା ପାଇଁ ଆବଶ୍ୟକ। ତେଣୁ ପ୍ରତ୍ୟେକ ସ୍ତରରେ ବୃକ୍ଷ ରୋପଣକୁ ନୈତିକ ଦାୟିତ୍ୱ ଭାବରେ ଗ୍ରହଣକରି ପ୍ରତ୍ୟେକେ ବୃକ୍ଷ ରୋପଣ କରିବାକୁ ବରଗଡ଼ ମହିଳା ସମିତି ଅନୁରୋଧ ଜଣାଇଛି। ସମିତି ପକ୍ଷରୁ ବରଗଡ଼ ସାଇନ୍ସ ଇନ୍‌ଷ୍ଟିଚ୍ୟୁଟ୍ ଠାରେ ବୃକ୍ଷ ରୋପଣ କରାଯାଇଥିଲା। ଏଥିରେ ମୁଖ୍ୟତଃ ଦୀର୍ଘ ସ୍ଥାୟୀ ବୃକ୍ଷ ପାଇଁ ୫୦ଟି ଚାରା ରୋପଣ କରାଯାଇଥିଲା। ସମିତିର ସଭାନେତ୍ରୀ ମନ୍ଦାକିନୀ ପତି ଓ ସମ୍ପାଦିକା ରିନୁ ପତିଙ୍କ ନେତୃତ୍ୱରେ ସଭ୍ୟାଗଣ ମମତା ମିଶ୍ର, କନକ ପ୍ରଧାନ, ଅଞ୍ଜନା ଦାସ, ସୁଧାଂଶୁ ବାଳା ଦାଶ, ସସ୍ମିତା ପଟ୍ଟନାୟକ, ଡା. କମଳିନୀ ଦାଶ, ସ୍ୱାଧୀନ ଦାଶ, ସଙ୍ଗୀତା ଗୁପ୍ତା, ସଲୋନି ଦାସ, ସଂଘମିତ୍ରା ପଟେଲ, ଦିବ୍ୟକାନ୍ତି ଭୋଇ, ମଞ୍ଜୁ ପଢାନ, ମଞ୍ଜୁଳା ସାହୁ, ନିବେଦିତା ପୁଝାରୀ, ବୀଣାପାଣି ଜେନା, ସୌଭାଗ୍ୟଲକ୍ଷ୍ମୀ ମିଶ୍ର, ସୁଜାତା ପଣ୍ଡା, ରାଜଶ୍ରୀ ଦୋରା ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ୍ ହୋଇ ବୃକ୍ଷ ରୋପଣ କରିଥିଲେ। ଶିକ୍ଷାନୁଷ୍ଠାନ ପକ୍ଷରୁ ଡ଼ ପ୍ରଦୀପ ହୋତା ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ ପୂର୍ବକ ଧନ୍ୟବାଦ ଅର୍ପଣ କରିଥିଲେ।




# ବିଧାୟକଙ୍କ ଚେତାବନୀ ପରେ ଆର୍‌ଡି ବିଭାଗର ନିଦ ଭାଙ୍ଗିଲା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ସାନ୍ତସାହି ପୋଲଠାରୁ ଗଣ୍ଡାଖିଆ ପୋଲ ପର୍ଯ୍ୟନ୍ତ ଆର୍‌ଡି ବିଭାଗର ଏହି ରାସ୍ତାଟି ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀଙ୍କ ପାଇଁ ଲେଉଟିଆ ଗଛ ପାଲଟିଛି। ପ୍ରତ୍ୟେକ ବର୍ଷ ଏହି ରାସ୍ତାଟି ବିଭାଗ ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ନିର୍ମାଣ କରାଯାଇଥାଏ। ହେଲେ ବର୍ଷ ନପୁରୁଣୁ ରାସ୍ତାଟି ସମ୍ପୂର୍ଣ୍ଣ ଖାଲ ଖମାରେ ଭର୍ତ୍ତି ହୋଇଯାଏ। ଦୀର୍ଘ ୬ ମାସରୁ ଊର୍ଦ୍ଧ୍ୱ ହେବ ଏହି ରାସ୍ତାଟି ଏତେ ପରିମାଣରେ ଖାଲ ଖମାରେ ଭର୍ତ୍ତି ହୋଇଛି ଚାଲିକରି ଯିବା ମଧ୍ୟ ମୁସ୍କିଲ୍ ଅବସ୍ଥା ହୋଇଛି। ଦୈନିକ ହଜାର ହଜାର ଲୋକ ଏହି ରାସ୍ତାରେ ଚଳ ପ୍ରଚଳ କରୁଥିବାବେଳେ ଆମ୍ବୁଲାନ୍ସ ଠାରୁ ଆରମ୍ଭ କରି ଦମକଳ, ସ୍କୁଲଗାଡି ଯାତାୟାତ କରିପାରୁନାହିଁ। କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ଏହି ରାସ୍ତା ପୁନଃ ନିର୍ମାଣ କରିବାକୁ ଚେତାବନୀ ଦେଇଥିବାରୁ ବିଭାଗୀୟ ଅଧିକାରୀ ତତ୍ପର ହୋଇ ରାସ୍ତାରେ ଗୋଡି ବାଲି ବିଛାଉଥିବା ଦେଖିବାକୁ ମିଳିଛି। କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ଗଣ୍ଡାଖିଆ ରାସ୍ତାର ମରାମତି ଓ ପୁନରୁଦ୍ଧାର ପାଇଁ ବାରମ୍ବାର ଅଧୀକ୍ଷଣ ଯନ୍ତ୍ରୀକୁ ଅବଗତ କରାଇଥିଲେ ମଧ୍ୟ ଅଧୀକ୍ଷଣ ଯନ୍ତ୍ରୀ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ରହିଥିଲେ। ବିଧାୟକ ଶ୍ରୀ ବେହେରା ତୁରନ୍ତ ରାସ୍ତା କାମ ନହେଲେ ୨୮ ତାରିଖ ଦିନ ୧୦ଟା ସମୟରେ ଆର୍‌ଡି ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଆଗରେ ଗଣଧାରଣା ଦେବେ ବୋଲି ଚେତାବନୀ ଦେବାପରେ ବିଭାଗୀୟ ଅଧିକାରୀ ଶନିବାର ଠାରୁ କାମ ଆରମ୍ଭ କରିଥିବା ଜଣାପଡିଛି।

# ସରସ୍ୱତୀ ବିଦ୍ୟାମନ୍ଦିର ନବାଗତ ଛାତ୍ରଛାତ୍ରୀଙ୍କ ସ୍ୱାଗତ ସମାରୋହ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ନୀଳକଣ୍ଠ ନଗରରେ +୨ ବିଜ୍ଞାନ ଓ ବାଣିଜ୍ୟ ବିଭାଗର ନବାଗତ ଛାତ୍ରଛାତ୍ରୀଙ୍କ ସ୍ୱାଗତ ସମାରୋହ ଗତ ଗୁରୁବାର ଦିନ ପରିଚାଳନା ସମିତିର ସଭାପତି ଡଃ ଜୀବାନନ୍ଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଦ୍ୟାଳୟର ଅଧ୍ୟକ୍ଷ ଏସ୍. ମୋହନ ରାଓ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଇଂରାଜୀ ଅଧ୍ୟାପିକା ମନ୍ଦାକିନୀ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟର ସମ୍ପାଦକ ଶ୍ରୀ ପଣ୍ଡା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। +୨ ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ରୀ ସୁଶ୍ରୀ ଐଶ୍ୱର୍ଯ୍ୟା ପାଣ୍ଡେ ଏବଂ ସୁଶ୍ରୀ ଅଙ୍କିତା ସାବତ ନବାଗତ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଅନୁଷ୍ଠାନର ଉନ୍ନତ ଶିକ୍ଷା ବ୍ୟବସ୍ଥା ତଥା ବ୍ୟବସ୍ଥିତ ପ୍ରକ୍ରିୟା ସମ୍ପର୍କରେ ନିଜର ସକୀୟ ମତାମତ ଉପସ୍ଥାପନ କରିଥିଲେ। ତତ୍‌ପରେ ସଭାପତି ଡଃ. ତ୍ରିପାଠୀ ନିଜର ଅଧକ୍ଷିୟ ଅଭିଭାଷଣ ପ୍ରଦାନ କରିଥିଲେ। ପରିଶେଷରେ ଯୁକ୍ତଦୁଇ ବିଭାଗର ପର୍ଯ୍ୟାୟପ୍ରମୁଖ ସରାଜ୍ୟ ମାଝି ନିମନ୍ତ୍ରିତ ଅତିଥି, ସମସ୍ତ ଗୁରୁଜୀ ଗୁରୁମା ତଥା ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା ସମିତିର ଯୁଗ୍ମସମ୍ପାଦକ ନୀଳକଣ୍ଠ ସାହୁ, ଉପଦେଷ୍ଟା ନରସିଂହ ଚୌଧୁରୀ, କେ. ଭେଙ୍କେଟ୍ ରାଓ, ବିଦ୍ୟାଳୟ ଶୈକ୍ଷିକ ପ୍ରଶାସକ ଶ୍ରୀମାନ୍ ଉମାଧବ ମହାନ୍ତି, ଡିଗ୍ରୀ ବିଦ୍ୟାମନ୍ଦିର ଅଧ୍ୟକ୍ଷ ଡଃ. ସୁବ୍ରତ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।



# ଜିଲ୍ଲାପାଳଙ୍କୁ ସାମାଜିକ ସୁରକ୍ଷା ଅଧିକାରୀ ସଂଘର ଦାବିପତ୍ର ପ୍ରଦାନ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ଅଖିଳ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସଂଘ ପକ୍ଷରୁ କର୍ମଚାରୀ ମାନଙ୍କର ବିଭିନ୍ନ ସମସ୍ୟା ଓ ୮ ଦଫା ଦାବି ସମ୍ପର୍କରେ ଏଥିରେ ଉଲ୍ଲେଖ କରାଯାଇଛି। ତାଙ୍କର ମୁଖ୍ୟ ଦାବି ଗୁଡ଼ିକ ହେଲା ଦରମା ବୃଦ୍ଧି, କ୍ୟାଡର ପୁନର୍ଗଠନ, ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ପଞ୍ଚାୟତ ସୋସିଆଲ୍ ସିକ୍ୟୁରିଟି ସହାୟକ ନିଯୁକ୍ତି ଦିଆଯାଉ, MACP ସମସ୍ୟାର ସମାଧାନ, ପଦୋନ୍ନତି, ୨୦୨୩ ବ୍ୟାଚ୍ BSSO ମାନଙ୍କ ପାଇଁ ତୁରନ୍ତ ଇଣ୍ଡକ୍ସନ୍ ଟ୍ରେନିଂ, MBPY ପୋର୍ଟାଲ୍ ବୟସ ଓ ଆୟ ସୀମାରେ କୋହଳ ଏବଂ ପ୍ରୋଗ୍ରାମ୍ ଆସିଷ୍ଟାଣ୍ଟମାନଙ୍କ ସମସ୍ୟାର ସହାନୁଭୂତିପୂର୍ଣ୍ଣ ସମାଧାନ ଇତ୍ୟାଦି ରହିଛି। ସଂଘ କହିଛି ଯେ BSSO ମାନେ ଏବେ SS&EPD ବ୍ୟତୀତ ପର୍ଯ୍ୟଟନ, ଓଡ଼ିଆ ଭାଷା-ସଂସ୍କୃତି, ଅର୍ଥ, କ୍ରୀଡ଼ା ଓ ଯୁବ ସେବା ଆଦି ୫ ଗୋଟି ବିଭାଗର କାମ ମଧ୍ୟ ସମ୍ଭାଳୁଛନ୍ତି। ଫଳରେ ସେମାନଙ୍କ ଉପରେ ପ୍ରଶାସନିକ ଚାପ ବହୁତ ବଢ଼ିଛି। ମାତ୍ର ଦରମା ଅନ୍ୟ ସମାନ କ୍ୟାଡର ତୁଳନାରେ କମ୍ ରହିଛି।

# ବିପଦସଙ୍କୁଳ ପୋଲର ପୁନଃ ନିର୍ମାଣ ପାଇଁ ଅଞ୍ଚଳବାସୀଙ୍କ ଦାବି

**ଝାରସୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ଝାରସୁଗୁଡ଼ା ଜିଲ୍ଲାର ଲଇକେରା-କିର୍ମିରା ମୁଖ୍ୟ ସଡ଼କକୁ ସଂଯୋଗ କରୁଥିବା ଠେଲୋକୋବୁଡ଼ ନିକଟସ୍ଥ ବ୍ରିଜ୍ ବର୍ତ୍ତମାନ ଅତ୍ୟନ୍ତ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଦୀର୍ଘଦିନ ଧରି ବ୍ରିଜ୍‌ର ମରାମତି କିମ୍ବା ପୁନରୁଦ୍ଧାର ନହେବାରୁ ସ୍ଥାନୀୟ ଲୋକ ଓ ପଥଚାରୀମାନେ ନିତିଦିନ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପ୍ରଶାସନର ଅବହେଳା ଯୋଗୁ ସମସ୍ୟା ଦିନକୁ ଦିନ ଗୁରୁତର ହେଉଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ସୂଚନା ଅନୁଯାୟୀ, ବ୍ରିଜ୍‌ଟି ଅତ୍ୟନ୍ତ ସଂକୀର୍ଣ୍ଣ ହୋଇଥିବା ବେଳେ ଏହାର ଉପରିଭାଗ ଖାଲଖମାରେ ପରିପୂର୍ଣ୍ଣ ହୋଇପଡ଼ିଛି। ସାମାନ୍ୟ ବର୍ଷା ହେଲେ ବ୍ରିଜ୍ ଉପରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହୁଥିବାରୁ ଯାତାୟାତ ବାଧାପ୍ରାପ୍ତ ହେଉଛି। ତଦୁପରି ବ୍ରିଜ୍‌ର ଉଭୟ ପାର୍ଶ୍ୱରେ ସୁରକ୍ଷା ବାଡ଼ ନଥିବାରୁ ଦୁର୍ଘଟଣା ଆଶଙ୍କା ବଢ଼ିଯାଇଛି। ବର୍ଷା ସମୟରେ ବ୍ରିଜ୍ ପାଣିରେ ବୁଡ଼ି ରହୁଥିବାରୁ ଯେକୌଣସି ସମୟରେ ବଡ଼ ଧରଣର ଅଘଟଣ ଘଟିପାରେ ବୋଲି ସ୍ଥାନୀୟବାସୀ ଆଶଙ୍କା ପ୍ରକାଶ କରିଛନ୍ତି। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଠେଲୋକୋବୁଡ଼ ଓ ଆଖପାଖ ଅଞ୍ଚଳର ଲୋକମାନେ ବାରମ୍ବାର ପ୍ରଶାସନଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବା ଅଭିଯୋଗ କରିଛନ୍ତି। କୌଣସି ଅପ୍ରୀତିକର ଘଟଣା ଘଟିବା ପୂର୍ବରୁ ଜିଲ୍ଲା ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ବ୍ରିଜ୍‌ର ମରାମତି ସହ ଆବଶ୍ୟକ ହେଲେ ନୂତନ ବ୍ରିଜ୍ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଆଶିଷ ଲେଙ୍କାଙ୍କ ପ୍ରତିକ୍ରିୟା ନେବା ପାଇଁ ଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ସହ ସମ୍ପର୍କ ସ୍ଥାପନ ସମ୍ଭବ ହୋଇପାରିନଥିଲା।

# ନିଖୋଜ ଯୁବକର ମୃତଦେହ ପୋଖରୀରୁ ଉଦ୍ଧାର:ହତ୍ୟା ସନ୍ଦେହ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ଗୁଆମାଳ ପଞ୍ଚାୟତ ଅଧିନ ବିଶ୍ୱନାଥପୁର ଗ୍ରାମର ଦୀପ୍ତିକାନ୍ତ ପାଣିଗ୍ରାହୀ (୪୨) ନାମକ ଜଣେ ଯୁବକ ଗୁରୁବାର ରାତିରୁ ନିଖୋଜ ହୋଇଯାଇଥିଲେ। ଏ ସମ୍ପର୍କରେ ତାଙ୍କ ସାନ ଭାଇ ମୁକ୍ତିକାନ୍ତ ପାଣିଗ୍ରାହୀ ଶୁକ୍ରବାର ଦିନ ଥାନାରେ ଜଣାଇଥିଲେ। ମାତ୍ର ରବିବାର ଦୀପ୍ତିକାନ୍ତର ମୃତ ଦେହକୁ ଗ୍ରାମର ଏକ ପୋଖରୀରୁ ପୋଲିସ ଜବତ କରିଥିବା ଜଣାଯାଇଛି। ତେବେ ମୃତ ଯୁବକଙ୍କ ଦେହର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ଥିବାରୁ ଦୀପ୍ତିକାନ୍ତଙ୍କୁ ହତ୍ୟା କରି ପୋଖରୀରେ ଫିଙ୍ଗି ଦିଆଯାଇଥିବା ତାଙ୍କ ପରିବାର ଲୋକେ ସନ୍ଦେହ ପ୍ରକାଶ କରିଛନ୍ତି। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ ୩୩/୨୬) ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ଘଟଣାରୁ ପ୍ରକାଶ ଯେ ଗତ ଗୁରୁବାର ରାତିରେ ଦୀପ୍ତିକାନ୍ତ ଖେଳ ଦେଖିବାକୁ ଯିବା କଥା କହି ଘରୁ କେଉଁଆଡ଼େ ଚାଲିଯାଇଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ସେ ଆଉ ଘରକୁ ନଫେରିବାରୁ ତାଙ୍କ ପରିବାର ଲୋକଙ୍କ ମନରେ ସନ୍ଦେହ ପ୍ରକାଶ ପାଇଥିଲା। ଦୀପ୍ତିକାନ୍ତ ଘରେ ମୋବାଇଲ ରଖିଦେଇ ଯାଇଥିବାରୁ ତାଙ୍କୁ ଫୋନ୍ କରିବା ସମ୍ଭବ ହୋଇନଥିଲା। ପରଦିନ ମଧ୍ୟ ସେ ଘରକୁ ନଫେରିବାରୁ ତାଙ୍କ ସାନଭାଇ ଥାନାର ନିଖୋଜ ହେବା ନେଇ ଜଣାଇଥିଲେ। ତେବେ ରବିବାର ସକାଳେ ନିଖୋଜ ଯୁବକଙ୍କ ମୃତଦେହ ଗ୍ରାମର ଏକ ପୋଖରୀରେ ଭାସୁଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଖବରପାଇ ଆଇଆଇସି ଲୋପାମୁଦ୍ରା ନାୟକ, ଏସ୍‌ଆଇ ପ୍ରକାଶ ନାୟକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ମୃତ ଯୁବକଙ୍କ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ଏହା ହତ୍ୟା ଘଟଣାକି ନୁହେଁ ତାହା ଉନ୍ମୋଚିତ ହେବ ବୋଲି ଆଇଆଇସି ନାୟକ କହିଛନ୍ତି।

# ଡିଜେ ଆଗରେ ହଜି ଗଲାଣି ପାରମ୍ପରିକ ବାଦ୍ୟ ଢୋଲ ଓ ମହୁରୀ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ଚିରାଚରିତ ଓ ପରମ୍ପରାକୁ ଭୁଲିଯାଇ ଡିଜିଟାଲ୍ ଯୁଗରେ ପରିବାର ମଧ୍ୟରେ କୌଣସି ଶୁଭ କାର୍ଯ୍ୟ ଅନୁଷ୍ଠିତ ହେଲେ କିମ୍ବା ପର୍ବପର୍ବାଣି ଦିନ ଗୁଡିକରେ ପାରମ୍ପରିକ ବାଦ୍ୟ ଢୋଲ ଓ ମହୁରୀର ସ୍ମୃତି ମଧୁର ସ୍ୱର ବାଜି ଉଠୁଥିଲା, କିନ୍ତୁ ବର୍ତ୍ତମାନ ଏହି ବାଦ୍ୟ ସମୂହର ସ୍ୱର ଆଉ ଶୁଣିବାକୁ ମିଳୁନାହିଁ। ରମ୍ଭା ସାବୁଲିଆ ସମେତ ପାରିପାର୍ଶ୍ୱିକ ବିଭିନ୍ନ ଅଞ୍ଚଳ ମାନଙ୍କରେ ବାଦ୍ୟ ଲୋପ ପାଇଁ ଡିଜେର ପ୍ରାଧାନ୍ୟ ବୃଦ୍ଧି ପାଇଥିବା ଲକ୍ଷ୍ୟ କରାଯାଇଛି। ସାମାଜିକ ଚାଲି ଚଳଣି ବଦଳିବାରୁ ଏହି ବାଦ୍ୟ ଲୋପ ହେବାକୁ ବସିଛି। ଏବେ ଲୋକଙ୍କ ପାଖରେ ମୁଦ୍ରାର ଅଭାବ ନଥିବାରୁ ଆଧୁନିକ ଡିଜେ ପଛରେ ପଡି ଲକ୍ଷେ ଲକ୍ଷେ ଟଙ୍କା ଖର୍ଚ୍ଚ କରୁଛନ୍ତି। ଅତୀତରେ ଆମ ମାଟିର ଲୋକ କଳା ଓ ପରମ୍ପରା ବାଦ୍ୟ ଯନ୍ତ୍ର ଆଧୁନିକତାର ଛାପରେ ହଜି ଗଲାଣି। କନ୍ଧ, ହରିଜନ ଓ ଆଦିବାସୀମାନେ ପାରମ୍ପରିକ ବାଦ୍ୟକୁ ନିଜର ଜୀବିକା ଭାବରେ ଗ୍ରହଣ କରିଥିବା ବେଳେ ବର୍ତ୍ତମାନ ଡିଜେ ଯୁଗରେ ସେମାନେ ଅଲୋଡ଼ା ହୋଇପଡିଛନ୍ତି। ଫଳରେ ନିଜେ ବଞ୍ଚିବା ପାଇଁ କୌଳିକ ବୃତ୍ତିକୁ ଛାଡି ଅନ୍ୟ ପନ୍ଥାକୁ ଆଦର କରୁଛନ୍ତି। ରାଜ୍ୟ ସରକାର ଏହି ପାରମ୍ପରିକ ବାଦ୍ୟକୁ ବଞ୍ଚାଇ ରଖିବା ନିମନ୍ତେ ପ୍ରଶାସନ ସମସ୍ତ ସରକାରୀ, ବେସରକାରୀ ଓ ମହୋତ୍ସବ କାର୍ଯ୍ୟକ୍ରମରେ ଏହି ବାଦ୍ୟକାର ମାନଙ୍କୁ ଖୋଜି ଅଗ୍ରାଧିକାର ଭିତ୍ତିରେ ସୁଯୋଗ ଦେବା ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ସେମାନଙ୍କ ମତରେ ଡିଜେ ବାଦ୍ୟ ସମାଜ ପାଇଁ ହାନିକାରକ ଓ ବ୍ୟୟ ସାପକ୍ଷ ସାବ୍ୟସ୍ତ ହୋଇଥିବା ବେଳେ ପାରମ୍ପରିକ ବାଦ୍ୟ, ଢୋଲ, ମହୁରୀ ସ୍ମୃତି ମଧୁର ଓ କମ୍ ଖର୍ଚ୍ଚ ହୋଇଥିବାରୁ ସମସ୍ତ କ୍ଷେତ୍ରରେ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ମତ ପ୍ରକାଶ ପାଇଛି।



# ଜିମ୍ବାୱେ ସିରିଜ୍ ଜିତି ପୁଣି ଥରେ ବିଶ୍ୱ ନମ୍ବର-୧ ହେଲା ଟିମ୍ ଇଣ୍ଡିଆ

**ନୂଆଦିଲ୍ଲୀ**

ଟି-୨୦ ବିଶ୍ୱକପ୍ ୨୦୨୬ରେ ବିଜୟ ପରେ ଭାରତୀୟ ଦଳକୁ କ୍ରମାଗତ ଦୁଇଟି ସିରିଜ୍‌ରେ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା। ବିଶ୍ୱକପ୍ ପରେ ଟିମ୍ ଇଣ୍ଡିଆ ନିଜର ପ୍ରଥମ ୭ଟି ମ୍ୟାଚ୍ ମଧ୍ୟରୁ ଗୋଟିଏ ହେଲେ ବି ମ୍ୟାଚ୍ ଜିତିପାରି ନଥିଲା। ଏହି ସମୟରେ ଆୟରଲାଣ୍ଡ ଏବଂ ଇଂଲଣ୍ଡ ଟି-୨୦ ସିରିଜ୍‌ରେ ଭାରତକୁ କ୍ଲିନ୍ ସୁଇପ୍ କରିଥିଲେ। ଶେଷରେ ଜିମ୍ବାୱେ ବିପକ୍ଷରେ ଭାରତୀୟ ଦଳ ବିଜୟ ପଥକୁ ଫେରିଥିଲା ଏବଂ ସିରିଜ୍‌କୁ ନିଜ ନାମରେ କରିଥିଲା। ଶ୍ରେୟସ ଆୟରଙ୍କ ଅଧିନାୟକତ୍ୱରେ ଭାରତ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜକୁ କ୍ଲିନ୍ ସୁଇପ୍ କରି ନେଇଛି। ସିରିଜ୍ ଜିତିବା ସହ ଭାରତୀୟ ଦଳ ପୁଣି ଥରେ ଆଇସିସି ଟି୨୦ ର୍‍ୟାଙ୍କିଂର ପ୍ରଥମ ସ୍ଥାନରେ ପହଞ୍ଚିଯାଇଛି। ଇଂଲଣ୍ଡ ବିପକ୍ଷରେ ମିଳିଥିବା ପରାଜୟ ପରେ ଭାରତକୁ ନମ୍ବର-୧ ଆସନ ହରାଇବାକୁ ପଡ଼ିଥିଲା, କିନ୍ତୁ ଜିମ୍ବାୱେ ବିପକ୍ଷରେ ବିଜୟ ହାସଲ କରିବା ମାତ୍ରେ ଦଳ ପୁଣି ପ୍ରଥମ ସ୍ଥାନରେ ପହଞ୍ଚିଯାଇଛି। ଆଇସିସି ଜାରି କରିଥିବା ର୍‍ୟାଙ୍କିଂ ଅନୁଯାୟୀ ଭାରତ ଓ ଇଂଲଣ୍ଡର ସମାନ ପଏଣ୍ଟ ରହିଛି, କିନ୍ତୁ ଏହା ସତ୍ତ୍ୱେ ଇଂଲଣ୍ଡ ଦଳ ଦ୍ୱିତୀୟ ସ୍ଥାନକୁ ଖସିଯାଇଛି। ତୃତୀୟ ସ୍ଥାନରେ ଅଷ୍ଟ୍ରେଲିଆ ଦଳ ରହିଛି, ଯାହାର ୨୦ ରେଟିଂ ପଏଣ୍ଟ ରହିଛି। ନ୍ୟୁଜିଲାଣ୍ଡ ଚତୁର୍ଥ ଏବଂ ସାଉଥ୍ ଆଫ୍ରିକା ପଞ୍ଚମ ସ୍ଥାନରେ ରହିଛନ୍ତି। ପାକିସ୍ତାନ କଥା କହିବାକୁ ଗଲେ ଏହି ଦଳ ପଏଣ୍ଟ ଟେବୁଲ୍‌ରେ ୨୪୦ ପଏଣ୍ଟ ସହ ଷଷ୍ଠ ସ୍ଥାନରେ ରହିଛନ୍ତି। ଶେଷ ଟି-୨୦ ଜିତି ଭାରତ ନିଜର ନିଜର ନମ୍ବର ୱାନ ସ୍ଥାନକୁ ଆହୁରି ମଜବୁତ କରିଛି।



## ଆଇଏଏସଏଫ ବିଶ୍ୱ କପ୍‌ରେ ଭାରତୀୟ ସୁଟର କଲେ କମାଲ

# ଈଶା ସିଂଙ୍କୁ ସ୍ୱର୍ଣ୍ଣ, ମନୁ ଭାକର ଜିତିଲେ ବ୍ରୋଞ୍ଜ

**ହାଙ୍ଗଜୋଉ**

ହାଙ୍ଗଜୋଉରେ ଚାଲିଥିବା ଆଇଏସଏସଏଫ୍ ବିଶ୍ୱ କପ୍‌ରେ ଭାରତୀୟ ସୁଟରଙ୍କ ଚମତ୍କାର ପ୍ରଦର୍ଶନ ଜାରି ରହିଛି। ସୋମବାର (୨୭ ଜୁଲାଇ) ମହିଳା ୨୫ ମିଟର ପିସ୍ତଲ ଇଭେଣ୍ଟରେ ଭାରତର ଈଶା ସିଂ ସ୍ୱର୍ଣ୍ଣ ପଦକ ଜିତି ଦେଶର ଗୌରବ ବଢ଼ାଇଥିବାବେଳେ ଅଭିଜ୍ଞ ସୁଟର ମନୁ ଭାକର ବ୍ରୋଞ୍ଜ ପଦକ ନିଜ ନାମରେ କରିଛନ୍ତି।



ବିଶ୍ୱ ରେକର୍ଡଧାରୀ ଈଶା ସିଂ ଫାଇନାଲରେ ଆରମ୍ଭରୁ ହିଁ ନିଜର ଦବ୍‌ଦବା ବଜାୟ ରଖିଥିଲେ। ସେ ସମ୍ପୂର୍ଣ୍ଣ ମୁକାବିଲାରେ ଚମତ୍କାର ସଠିକତା ଦେଖାଇ ୫୦ଟି ସଟ୍‌ରୁ ୪୦ ପଏଣ୍ଟ ହାସଲ କରି ସ୍ୱର୍ଣ୍ଣ ପଦକ ହାତେଇଛନ୍ତି। ଈଶା ସିଂ ଆୟୋଜକ ଚୀନ୍‌ର ୟୁୟୁଏ ଜାଙ୍ଗଙ୍କୁ ତିନି ପଏଣ୍ଟ ବ୍ୟବଧାନରେ ପଛରେ ପକାଇଥିଲେ। ଜାଙ୍ଗ ୩୭ ପଏଣ୍ଟ ସହ ରୌପ୍ୟ ପଦକ ଜିତିଛନ୍ତି।

ଅନ୍ୟପଟେ ଦୁଇଥରର ଅଲିମ୍ପିକ୍ ପଦକ ବିଜେତା ମନୁ ଭାକର ମଧ୍ୟ ଚମତ୍କାର ସଂଘର୍ଷପୂର୍ଣ୍ଣ ପ୍ରଦର୍ଶନ ଦେଖାଇଥିଲେ। ବ୍ରୋଞ୍ଜ ପଦକ ମୁକାବିଲାରେ ସେ ଉତ୍ତର କୋରିଆର ହ୍ୟୋନ ଗ୍ୟୋଙ୍ଗ ପାକଙ୍କ ସାମ୍ନା କରିଥିଲେ। ଉଭୟଙ୍କ ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିଥିଲା ଏବଂ ଶେଷରେ ଡବଲ୍ ସୁଟ୍‌ଅଫ୍‌ରେ ମନୁ ଭାକର ବାଜି ମାରି ବ୍ରୋଞ୍ଜ ପଦକ ନିଜ ନାମରେ କରିନେଇଥିଲେ।

ଈଶା ସିଂଙ୍କ ଗୋଲ୍ଡ ଏବଂ ମନୁ ଭାକରଙ୍କ ବ୍ରୋଞ୍ଜ ସହ ଚଳିତ ଟୁର୍ଣ୍ଣାମେଣ୍ଟରେ ଭାରତର ମୋଟ ପଦକ ସଂଖ୍ୟା ତିନିରେ ପହଞ୍ଚିଛି। ଏହାପୂର୍ବରୁ ଭାରତୀୟ ସୁଟର ସୈନ୍ୟମ ମହିଳା ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ରୌପ୍ୟ ପଦକ ଜିତି ଭାରତର ପଦକ ଖାତା ଖୋଲିଥିଲେ।

ବିଶ୍ୱ କପ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିବା ଈଶା କହିଛନ୍ତି, 'ପୂର୍ବ ବିଜୟ କାରଣରୁ ମୋ ଉପରେ ବହୁତ ଚାପ ଥିଲା। ଯେତେବେଳେ ଆପଣ ନିଜ ଇଭେଣ୍ଟରେ ଭଲ ପ୍ରଦର୍ଶନ କରନ୍ତି, ସେତେବେଳେ ଆପଣଙ୍କ ଠାରୁ ବହୁତ ଆଶା ରହିଥାଏ। ମୁଁ ଖୁସି ଯେ ଆଜି ମୁଁ ଏହି ଚାପକୁ ସମ୍ଭାଳିବାରେ ସଫଳ ହେଲି।'

ଅନ୍ୟପଟେ ମନୁ କହିଛନ୍ତି ଯେ ଏହି ପଦକ ଦ୍ୱାରା ତାଙ୍କର ଆତ୍ମବିଶ୍ୱାସ ବଢ଼ିବ। ସେ କହିଛନ୍ତି, 'ମୋ ପାଇଁ ଏହି ପଦକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାରଣ ଏହିଭଳି ସଫଳତା ସିଢ଼ି ଭଳି କାମ କରିଥାଏ।'

କ୍ରୀଡ଼ା ମନ୍ତ୍ରୀ ମନସୁଖ ମାଣ୍ଡଭିୟ ଏହି ଯୁବ ସୁଟରମାନଙ୍କୁ ସେମାନଙ୍କର ଚମତ୍କାର ପ୍ରଦର୍ଶନ ପାଇଁ ଅଭିନନ୍ଦନ ଜଣାଇଛନ୍ତି। ମାଣ୍ଡଭିୟ ଏକ୍ସରେ ଲେଖିଛନ୍ତି, 'ହାଙ୍ଗଜୋଉରେ ଆଇଏସଏସଏଫ ବିଶ୍ୱ କପ୍ ମହିଳା ୨୫ ମିଟର ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ଏବଂ ବ୍ରୋଞ୍ଜ ପଦକ ଜିତିଥିବାରୁ ଈଶା ସିଂ ଏବଂ ମନୁ ଭାକରଙ୍କୁ ହାର୍ଦ୍ଦିକ ଅଭିନନ୍ଦନ। ଦେଶ ଆପଣ ଦୁହିଁଙ୍କ ପାଇଁ ଗର୍ବିତ।'

ପଦକ ତାଲିକାରେ ଦ୍ୱିତୀୟରେ ଭାରତ : ହାଙ୍ଗଜୋଉ ବିଶ୍ୱ କପ୍‌ରେ ଚୀନ ଏପର୍ଯ୍ୟନ୍ତ ୧୪ଟି ପଦକ ଜିତିସାରିଛି। ଯେଉଁଥିରେ ଛଅଟି ସ୍ୱର୍ଣ୍ଣ ପଦକ ସାମିଲ ଅଛି। ଆୟୋଜକ ଦଳ ପଦକ ତାଲିକାରେ ପ୍ରଥମ ସ୍ଥାନରେ ରହିଥିବାବେଳେ, ଭାରତ ତିନୋଟି ପଦକ ସହ ଦ୍ୱିତୀୟ ସ୍ଥାନରେ ରହିଛି। ଭାରତୀୟ ସୁଟରଙ୍କ ବର୍ତ୍ତମାନର ପ୍ରଦର୍ଶନ ଆଗାମୀ ଅନ୍ତର୍ଜାତୀୟ ପ୍ରତିଯୋଗିତା ଏବଂ ବଡ଼ ଟୁର୍ଣ୍ଣାମେଣ୍ଟଗୁଡ଼ିକ ପାଇଁ ମଧ୍ୟ ଆଶା ବଢ଼ାଇ ଦେଇଛି।

# ଅଧିନାୟକ ପଦ ମିଳିବା ପରେ ପୁଣି ଫ୍ଲପ୍ ହେଲେ ବାବର ଆଜମ୍



**ନୂଆଦିଲ୍ଲୀ**

ପାକିସ୍ତାନ କ୍ରିକେଟ୍ ଦଳ ବର୍ତ୍ତମାନ ୱେଷ୍ଟଇଣ୍ଡିଜ୍ ଗସ୍ତରେ ଅଛି। ଏଠାରେ ପାକିସ୍ତାନ ଦଳ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍ ଖେଳୁଛି। ସିରିଜ୍‌ର ପ୍ରଥମ ମ୍ୟାଚ୍ ଜୁଲାଇ ୨୫ରୁ ଆରମ୍ଭ ହୋଇସାରିଛି। ଏହି ସିରିଜ୍ ପୂର୍ବରୁ ବାବର ଆଜମ୍‌ଙ୍କୁ ପାକିସ୍ତାନର ଅଧିନାୟକ କରାଯାଇଥିଲା। କିନ୍ତୁ ସେ ପ୍ରଥମ ମ୍ୟାଚ୍‌ରେ ହିଁ ତାଙ୍କ ପ୍ରଶଂସକଙ୍କୁ ନିରାଶ କରିଛନ୍ତି। ଅଧିନାୟକତ୍ୱ ମିଳିବା ପରେ ବାବର ଆଜମ୍ ନିଜର ପ୍ରଥମ ଇନିଂସରେ ହିଁ ଫ୍ଲପ୍ ସାବ୍ୟସ୍ତ ହୋଇଛନ୍ତି। ଅନ୍ୟପଟେ ପୂର୍ବତନ ଅଧିନାୟକ ପାକିସ୍ତାନ ପାଇଁ ଚମତ୍କାର ବ୍ୟାଟିଂ କରିଛନ୍ତି।

ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଖେଳାଯାଉଥିବା ପ୍ରଥମ ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଇନିଂସରେ ବାବର ଆଜମ ଫ୍ଲପ୍ ହୋଇଯାଇଛନ୍ତି। ସେ ନମ୍ବର ୪ ସ୍ଥାନରେ ବ୍ୟାଟିଂ କରିବାକୁ ପଡ଼ିଆକୁ ଓହ୍ଲାଇଥିଲେ। କିନ୍ତୁ ୩୮ଟି ବଲ୍‌ରୁ ୨୩ ରନ୍‌ର ଏକ ଇନିଂସ ଖେଳି ପ୍ୟାଭିଲିୟନ୍ ଫେରିଯାଇଥିଲେ। ଟେଷ୍ଟର ଅଧିନାୟକତ୍ୱ ମିଳିବା ପରେ ସେ ଆଉ ଥରେ ଫ୍ଲପ୍ ହୋଇଛନ୍ତି। କିନ୍ତୁ ପୂର୍ବତନ ଅଧିନାୟକ ଶାନ୍ ମସୁଦ୍ ପାକିସ୍ତାନ ପକ୍ଷରୁ ପ୍ରଥମ ଇନିଂସରେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ସେ ଏପର୍ଯ୍ୟନ୍ତ କ୍ରିଜ୍‌ରେ ଜମି ରହିଛନ୍ତି। ମସୁଦ୍ ୧୩୭ଟି ବଲ୍‌ରୁ ୮୮ ରନ୍ କରି ଅପରାଜିତ ଅଛନ୍ତି। ଇମାମ-ଉଲ୍-ହକ୍‌ଙ୍କ ସହ ସେ ୧୫୫ ରନ୍‌ର ଭାଗିଦାରୀ କରିଥିଲେ। ଅନ୍ୟପଟେ ଇମାମ ୧୦୫ଟି ବଲ୍‌ରୁ ୬୩ ରନ୍‌ର ଅର୍ଦ୍ଧଶତକୀୟ ଇନିଂସ ଖେଳି ଆଉଟ୍ ହୋଇଯାଇଛନ୍ତି।

ପ୍ରଥମ ଇନିଂସରେ ୱେଷ୍ଟଇଣ୍ଡିଜ୍ ୯୮.୫ ଓଭର ବ୍ୟାଟିଂ କରି ୩୧୧ ରନ୍ ସଂଗ୍ରହ କରିଥିଲା। କାଭେମ୍ ହଜ୍ ୧୮୩ଟି ବଲ୍‌ରୁ ୮୪ ରନ୍‌ର ଏକ ଚମତ୍କାର ଇନିଂସ ଖେଳିଥିଲେ। ସେ ନିଜ ଇନିଂସରେ ୯ଟି ଚୌକା ମଧ୍ୟ ମାରିଥିଲେ। ତାଙ୍କ ବ୍ୟତୀତ ୱିକେଟ୍‌କିପର ବ୍ୟାଟ୍ସମ୍ୟାନ୍ ସାଇ ହୋପ୍ ମଧ୍ୟ ଏକ ଚମତ୍କାର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। କିନ୍ତୁ ସେ ଶତକ ହାସଲ କରିବାରୁ ବଞ୍ଚିତ ହୋଇଥିଲେ। ସେ ୧୮୨ଟି ବଲ୍‌ରୁ ୯୨ ରନ୍‌ର ଇନିଂସ ଖେଳିଥିଲେ, ଯେଉଁଥିରେ ୬ଟି ଚୌକା ଏବଂ ୧ଟି ଛକା ସାମିଲ ଥିଲା।

ପାକିସ୍ତାନ ପକ୍ଷରୁ ମହମ୍ମଦ ଅଲି ଚମତ୍କାର ବୋଲିଂ କରିଥିଲେ। ସେ ୪ଟି ୱିକେଟ୍ ଅକ୍ତିଆର କରିଥିବାବେଳେ ମହମ୍ମଦ ଆବ୍ବାସଙ୍କୁ ୩ଟି ଏବଂ ଖୁରମ ଶେହଜାଦଙ୍କୁ ୨ଟି ସଫଳତା ମିଳିଥିଲା। ପାକିସ୍ତାନ ଦ୍ୱିତୀୟ ଦିନର ଖେଳ ଶେଷ ସୁଦ୍ଧା ୪୮ ଓଭରରେ ୩ ୱିକେଟ୍ ହରାଇ ୧୯୯ ରନ୍ କରିଛି। ପାକିସ୍ତାନ ପ୍ରଥମ ଇନିଂସରେ ବର୍ତ୍ତମାନ ମଧ୍ୟ ୧୧୨ ରନ୍ ପଛରେ ରହିଛି। ପାକିସ୍ତାନ ପକ୍ଷରୁ ମହମ୍ମଦ ଅଲି ଚାରୋଟି ୱିକେଟ୍ ଅକ୍ତିଆର କରିଥିଲେ। ମହମ୍ମଦ ଆବ୍ବାସ ତିନିଟି ଏବଂ ଖୁରମ ଦୁଇଟି ୱିକେଟ୍ ନିଜ ନାମରେ କରିଥିଲେ। ଅମୀର ଜମାଲ ଗୋଟିଏ ୱିକେଟ୍ ନେବାରେ ସଫଳ ହୋଇଥିଲେ।

# ଗ୍ଲାସ୍‌ଗୋରେ ଚମକିଲେ ରାଜା ମୁଥୁପାଣ୍ଡି ଭାରତକୁ ମିଳିଲା ଆଉ ଏକ ରୌପ୍ୟ ପଦକ

**ଗ୍ଲାସ୍‌ଗୋ**

କମନୱେଲଥ ଗେମ୍ସ ୨୦୨୬ ରେ ଚମତ୍କାର ପ୍ରଦର୍ଶନ କରି ପୁରୁଷ ୬୫ କିଲୋଗ୍ରାମ ବିଭାଗରେ ରୌପ୍ୟ ପଦକ ନିଜ ନାମରେ କରିଛନ୍ତି। ଏହି ମୁକାବିଲାରେ ୨୬ ବର୍ଷୀୟ ରାଜା ମୋଟ ୨୮୬ କିଲୋଗ୍ରାମ ଓଜନ ଉଠାଇ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି ଏବଂ ଭାରତ ପାଇଁ ଚତୁର୍ଥ ପଦକ ଜିତିଛନ୍ତି। ଏହାପୂର୍ବରୁ ରବିବାର ମୀରାବାଈ ଚାନୁ ମହିଳା ୪୮ କିଲୋଗ୍ରାମ ବିଭାଗରେ କ୍ରମାଗତ ତୃତୀୟ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ଚନାମବମ୍ ଋଷିକାନ୍ତ ସିଂହ ପୁରୁଷ ୬୦ କିଲୋଗ୍ରାମ ବିଭାଗରେ ମଧ୍ୟ ରୌପ୍ୟ ପଦକ ହାସଲ କରିଥିଲେ।



ମେଡାଲ୍ ସ୍ନାଚ୍‌ରେ ରାଜା ମୁଥୁପାଣ୍ଡି ନିଜର ଦ୍ୱିତୀୟ ପ୍ରୟାସରେ ୧୨୬ କିଲୋଗ୍ରାମ ଓଜନ ଉଠାଇଥିଲେ। ଏହାପରେ କ୍ଲିନ୍ ଆଣ୍ଡ ଜର୍କରେ ମଧ୍ୟ ଦ୍ୱିତୀୟ ପ୍ରୟାସରେ ୧୬୦ କିଲୋଗ୍ରାମ ସଫଳତାର ସହ ଉଠାଇ ମୋଟ ୨୮୬ କିଲୋଗ୍ରାମ ସହ ରୌପ୍ୟ ପଦକ ନିଜ ନାମରେ କରିଥିଲେ। ଏହି ପ୍ରତିଯୋଗିତାର ସ୍ୱର୍ଣ୍ଣ ପଦକ ମାଲେସିଆର ଅଜନିଲ୍ ବିନ୍ ବିଦିନ୍ ମୁହମ୍ମଦ ଜିତିଛନ୍ତି। ସେ ମୋଟ ୨୯୯ କିଲୋଗ୍ରାମ ଓଜନ ଉଠାଇ ନୂଆ କମନୱେଲଥ ଗେମ୍ସ ରେକର୍ଡ କରିଛନ୍ତି ଏବଂ କ୍ରମାଗତ ତୃତୀୟ ଥର ପାଇଁ ଏହି ପ୍ରତିଯୋଗିତାର ଗୋଲ୍ଡ ମେଡାଲ୍ ନିଜ ନାମରେ କରିଛନ୍ତି। ଏହା ପୂର୍ବରୁ ସେ ୨୦୧୮ ଗୋଲ୍ଡ କୋଷ୍ଟ ଏବଂ ୨୦୨୨ ବର୍ମିଂହାମ କମନୱେଲଥ ଗେମ୍ସରେ ମଧ୍ୟ ଚାମ୍ପିଅନ୍ ହୋଇଥିଲେ।

ସ୍ନାଚ୍ ରାଉଣ୍ଡରେ ମୁଥୁପାଣ୍ଡିଙ୍କ ଆରମ୍ଭ ଭଲ ରହିନଥିଲା ଏବଂ ସେ ପ୍ରଥମ ପ୍ରୟାସରେ ବିଫଳ ହୋଇଥିଲେ, କିନ୍ତୁ ସେ ଜବରଦସ୍ତ ପ୍ରତ୍ୟାବର୍ତ୍ତନ କରି ୧୨୬ କିଲୋଗ୍ରାମ ସଫଳତାର ସହ ଉଠାଇଥିଲେ। ଅନ୍ୟପଟେ ମାଲେସିଆର ବିଦିନ୍ କ୍ରମାଗତ ଭାବେ ୧୩୦ ଏବଂ ୧୩୩ କିଲୋଗ୍ରାମ ଓଜନ ଉଠାଇ ଅଗ୍ରଣୀ ହାସଲ କରିସାରିଥିଲେ। କ୍ଲିନ୍ ଆଣ୍ଡ ଜର୍କରେ ଶ୍ରୀଲଙ୍କା, ନାଇଜେରିଆ ଏବଂ ପାପୁଆ ନ୍ୟୁ ଗିନିର ଖେଳାଳିମାନେ ମଧ୍ୟ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ। ମୁଥୁପାଣ୍ଡି ୧୫୮ କିଲୋଗ୍ରାମର ପ୍ରଥମ ପ୍ରୟାସରେ ସଫଳ ହୋଇନଥିଲେ, କିନ୍ତୁ ସେ ୧୬୦ କିଲୋଗ୍ରାମ ଓଜନ ଉଠାଇ ମୁକାବିଲାକୁ ଫେରିଥିଲେ। ତେବେ ବିଦିନ୍ ୧୬୨ ଏବଂ ପରେ ୧୬୬ କିଲୋଗ୍ରାମ ଓଜନ ଉଠାଇ ଗୋଲ୍ଡ ପ୍ରାୟତଃ ପକ୍କା କରିଦେଇଥିଲେ। କ୍ଲିନ୍ ଆଣ୍ଡ ଜର୍କରେ ଦ୍ୱିତୀୟ ପ୍ରୟାସରେ ରାଜା ମୁଥୁପାଣ୍ଡି ୧୬୦ କିଲୋଗ୍ରାମ ସଫଳତାର ସହ ଉଠାଇ ମୋଟ ୨୮୬ କିଲୋଗ୍ରାମ ସହ ରୌପ୍ୟ ପଦକ ନିଜ ନାମରେ କରିଥିଲେ। ୨୦୨୫ ବିଶ୍ୱ ଚାମ୍ପିଅନସିପ୍‌ରେ ସେ ନିଜର ବ୍ୟକ୍ତିଗତ ସର୍ବଶ୍ରେଷ୍ଠ ୨୯୯ କିଲୋଗ୍ରାମ ମୋଟ ଓଜନ ଉଠାଇ ନବମ ସ୍ଥାନ ହାସଲ କରିଥିଲେ। ଏବେ ସେହି ପରିଶ୍ରମର ଫଳ ତାଙ୍କୁ କମନୱେଲଥ ଗେମ୍ସର ରୌପ୍ୟ ପଦକ ରୂପରେ ମିଳିଛି।




ଭୁବନେଶ୍ୱର : ଇଣ୍ଟର ନ୍ୟାସନାଲ ହ୍ୟୁମାନ ରାଇଟ୍‌ସ ଫରୋମ୍ ଜଷ୍ଟିସ୍ ଆଣ୍ଡ ଲିବେର୍ଟି ଅନୁଷ୍ଠାନ ପକ୍ଷରୁ ଆୟୋଜିତ ପୁରସ୍କାର ପ୍ରଦାନ ଉତ୍ସବ ସମାରୋହରେ ସମାଜ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବରିଷ୍ଠ ସମାଜସେବୀ ଡଃ ପ୍ରଦୀପ କୁମାର ଦେହୁରୀଙ୍କୁ ୱାର୍ଲ୍ଡ ଆଚିଭମେଣ୍ଟ ସୋସିଆଲ ଅନେରେବୁଲ ଆୱାର୍ଡ ୨୦୨୬ରେ ସମ୍ମାନିତ କରୁଛନ୍ତି ମୁଖ୍ୟଅତିଥି ପୂର୍ବତନ ରାଜ୍ୟସଭା ସାଂସଦ ପ୍ରସନ୍ନ ପାଟ୍ଟଶାଣୀ ଓ ଅନ୍ୟମାନେ।

## ମୁମ୍ବାଇରେ ଦାମୀ ଆପାର୍ଟମେଣ୍ଟ କିଣିଲେ ବିରୁଷ୍କା

**ନୂଆଦିଲ୍ଲୀ**

ଲଣ୍ଡନରୁ ପୁଣି ଭାରତକୁ ସିଫ୍ଟ ହେବେ କି ବିରୁଷ୍କା ଟିମ୍ ଇଣ୍ଡିଆର ଷ୍ଟାର ବ୍ୟାଟ୍ସମ୍ୟାନ ବିରାଟ କୋହଲି ଏବଂ ବଲିଉଡ୍‌ର ଆଗ ଧାଡ଼ିର ଅଭିନେତ୍ରୀ ଅନୁଷ୍କା ଶର୍ମା ପୁଣିଥରେ ଖବରର ଶିରୋନାମା ପାଲଟିଛନ୍ତି। ଲଣ୍ଡନରେ ରହୁଥିବା ଏହି ଷ୍ଟାର ଦମ୍ପତି ପୁଣିଥରେ ଭାରତକୁ ହେବେ କି ସିଫ୍ଟ? ଏବେ ଏମିତି ଏକ ଚର୍ଚ୍ଚା ଆରମ୍ଭ ହୋଇଛି। କାରଣ ମୁମ୍ବାଇରେ ଏକ ଆଲିଶାନ୍ ଆପାର୍ଟମେଣ୍ଟ କିଣିଛନ୍ତି ଏହି ଦମ୍ପତି। ଦାମୀ ଆପାର୍ଟମେଣ୍ଟ କିଣିଥିବାବେଳେ ଏହି ଚର୍ଚ୍ଚାକୁ ଆହୁରି ବଢ଼ାଇ ଦେଇଛି।



ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ବର୍ସୋବା ଅଞ୍ଚଳରେ ୧୮.୨୯ କୋଟି ଟଙ୍କାର ଆପାର୍ଟମେଣ୍ଟ କିଣିଛନ୍ତି। ଏକ ପ୍ରିମିୟମ ପ୍ରୋଜେକ୍ଟର ଆପାର୍ଟମେଣ୍ଟ କିଣିଛନ୍ତି। ଜୁଲାଇ ୨୧ ତାରିଖରେ ଏହି ସମ୍ପତ୍ତିଟି ପଞ୍ଜିକୃତ ହୋଇଛି। ଯାହାକି ଉଭୟ ଅନୁଷ୍କା ଏବଂ ବିରାଟଙ୍କ ନାମରେ ରହିଥିବା କୁହାଯାଉଛି। ନିଜ ଛୁଆଙ୍କୁ ଗଣମାଧ୍ୟମ ଠାରୁ ଦୂରରେ ରଖିବା ଏବଂ ବିଭିନ୍ନ ଚର୍ଚ୍ଚାରୁ ବାହାରେ ରଖିବା ପାଇଁ ଲଣ୍ଡନକୁ ସିଫ୍ଟ ହୋଇଥିବା କୁହାଯାଉଛି। ତେବେ ପୁଣିଥରେ ଭାରତକୁ ଫେରିବାକୁ ଯୋଜନା କରୁଛନ୍ତି କି ଯେଉଁ କାରଣରୁ ଏଭଳି ଏକ ଦାମୀ ଆପାର୍ଟମେଣ୍ଟ କିଣିଥିବା ମଧ୍ୟ କୁହାଯାଉଛି। ମାତ୍ର ଏହାକୁ ନେଇ କୌଣସି ପ୍ରତିକ୍ରିୟା ରଖିନାହାନ୍ତି।

ସେପଟେ ମୁମ୍ବାଇରେ ବିରାଟଙ୍କ ଏହା ପ୍ରଥମ ସମ୍ପତ୍ତି ନୁହେଁ, ପୂର୍ବରୁ ୱାର୍ଲି ଅଞ୍ଚଳରେ ଏକ ଆପାର୍ଟମେଣ୍ଟ ରହିଛି। ସେପଟେ ବିରାଟଙ୍କ ସମ୍ପର୍କରେ ଯଦି କହିବା ତାହେଲେ ସେ ଟି-୨୦ ଏବଂ ଟେଷ୍ଟ କ୍ରିକେଟରୁ ଅବସର ନେଇ ସାରିଛନ୍ତି। ଏବେ କେବଳ ଦିନିକିଆରେ ନିଜର ଖେଳ ଜାରି ରଖିଛନ୍ତି। ଅନ୍ତର୍ଜାତୀୟ କ୍ରିକେଟରେ କେବଳ ଏହି ଗୋଟିଏ ଫର୍ମାଟ ଖେଳୁଥିବାବେଳେ ଦମ୍‌ଦାର ପ୍ରଦର୍ଶନ ଜାରି ରଖିଛନ୍ତି।

# ଦ୍ରୁତ ଅଭିଜ୍ଞତା ହାସଲ କରୁଛନ୍ତି ବୈଭବ କିନ୍ତୁ ଫିଟନେସ୍‌ରେ ଉନ୍ନତି ଜରୁରୀ : ଲକ୍ଷ୍ମଣ

**ନୂଆଦିଲ୍ଲୀ**

ଜିମ୍ବାୱେ ଗସ୍ତରେ ଭାରତୀୟ ଦଳର ଉଲ୍ଲେଖନୀୟ ପ୍ରଦର୍ଶନ ପରେ ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀଙ୍କୁ ପ୍ରଶଂସା କରିଛନ୍ତି ପୂର୍ବତନ ବ୍ୟାଟର ତଥା ବିସିସିଆଇ ଉତ୍କର୍ଷ କେନ୍ଦ୍ର ମୁଖ୍ୟ ଭିଭିଏସ ଲକ୍ଷ୍ମଣ। ସେ କହିଛନ୍ତି ଯେ ଗତ ୬ ମାସରେ ବୈଭବଙ୍କ ପରିପକ୍ୱତା, ଅଭିଜ୍ଞତା ଓ କ୍ରିକେଟ୍ ସମ୍ପର୍କିତ ଜ୍ଞାନ ଦ୍ରୁତ ଗତିରେ ବୃଦ୍ଧି ପାଇଛି। ଇଂଲଣ୍ଡ ଗସ୍ତରେ ଅନ୍ତର୍ଜାତୀୟ ପଦାର୍ପଣ କରିଥିବା ବୈଭବ ଭଲ ପ୍ରଦର୍ଶନ କରିପାରି ନଥିଲେ। କିନ୍ତୁ ଜିମ୍ବାୱେ ବିପକ୍ଷ ଶୃଙ୍ଖଳାରେ ସେ ଉଲ୍ଲେଖନୀୟ ପ୍ରଦର୍ଶନ କରିବା ସହ ଶୃଙ୍ଖଳାର ଶ୍ରେଷ୍ଠ ଖେଳାଳି ଓ ଶେଷ ମ୍ୟାଚ୍‌ରେ ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ। ଏହି ଶୃଙ୍ଖଳାରେ ସେ ଦୁଇ ଅର୍ଦ୍ଧଶତକ ସହ ମୋଟ ୧୫୧ ରନ୍ କରିଥିଲେ। ଜିମ୍ବାୱେ ଗସ୍ତରେ ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ଦାୟିତ୍ୱରେ ଥିବା ଲକ୍ଷ୍ମଣ କହିଛନ୍ତି, 'ଜଣେ ଖେଳାଳିଭାବେ ସେ ଯେପରି ପରିପକ୍ୱ ହେଉଛନ୍ତି ତାହା ପ୍ରଶଂସନୀୟ। ଗତ ୬ ମାସରେ ତାଙ୍କର ଅଭିଜ୍ଞତା ଓ ଖେଳ ସମ୍ପର୍କୀୟ ସଚେତନତା ଦ୍ରୁତ ଗତିରେ ବୃଦ୍ଧି ପାଇଛି। ଏଣୁ ସେ କଠିନ ପରିସ୍ଥିତିର ସାମନା କରିପାରୁଛନ୍ତି। ସେ ୧୯ ବର୍ଷରୁ କମ୍ ବିଶ୍ୱକପରେ ଭଲ ପ୍ରଦର୍ଶନ ପରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ଆଇପିଏଲ୍‌ରେ ଆଧିପତ୍ୟ ବିସ୍ତାର କରିଥିଲେ। ବିଶ୍ୱର ପ୍ରମୁଖ ବୋଲରମାନଙ୍କୁ ସମ୍ମୁଖୀନ ହେବା ସହ ସେ ଯେପରି ଜଣେ ଖେଳାଳିଭାବେ ବିକଶିତ ହୋଇଛନ୍ତି ତାହା ତାଙ୍କର ଦକ୍ଷତା ଓ ପ୍ରତିଭାକୁ ଦର୍ଶାଏ।' ତେବେ ବୈଭବଙ୍କ ଗୋଟିଏ ଦୁର୍ବଳତା ପ୍ରତି ଇଙ୍ଗିତ କରିବାକୁ ଭୁଲି ନାହାନ୍ତି ଲକ୍ଷ୍ମଣ। ସେ କହିଛନ୍ତି ଯେ ଗୋଟିଏ କ୍ଷେତ୍ରରେ ସେ ଉନ୍ନତି ଆଣିବାର ଆବଶ୍ୟକତା ରହିଛି, ତାହା ହେଉଛି ଫିଟ୍‌ନେସ୍।

# ପାକିସ୍ତାନୀ ବକ୍ସରଙ୍କୁ ହରାଇଲେ ଭାରତର ଯଦୁମଣି, କାରଗିଲ୍ ବୀରଙ୍କୁ ସମର୍ପିତ କଲେ ବିଜୟ

**ଗ୍ଲାସ୍‌ଗୋ**

କମନୱେଲଥ ଗେମ୍ସ ୨୦୨୬ରେ ଭାରତୀୟ ବକ୍ସରଙ୍କ ଦମ୍‌ଦାର ପ୍ରଦର୍ଶନ କ୍ରମାଗତ ଭାବେ ଜାରି ରହିଛି। ଭାରତ ବକ୍ସିଂ ରିଙ୍ଗରେ ପାକିସ୍ତାନ ଉପରେ ଏକ ବଡ଼ ବିଜୟ ହାସଲ କରିଛି। ଭାରତୀୟ ବକ୍ସର ଯଦୁମଣି ସିଂହ ପୁରୁଷ ବର୍ଗର ମୁକାବିଲାରେ ପାକିସ୍ତାନର ସୁମାମା ରହମାନଙ୍କୁ ୫-୦ରେ ହରାଇ କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି।



ଏସଇସି ସେଣ୍ଟରରେ ଯାଦୁମଣି ସିଂହଙ୍କ ମୁକାବିଲା ପୂର୍ବରୁ ହିଁ ମାହୋଲ ସମ୍ପୂର୍ଣ୍ଣ ରୂପେ ଭାରତ ସମର୍ଥନରେ ବଦଳି ଯାଇଥିଲା। ଚାରିଆଡ଼େ 'ଭାରତ ମାତା କି ଜୟ' ଏବଂ 'ଇଣ୍ଡିଆ-ଇଣ୍ଡିଆ' ନାରା ଗୁଞ୍ଜରିତ ହେଉଥିଲା। ଦର୍ଶକଙ୍କ ମଧ୍ୟରେ ଉତ୍ସାହ ଏତେ ଅଧିକ ଥିଲା ଯେ ମୁକାବିଲା ଆରମ୍ଭ ହେବା ପୂର୍ବରୁ ହିଁ ଭାରତ-ପାକିସ୍ତାନ ମ୍ୟାଚ୍‌ର ରୋମାଞ୍ଚ ଚରମ ସୀମାରେ ପହଞ୍ଚି ଯାଇଥିଲା। ଏଭଳି ପରିସ୍ଥିତିରେ ଯଦୁମଣି ଯେଉଁ ଆତ୍ମବିଶ୍ୱାସ ଏବଂ ସଂଯମତା ସହ ପ୍ରଦର୍ଶନ କଲେ, ତାହା ପାକିସ୍ତାନୀ ବକ୍ସରଙ୍କୁ ସମଗ୍ର ମ୍ୟାଚ୍‌ରେ କମବ୍ୟାକ୍ କରିବାର କୌଣସି ସୁଯୋଗ ଦେଇନଥିଲା। ପ୍ରଥମ ରାଉଣ୍ଡରେ ଦୁଇ ବକ୍ସର ପରସ୍ପରକୁ ପରଖିଥିଲେ। କିନ୍ତୁ ଏହାପରେ ଯଦୁମଣି ସିଂହ ନିଜର ରଣନୀତି ବଦଳାଇଥିଲେ ଏବଂ କ୍ରମାଗତ ଭାବେ ଦ୍ରୁତ ହୁକ୍ ଓ ସଠିକ୍ ଷ୍ଟ୍ରେଟ୍ ପଞ୍ଚ୍ ମାରିବା ଆରମ୍ଭ କରିଦେଇଥିଲେ। ତାଙ୍କର ଗତି ଏବଂ ଟାଇମିଂ ସାମ୍ନାରେ ସୁମାମା ରହମାନ ସମ୍ପୂର୍ଣ୍ଣ ଅସହାୟ ନଜର ଆସିଥିଲେ। ଦ୍ୱିତୀୟ ରାଉଣ୍ଡରେ ଯଦୁମଣିଙ୍କ ଏକ ଜୋରଦାର ରାଇଟ୍ ହ୍ୟାଣ୍ଡ ପଞ୍ଚ୍ ପାକିସ୍ତାନୀ ବକ୍ସରଙ୍କୁ ହଲାଇ ଦେଇଥିଲା। ପରିସ୍ଥିତି ଏପରି ହେଲା ଯେ ରେଫରିଙ୍କୁ ରହମାନଙ୍କ ପାଇଁ ଷ୍ଟାଣ୍ଡିଂ କାଉଣ୍ଟ୍ କରିବାକୁ ପଡ଼ିଥିଲା। ଏହିଠାରୁ ହିଁ ମୁକାବିଲା ସମ୍ପୂର୍ଣ୍ଣ ଭାବେ ଭାରତୀୟ ବକ୍ସରଙ୍କ ସପକ୍ଷକୁ ଚାଲିଆସିଥିଲା। ତୃତୀୟ ରାଉଣ୍ଡରେ ଯଦୁମଣି ସମ୍ପୂର୍ଣ୍ଣ ଆତ୍ମବିଶ୍ୱାସର ସହ ରିଙ୍ଗ୍ ମଝିରେ ଛିଡ଼ା ହୋଇଥିଲେ। ସେ ଅନେକ ଥର ପାକିସ୍ତାନୀ ବକ୍ସରଙ୍କୁ ଆକ୍ରମଣ କରିବା ପାଇଁ ଆମନ୍ତ୍ରଣ କରିଥିଲେ ଏବଂ ପରେ ନିଜର ଚମତ୍କାର ଫୁଟ୍‌ୱର୍କ, ଦ୍ରୁତ କାଉଣ୍ଟର ଆଟାକ୍ ଓ ସଠିକ୍ ପଞ୍ଚ୍ ଜରିଆରେ କ୍ରମାଗତ ଭାବେ ପଏଣ୍ଟ ହାସଲ କରି ଚାଲିଥିଲେ। ଶେଷରେ ପାଞ୍ଚଜଣ ଯାକ ଜଜ୍ ସର୍ବସମ୍ମତି କ୍ରମେ ଭାରତ ସପକ୍ଷରେ ନିଷ୍ପତ୍ତି ଶୁଣାଇ ଯଦୁମଣିଙ୍କୁ ୫-୦ରେ ବିଜେତା ଘୋଷିତ କରିଥିଲେ। ଯଦୁମଣି ସିଂହ ଭାରତୀୟ ସେନାରେ ଅଛନ୍ତି। ଏହି ବିଜୟ କାରଗିଲ୍ ବିଜୟ ଦିବସ (୨୬ ଜୁଲାଇ) ଅବସରରେ ମିଳିଥିବାରୁ, ଭାରତୀୟ ବକ୍ସରଙ୍କ ପାଇଁ ଏହି ମୁହୂର୍ତ୍ତ ଆହୁରି ଗୁରୁତ୍ୱପୂର୍ଣ୍ଣ ହୋଇଯାଇ ଥିଲା। ଯଦୁମଣି ସିଂହ ନିଜର ଏହି ବିଜୟକୁ କାରଗିଲ୍ ବିଜୟ ଦିବସର ବୀର ସୈନିକମାନଙ୍କ ଉଦ୍ଦେଶ୍ୟରେ ସମର୍ପିତ କରିଛନ୍ତି।

# ମୁମ୍ବାଇରେ ସରିଲା ରଥଯାତ୍ରା : ଏକାଠି ହେଲେ ସବୁ ଓଡ଼ିଆ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବାଲାଜି ଆଙ୍ଗନସ୍ଥିତ ମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଶେଷ ହୋଇଛି। ଶ୍ରୀଗୁଣ୍ଡିଚା ଠାରୁ ବାହୁଡ଼ା ଯାତ୍ରା, ସୁନାବେଶ, ଅଧରପଣା ନୀତିପରେ ଯାତ୍ରା ଶେଷ କରି ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ମା' ସୁଭଦ୍ରା ପୂଜା ଗୃହକୁ ବିଜେ କରିଛନ୍ତି। ଜୟ ଜଗନ୍ନାଥ ଲୋକ ତରଣ ଟ୍ରଷ୍ଟ, ସ୍ୱାମୀ ଅଭେଦେଶାନନ୍ଦ ୱେଲଫାୟାର ସମିତି ଓ ବିଭିନ୍ନ ଓଡ଼ିଆ ସଂଗଠନର ସହଯୋଗରେ ଏହି ରଥଯାତ୍ରାରେ ୨୪ ଫୁଟିଆ ଏହି ରଥରେ ଠାକୁରଙ୍କ ଦର୍ଶନ ପାଇଁ ବିଭିନ୍ନ ସମ୍ପ୍ରଦାୟ ଓ ଜାତିର ଲୋକ



ପ୍ରାୟ ୧୦ହଜାର ଭକ୍ତ ସାମିଲ ହୋଇ ଥିଲେ। ଯାତ୍ରା ବେଳେ ଲୋକ ନୃତ୍ୟ ଶୋଭାଯାତ୍ରା କରଯାଇଥିଲା। ଏହି ଅବସରରେ ବିଶ୍ୱଶାନ୍ତି ମହାଯଜ୍ଞ, ହରିନାମ ସଂକୀର୍ତ୍ତନ, ସ୍ୱାସ୍ଥ୍ୟ ଶିବିର, ପ୍ରତିଦିନ ୫ହଜାର ଭକ୍ତଙ୍କ ପ୍ରସାଦ ଆଦି ଆୟୋଜନ କରାଯାଇଥିଲା। ରଥ ଯାତ୍ରା ଦିନ ରଥ ଟାଣି ଭକ୍ତମାନେ ନଭି ମୁମ୍ବାଇର ଲେନ ସେକ୍ଟର ୩ରୁ ସେକ୍ଟର ୧୨ ଶିବ ମନ୍ଦିର ନିକଟରେ ଗୁଣ୍ଡିଚା ମନ୍ଦିରକୁ ନିଆଯାଇଥିଲା। ସେଠାରେ ବିଧି ମୁତାବକ ପୂଜା ସାରି ବାହୁଡ଼ା ତିଥିରେ ରଥ ବାହୁଡ଼ିଥିଲା। ଏହି ଅବସରରେ ସେଠାରେ ଅଗଣିତ ଓଡ଼ିଆ ଏକାଠି ହେବା ସହ ଜଗନ୍ନାଥ ପ୍ରେମୀ ଓ ଭକ୍ତବୃନ୍ଦଙ୍କ ପାଇଁ ପ୍ରସାଦ ସେବନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଏହି ଅବସରରେ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ, ଓ ସଂସ୍କୃତି ବିଭାଗ ସହଯୋଗରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବା ସହ ବିଭିନ୍ନ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନୀତ କରାଯାଇ ଥିଲା। ପ୍ରକାଶ ଥାଉକି, ୨୦୦୬ ମସିହାରୁ ଉଦ୍ୟୋକ୍ତା ଭାବେ ରାମ ପ୍ରସାଦ ମୁଦୁଲି ରଥ ଯାତ୍ରା ଆରମ୍ଭ କରିଥିଲେ। ୨୦୦୮ରୁ ଜୟ ଜଗନ୍ନାଥ ଲୋକ ତରଣ ଟ୍ରଷ୍ଟ ମାଧ୍ୟମରେ ବିଭିନ୍ନ ଓଡ଼ିଆ ସାମିଲ ହୋଇ ଟ୍ରଷ୍ଟର ସଦସ୍ୟ ଓ ସେବକମାନେ ସହଯୋଗ ଦ୍ୱାରା ଏହି ରଥଯାତ୍ରା ମହୋତ୍ସବ ଆୟୋଜନ କରିଆସୁଛି।

OFFICE OF THE MUNICIPAL COUNCIL, TALACHER
'e' – Procurement Notice
13001/1310/2627
Tender Reference No. TCRM-12/2026-27
Bid Identification No.2026_ORULB_137130
No. 2571 / Dt. 23.07.2026

Bid documents consisting of works with their estimated cost, cost of tender paper, EMD, time of completion, Class of Contractor, court affidavit and the set of terms & conditions of Contract and other necessary documents can be seen in Govt. website i.e. www.tendersorissa.gov.in

1) Name of the Work :- Civil work as mentioned in the website.
2) No. of works :- 12 Nos.
3) Estimated Cost :- Rs.7.85 to 19.98 lakhs
4) Period of Completion :- As per DTCN
5) Date & time of availability of Bid document in the portal :- dt.27.07.2026 at 4.00 PM
6) Last date & time for receipt of Bid in the portal :- dt.07.08.2026 at 5.00 PM
7) Date of Opening Bid :- dt.10.08.2026 at 11.00 AM
8) Name & Address of the Officer inviting the bid :- Executive Officer, Talacher Municipality
9) The bidders have to participate in ONLINE bidding only. Further details can be seen from the procurement portal i.e. www.tendersorissa.gov.in

Sd/- Executive Officer
Talacher Municipality
OIPR-13001/13077/1/26-27/0025

GOVERNMENT OF ODISHA
ID: ee.randbjyp@gmail.com
OFFICE OF THE SUPERINTENDING ENGINEER, JAYAPUR (R&B) DIVISION, JAYAPUR
e-Procurement Notice
34001/532/2627
Bid Identification No. S.E (R&B)-13/2026-27/JYP(K)
No. 4472 Date. 23.07.26

Bid Documents consisting of work, Estimated Cost, Cost of Tender paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tendersodisha.gov.in.

1. Name of the Work : Road & Barricading Works as mentioned in DTCN.
2. No. of Works : 2 Nos.
3. Estimated Cost : Rs. 1.68 to 5.35 lakhs
4. Period of completion : 07 (Seven) Days to 1 (one) Month
5. Date & Time of Bidding : From 11.00 hours of 30.07.2026 Up-to 17.00 hours of 05.08.2026
6. Last date & time for receipt of bids in portal : 17.00 hours of 05.08.2026.
7. Bids received online shall be opened on : 11.00 hours of 06.08.2026.
8. Name and address of the officer inviting Bid : Superintending Engineer, Jayapur (R&B) Division, Jayapur

Further details can be seen from the www.tendersodisha.gov.in

Sd/- Superintending Engineer
Jayapur (R&B) Division
OIPR-34001/34027/1/26-27/0014

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
RENGALI LEFT BANK CANAL DIVISION, AT/P.O. Kamakhyanagar
Dist: Dhenkanal, Odisha, PIN-759018
☎:06769-270771 Email ID - eerlbcdivision@gmail.com
32001/606/2627
e-PROCUREMENT NOTICE No. RLBCD-P1-05/2026-27

| | | |
|---|---|---|
| 1 | Category of Work | "Flood Protection Work". |
| 2 | Total No. of Works | 06 (Six) Nos of work. |
| 3 | Estimated Cost | Varies from Rs.29.58 Lakhs to Rs.9.29 Lakhs |
| 4 | Period of Completion | Varies from 60 Days to 30 Days |
| 5 | Class of Contractor | Varies from "B' Class & 'C' Class to "C' Class & 'D'Class (Odisha P.W.D) or equivalent Class of other licensing authority |
| 6 | Cost of Bid Document / Mode of Payment | Rs. 6,000/- (Non-Refundable) Online through Electronic Payment Mode (Internet Banking/ NEFT/RTGS of Designated Banks and their Aggregator Banks). |
| 7 | EMD / Bid Security Amount / Mode of Payment | Varies from Rs. 29,580/- toRs. 9,290/- Online through Electronic Payment Mode (Internet Banking/ NEFT/RTGS of Designated Banks and their Aggregator Banks) |
| 8 | Other details: | |
| | (i) Procurement Officer | Superintending Engineer, Rengali Left Bank Canal Division, Kamakhyanagar. |
| | (ii) Availability of Bid Documents for Online Bidding. | 30.07.2026 from 10.00 Hours to 10.08.2026 up to 17.00 Hours. |
| | (iii).Date, time & venue of Bid Opening (Online) | On Dt.11.08.2026 at 11.00 Hours in the O/o the Superintending Engineer, Rengali Left Bank Canal Division, Kamakhyanagar (through online). |
| | (iv) Date, time & venue of transparent lottery for finalization of bids, if required | On Dt.25.08.2026 at 11.00 Hours (Tentative Date) in the O/o the Superintending Engineer, Rengali Left Bank Canal Division, Kamakhyanagar. |

Sd/- Superintending Engineer
R.L.B. Canal Division, Kamakhyanagar
OIPR-32001/32298/1/26-27/0005



# ଏସଆଇଆର ପ୍ରକ୍ରିୟା ନେଇ ଦଳର ବରିଷ୍ଠ ନେତାଙ୍କ ସହ ଆଲୋଚନା କଲେ ନବୀନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ଚାଲୁଥିବା ଏସଆଇଆର ପ୍ରକ୍ରିୟା ନେଇ ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକ ସୋମବାର ଦିନ ଦଳର ବରିଷ୍ଠ ନେତୃତ୍ୱବୃନ୍ଦଙ୍କୁ ଭେଟି ଆଲୋଚନା କରିଛନ୍ତି । ବୈଠକରେ ନବୀନ ତୃଣମୂଳସ୍ତରରେ ଦଳର ସାଙ୍ଗଠନିକ ସ୍ଥିତି ନେଇ ସଭାପତି ସମୀକ୍ଷା କରିବା ସହ ପଂଚାୟତ ନିର୍ବାଚନ ପ୍ରସ୍ତୁତି ଉପରେ ପରାମର୍ଶ ଦେଇଛନ୍ତି । ଏହି ଆଲୋଚନା ବୈଠକରେ ବିଜେଡିର ବରିଷ୍ଠ ନେତା ତଥା ବିଧାୟକ ଅରୁଣ ସାହୁ , ପ୍ରସନ୍ନ ଆଚାର୍ଯ୍ୟ , ଅତନୁ ସବ୍ୟସାଚୀ ନାୟକ, ସଞ୍ଜୟ ଦାସ ବର୍ମା ଓ ବିଧାୟକ ଗୌତମ ବୁଦ୍ଧ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏସମ୍ପର୍କରେ ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ପୋଷ୍ଟ କରି ନବୀନ ପଟ୍ଟନାୟକ ଲେଖିଛନ୍ତି ଓଡ଼ିଶାରେ ଜାରି ରହିଥିବା ଏସଆଇଆର ପ୍ରକ୍ରିୟା ଏବଂ ବିଭିନ୍ନ ସାଙ୍ଗଠନିକ ପ୍ରସଙ୍ଗରେ ଦଳର ବରିଷ୍ଠ ନେତୃବୃନ୍ଦଙ୍କ ସହିତ ଆଲୋଚନା କଲି । ପ୍ରକୃତ ମତଦାତା ଯେପରି ଭୋଟର୍ ତାଲିକାରୁ ବାଦ ନ ପଡ଼ନ୍ତି ସେଥିପ୍ରତି ଦୃଷ୍ଟି ଦେବା ସହ ଆଗାମୀ ପଞ୍ଚାୟତ ନିର୍ବାଚନ ପ୍ରସ୍ତୁତି ନେଇ ପରାମର୍ଶ ଦେଲି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବଡ଼ଦେଉଳକୁ ବାହୁଡ଼ିଲେ...

ଧୂପ, ମଧ୍ୟାହ୍ନ ୧୨ଟା ୧୫ରେ ସନ୍ଧ୍ୟା ଆଳତି, ସାଢ଼େ ୧୨ଟାରୁ ସାଢ଼େ ଗୋଟାଏରେ ସନ୍ଧ୍ୟା ଧୂପ, ସାଢ଼େ ୧ଟାରୁ ସାଢ଼େ ୩ଟାରେ ଚାରବନ୍ଧା, ସାଢ଼େ ୩ଟାରେ ସିଂହାସନ ମାଜଣା, ୩ଟା ୫୦ରେ ପୁଷ୍ପାଞ୍ଜଳି, ଅପରାହ୍ନ ୪ଟାରେ ଚତୁର୍ଦ୍ଧାମୂର୍ତ୍ତୀ ପହଣ୍ଡି ଆରମ୍ଭ ହୋଇ ରାତି ୧୦ଟାରେ ପହଣ୍ଡି ଶେଷ ହୋଇଥିବା ବେଳେ ରାତି ସାଢ଼େ ୧୨ଟାରେ ରୁନ୍ଧା ଶେଷ, ରାତି ଗୋଟେରେ ଦଇତାପତି ସର୍ବାଙ୍ଗ, ୧ଟା ୧୦ରେ ଶ୍ରୀମୁଖ ଖଣ୍ଡୁଆ, ୧ଟା ୧୫ରୁ ୨ଟା ୧୫ରେ ଚାରମାଳ ଫିଟା ହୋଇ ରାତି ସାଢ଼େ ୨ଟାରେ ଶ୍ରୀସୁଦର୍ଶନ ଦେବ ସିଂହାସନକୁ ବିଜେ ହୋଇଛନ୍ତି।

ପବିତ୍ର ନୀଳାଦ୍ରିବିଜେ ଅବସରରେ ରଥାରୂଢ଼ ମହାପ୍ରଭୁ ଶ୍ରୀଜଗନ୍ନାଥ ରସଗୋଲା ଭୋଗ ଖୁଆଇ ମା' ମହାଲକ୍ଷ୍ମୀଙ୍କର ସମସ୍ତ ଅଭିମାନ ଓ ମାନଭଞ୍ଜନ କରିଛନ୍ତି । ହେରାପଞ୍ଚମୀରେ ନନ୍ଦିଘୋଷ ରଥ ଭଙ୍ଗାଯିବା ପରେ ମା' ଲକ୍ଷ୍ମୀଙ୍କର ଯେଉଁ ରାଗ ସୃଷ୍ଟି ହୋଇଥିଲା, ତାହା ବାହୁଡ଼ା ଯାତ୍ରା ଦିନ ଗଜପତି ମହାରାଜଙ୍କ ମଧ୍ୟସ୍ଥତା ପରେ ମଧ ଶାନ୍ତ ପଡ଼ି ନଥିଲା । ଶେଷରେ କାଳିଆ ଠାକୁର ରସଗୋଲା ଖୁଆଇ ମା'ଙ୍କର ସେହି ଅଭିମାନକୁ ପାଣି ପରି ତରଳାଇ ଦେଇଛନ୍ତି । ଏହି ପରମ୍ପରାକୁ ମନେରଖି କେତେକ ଶ୍ରଦ୍ଧାଳୁ ଦୂରଦୂରାନ୍ତରୁ ଆସି ମାଟି କୁଡୁଆରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଏହି ମିଷ୍ଟ ନୈବେଦ୍ୟ ସମର୍ପଣ କରିଥିଲେ। ସେହିପରି ସାଢ଼େ ୨ଟାରେ ଶ୍ରୀମୁଖ ଖଣ୍ଡୁଆ ମଇଲମ, ରାତି ୨ଟା ୪୫ରେ ଚକାପୋଛା, ୩ଟାରେ ସିଂହାସନ ଧୁଆ, ୩ଟା ୧୦ରେ ଶ୍ରୀମାଧବ, ଶ୍ରୀଦେବୀ, ଭୂଦେବୀ ସିଂହାସନକୁ ବିଜେ ହୋଇ ସାଢ଼େ ୩ଟାରେ ମହାସ୍ନାନ ଶେଷ ହୋଇଥିଲା। ୩ଟା ୩୫ରେ ରୋଷ ହୋମ, ୩ଟା ୪୫ରେ ଚନ୍ଦନଲାଗି, ଭୋର ୪ଟାରେ ସୂର୍ଯ୍ୟପୂଜା ହୋଇ ୪ଟା ୧୫ରେ ଦ୍ୱାରପାଳ ପୂଜା, ଭୋର ୪ଟା ୧୫ରେ ବଡ଼ସିଂହାର ବେଶ, ଭୋର ୫ଟାରେ ରାତ୍ର ପହୁଡ଼ ହୋଇଥିଲା।

## ପୁଲିସ ଆବଶ୍ୟକତାଠାରୁ ଅଧିକ...

କରିଥାଏ, ତେବେ ତାହାର ନିରପେକ୍ଷ ତଦନ୍ତ ହେବା ଉଚିତ। ସମଗ୍ର ଦେଶରେ ପ୍ରଦର୍ଶନକୁ ମୁକାବିଲା କରିବା ପାଇଁ ଏକରୂପ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରାଯିବା ଉଚିତ। ବେଞ୍ଚର ଦ୍ୱିତୀୟ ସଦସ୍ୟ ନ୍ୟାୟାଧୀଶ ବାଗ୍‌ଚୀ କହିଛନ୍ତି ଯେ ଆହତ ଛାତ୍ର ହୁଅନ୍ତୁ କିମ୍ବା ପୁଲିସକର୍ମୀ, ଆମେ ଉଭୟଙ୍କ ପାଇଁ ଚିନ୍ତିତ। ସରକାରଙ୍କୁ ପଚରାଯାଇପାରେ ଯେ ହିଂସାତ୍ମକ ପରିସ୍ଥିତିର ମୁକାବିଲା ପାଇଁ ପୁଲିସକୁ ହେଲମେଟ୍ ଏବଂ ଅନ୍ୟାନ୍ୟ ଆବଶ୍ୟକ ସୁରକ୍ଷା ଉପକରଣ କାହିଁକି ଯୋଗାଇ ଦିଆଯାଇନଥିଲା।

୨୦ ଜୁଲାଇରେ ସଂସଦ ମାର୍ଚ୍ଚ ସମୟରେ ଦିଲ୍ଲୀର ଅନେକ ସ୍ଥାନରେ ପ୍ରଦର୍ଶନକାରୀ ଏବଂ ଦିଲ୍ଲୀ ପୁଲିସ ମଧ୍ୟରେ ସଂଘର୍ଷ ହୋଇଥିଲା। ଆବେଦନରେ କୁହାଯାଇଛି ଯେ ପ୍ରଦର୍ଶନ ସମୟରେ ପୁଲିସ ଅନେକ ସ୍ଥାନରେ ପ୍ରଦର୍ଶନକାରୀଙ୍କ ଉପରେ ଅତ୍ୟାଚାର କରିଥିଲା। ଦିଲ୍ଲୀ ପୁଲିସ ଅନେକ ସ୍ଥାନରେ ଛାତ୍ରମାନଙ୍କ ଉପରେ ଲାଠିଚାର୍ଜ କରିଥିଲା ଏବଂ ଲୁହବୁହା ଗ୍ୟାସ୍ ପ୍ରୟୋଗ କରିଥିଲା। ଏହି ମାମଲାରେ କନଟ୍ ପ୍ଲେସ୍ ଥାନା, ସଂସଦ ମାର୍ଗ ଥାନା ଏବଂ ଅନ୍ୟାନ୍ୟ ଥାନାରେ ଏଫ୍‌ଆଇଆର ରୁଜୁ କରାଯାଇଛି।

## ଇରାନ ଯୁଦ୍ଧରେ ୧୮ ଆମେରିକୀୟ...

ପ୍ରଣାଳୀରେ ସାଇଟ୍ ତ୍ରୁଟି ହେତୁ ଅସ୍ଥାୟୀ ତଥ୍ୟ ବ୍ୟାଘାତ ହେତୁ ସେ ଏହାକୁ ଦାୟୀ କରିଥିଲେ। ପାର୍ନେଲ ମଧ ନ୍ୟୁୟର୍କ ଟାଇମ୍ସର ସମାଲୋଚକ ଥିଲେ।

## ପିଜି ଆଡ଼ମିଶନ...

ସାମସ ପୋର୍ଟାଲକୁ ଯାଇ ଫ୍ରିଜ୍/ସ୍ଲାଇଡ଼/ଫ୍ଲୋଟ୍ ବିକଳ୍ପ ବାଛିପାରିବେ। ଅଗଷ୍ଟ ୧୭ ତାରିଖ ଅପରାହ୍ନ ୪.୦୦ ଘଟିକାରେ ଦ୍ୱିତୀୟ ମେଧା ତାଲିକା ପ୍ରକାଶିତ ହେବ। ଏଥିସହ ଅଗଷ୍ଟ ୨୧ ତାରିଖରୁ ଉଚ୍ଚ ଶିକ୍ଷାନୁଷ୍ଠାନମାନଙ୍କରେ ସ୍ନାତକୋତ୍ତର ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହେବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ସାର୍ବଜନୀନ ପରୀକ୍ଷା ବିଲ୍ ଉପରେ...

ସୂତ୍ରରୁ ପ୍ରକାଶ ଯେ ମଙ୍ଗଳବାର ଠାରୁ ଗୁରୁତ୍ୱପୂର୍ଣ୍ଣ ବିଲ୍ ଉପରେ ଆଲୋଚନା ଆରମ୍ଭ କରିବାକୁ ସମସ୍ତ ପ୍ରମୁଖ ରାଜନୈତିକ ଦଳ ରାଜି ହେବା ସହିତ ସଂସଦରେ ସାର୍ବଜନୀନ ପରୀକ୍ଷା (ଅନୁପଯୁକ୍ତ ଉପାୟର ପ୍ରତିରୋଧ) ବିଲ୍-୨୦୨୬ ଉପରେ ଅଚଳାବସ୍ଥା ସମାପ୍ତ ହୋଇଛି। ଗୃହ କାର୍ଯ୍ୟାନୁଷ୍ଠାନ ସମୟରେ, ଓମ୍ ବିର୍ଲା ସମସ୍ତ ପକ୍ଷଙ୍କୁ ଅନୁରୋଧ କରିଥିଲେ ଯେ ଏହି ପ୍ରସଙ୍ଗ ଦେଶର କୋଟି କୋଟି ଛାତ୍ରଛାତ୍ରୀ, ଯୁବକ ଏବଂ ପ୍ରତିଯୋଗିତାମୂଳକ ପରୀକ୍ଷାର ସ୍ୱଚ୍ଛତା ସହ ଜଡ଼ିତ। ଏଭଳି ସ୍ଥିତିରେ ଏହା ଉପରେ ବ୍ୟାପକ ଏବଂ ଅର୍ଥପୂର୍ଣ୍ଣ ଆଲୋଚନା ହେବା ଉଚିତ। ବାଚସ୍ପତିଙ୍କ ଏହି ସକାରାତ୍ମକ ପଦକ୍ଷେପ ପରେ, ଲୋକସଭା ବାଚସ୍ପତି ବିଭିନ୍ନ ରାଜନୈତିକ ଦଳର ଫ୍ଲୋର ଲିଡରଙ୍କ ସହ ବ୍ୟକ୍ତିଗତ ସାକ୍ଷାତ କରିଥିଲେ । ଫଳସ୍ୱରୂପ, ଉଭୟ ଶାସକ ଦଳ ଏବଂ ବିରୋଧୀ ଏକ ସହମତି ହାସଲ କରିଥିଲେ ଏବଂ ମଙ୍ଗଳବାର ଦିନ ଏହି ବିଲ୍ ଉପରେ ବିସ୍ତୃତ ଆଲୋଚନା କରିବାକୁ ନିଷ୍ପତ୍ତି ନେଇଥିଲେ। ଏହା ଗୃହରେ ସହମତି ଏବଂ ଆଲୋଚନାର ଭାବନାକୁ ମଧ ସୁଦୃଢ଼ କରିଛି।

## ପୂର୍ବତନ ମନ୍ତ୍ରୀ ସୁଶାନ୍ତ...

ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂହଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଅତ୍ୟନ୍ତ ଦୁଃଖିତ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରିବା ସହ ପରିବାରବର୍ଗଙ୍କୁ ସମବେଦନା ଜଣାଉଛି। ଓଁ ଶାନ୍ତି।'

ସୁଶାନ୍ତ ସିଂହଙ୍କ ବିୟୋଗରେ ଦୁଃଖପ୍ରକାଶ କରିଛନ୍ତି ବିଜେଡି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସେ ତାଙ୍କର ଏକ୍ସରେ ଲେଖିଛନ୍ତି ଯେ, 'ପୂର୍ବତନ ମନ୍ତ୍ରୀ ତଥା ବିଜୁ ଜନତା ଦଳର ବରିଷ୍ଠ ସଦସ୍ୟ ସୁଶାନ୍ତ ସିଂହଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ। ତାଙ୍କ ବିୟୋଗରେ ଦଳ ଜଣେ ଦକ୍ଷ ସଙ୍ଗଠକ ତଥା ଲୋକପ୍ରିୟ ନେତାଙ୍କୁ ହରାଇଲା। ବିଜୁ ଜନତା ଦଳକୁ ମଜବୁତ କରିବା ସହ ଲୋକଙ୍କ ସେବାରେ ତାଙ୍କର କାର୍ଯ୍ୟ ସର୍ବଦା ସ୍ମରଣୀୟ ରହିବ। ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଏପରି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ମୋର ଗଭୀର ସମବେଦନା ଜଣାଉଛି।'

ଅନୁରୂପ ଭାବେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, 'ସୁଶାନ୍ତ ସିଂହଙ୍କ ସହ ତାଙ୍କର ୨୫ ବର୍ଷଧରି ସମ୍ପର୍କ ଥିଲା। ଦଳ, ବିଚାରଧାରା ଅଲଗା ହୋଇଥିଲେ ମଧ ଆମ ସମ୍ପର୍କ ନିବିଡ। ବିରୋଧାଭାସ ଭିତରୁ ମିତ୍ରତା ରହିଥିଲେ। ୨୦୦୯, ୨୦୧୪ ଓ ୨୦୧୯ ନିର୍ବାଚନରେ ଲଗାତାର ଭାବେ ସେ ଭଟଲିରୁ ବିଜୟ ହୋଇ ବିଧାନସଭା ଆସିଛନ୍ତି। ଏହା କମ ଛୋଟ କଥା ନୁହେଁ। ସାମାଜିକ ଜୀବନରେ ସେ ସକ୍ରିୟ ଥିଲେ। ଅସୁବିଧାରେ ଥିବା ଲୋକ ସୁଶାନ୍ତଙ୍କୁ ଖୋଜେ। ସହଯୋଗ ମଧ ପାଏ। ସୁଶାନ୍ତଙ୍କ ଦେହାନ୍ତରେ ସାମଗ୍ରିକ ଭାବେ ଓଡ଼ିଶାର କ୍ଷତି ହୋଇଛି। ବିଶେଷ କରି ପଶ୍ଚିମ ଓଡିଶା ଗୋଟେ ଟାଣୁଆ ଜନନେତା ହରାଇଛି।' ଭଟଲିର ବର୍ତ୍ତମାନର ବିଧାୟକ ଇରାଶିଷ ଆଚାର୍ଯ୍ୟ କହିଛନ୍ତି, 'ସୁଶାନ୍ତ ସିଂହଙ୍କ ଦେହାନ୍ତ ଭଟଲି ତଥା ସାରା ରାଜ୍ୟ ପାଇଁ ଏକ ଅପୂରଣୀୟ କ୍ଷତି। ଲୋକଙ୍କ ପାଇଁ କାମ କରିବା ଓ ଲୋକଙ୍କ ସହିତ ଛିଡା ହେବା କଳା ତାଙ୍କୁ ଅନ୍ୟ ନେତାଙ୍କ ଠାରୁ ଅଲଗା କରେ। ଲଗାତାର ବିଧାୟକ ଓ ମନ୍ତ୍ରୀ ହୋଇଛନ୍ତି। ଅଞ୍ଚଳ ପାଇଁ ସେ ଅନେକ କାମ କରିଛନ୍ତି। ମହାପ୍ରଭୁ ଜଗନ୍ନାଥ ଓ ମା' ସମଲେଶ୍ୱରୀଙ୍କ ନିକଟରେ ଅମର ଆତ୍ମାର ସଦଗତି କାମନା କରୁଛି।

ବିଜେଡିର ବରିଷ୍ଠ ନେତା ପ୍ରଣବ ପ୍ରକାଶ ଦାସ କହିଛନ୍ତି, 'ସୁଶାନ୍ତ ବିଜେଡିର ଜଣେ ତୁଙ୍ଗ ନେତା ଥିଲେ। ବ୍ୟକ୍ତିଗତ ଭାବରେ ମୋର ବହୁତ ବଡ କ୍ଷତି ହୋଇଛି। ମୁଁ ଆଜି ମୋର ଜଣେ ଭାଇଙ୍କୁ ହରାଇଛି। ପରୋପକାର ଓ ଜନସେବା କଣ ତାହା ସୁଶାନ୍ତଙ୍କୁ ବୁଝାଯାଏ।

## ସୋନିଆ ଓ ରାହୁଲ ଗାନ୍ଧିଙ୍କୁ...

ଶୁଣିବା ପରେ ହାଇକୋର୍ଟ ପରବର୍ତ୍ତୀ ଶୁଣାଣି ନିମନ୍ତେ ସେପ୍ଟେମ୍ବର ୧୦ ତାରିଖକୁ ଦିନ ଧାର୍ଯ୍ୟ କରିଛନ୍ତି ଓ ପ୍ରତିବାଦୀଙ୍କୁ ୩ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ୨୨ ଡିସେମ୍ବର ୨୦୨୫ରେ ଉଚ୍ଚନ୍ୟାୟାଳୟ ଗାନ୍ଧି ପରିବାର ଓ ଅନ୍ୟମାନଙ୍କୁ ମୁଖ୍ୟ ଆବେଦନ ସହିତ ଇଡିର ସେହି ଆବେଦନ ଉପରେ ନୋଟିସ୍ ଜାରି କରିଥିଲେ ଯେଉଁଥିରେ ଡିସେମ୍ବର ୧୬ ତାରିଖରେ ଟ୍ରାୟଲ କୋର୍ଟଙ୍କ ଆଦେଶ ଉପରେ ରୋକ ଲଗାଇବାକୁ ଦାବି କରାଯାଇଥିଲା। ଏଥିରେ କୁହାଯାଇଥିଲା ଯେ ମାମଲାରେ ଏଜେନ୍ସି ଅଭିଯୋଗର ସଂଜ୍ଞାନ ଆଇନରେ ଅସ୍ୱୀକାର୍ଯ୍ୟ, କାରଣ ଏହା ଏଫଆଇଆର ଉପରେ ଆଧାରିତ ନଥିଲା।

ହାଇକୋର୍ଟ ଗାନ୍ଧି ପରିବାର ବ୍ୟତୀତ ଇଡି ଆବେଦନ ଉପରେ ସୁମନ ଦୁବେ, ସାମ ପିତ୍ରୋଡା, ୟଙ୍ଗ ଇଣ୍ଡିଆନ, ଡୋଟେକ୍ସ ମର୍ଚ୍ଚେଣ୍ଡାଇଜ୍ ପ୍ରାଇଭେଟ ଲିମିଟେଡ ଓ ସୁନୀଲ ଭଣ୍ଡାରୀଙ୍କୁ ମଧ୍ୟ ନୋଟିସ୍ ଜାରି କରିଥିଲେ। ଇଡି ମଧ୍ୟ ସୋନିଆ ଗାନ୍ଧି ଓ ରାହୁଲ ଗାନ୍ଧିଙ୍କ ସମେତ କଂଗ୍ରେସର ସୁମନ ଦୁବେ, ସ୍ୟାମ ପିତ୍ରୋଡା ଓ ୟଙ୍ଗ ଇଣ୍ଡିଆ ତଥା ସ୍ୱର୍ଗତ ନେତା ମୋତିଲାଲ ଭୋରା, ଅସ୍କାର ଫର୍ଣ୍ଣାଣ୍ଡିଜଙ୍କ ଉପରେ ଷଡ଼ଯନ୍ତ୍ର ଓ ମନିଲଣ୍ଡ୍ରିଂର ଅଭିଯୋଗ କରିଥିଲା। ଇଡି ଅଭିଯୋଗ କରିଥିଲା ଯେ ଏମାନେ ନ୍ୟାସନାଲ ହେରାଲ୍ଡ ପ୍ରକାଶନ କରୁଥିବା ଆସୋସିଏଟେଡ ଜର୍ଣ୍ଣାଲସ ଲିମିଟେଡ (ଏଜେଏଲ) ସମ୍ପର୍କିତ ପାଖାପାଖି ୨୦୦୦ କୋଟି ଟଙ୍କାର ସମ୍ପତ୍ତି ହାସଲ କରିଛନ୍ତି।

ଏଥିରେ ଏହା ବି ଅଭିଯୋଗ ରହିଛି ଯେ ଗାନ୍ଧି ପରିବାର ନିକଟରେ ୟଙ୍ଗ ଇଣ୍ଡିଆନର ୭୬% ସେୟାର ଥିଲା, ଯେଉଁମାନେ ୯୦ କୋଟି ଟଙ୍କା ଋଣ ବଦଳରେ ଏଜେଏଲ ସମ୍ପତ୍ତି ଧୋକାରେ ହାତେଇ ନେଇଛନ୍ତି। ଫେବୃଆରୀ ୧୯ ତାରିଖରେ ସଲିସିଟର ଜେନେରାଲ ମେହେଟ୍ଟା ଇଡି ପକ୍ଷରୁ ହାଜର ହୋଇ ତର୍କ ଦେଇଥିଲେ ଯେ ମାମଲା ଆଇନର ଏକ ସ୍ୱଷ୍ଟ ପ୍ରଶ୍ନ ସହ ସମ୍ବନ୍ଧିତ ଓ ନିମ୍ନ କୋର୍ଟ ସଂଜ୍ଞାନ ନେବା ପାଇଁ ଅସ୍ୱୀକାର କରିବା ଲାଗି ଦିଆଯାଇଥିବା କାରଣ 'ସ୍ୱଷ୍ଟ ରୂପେ ବିକୃତ'। ମେହେଟ୍ଟା କହିଛନ୍ତି ଯେ ଏହି ମାମଲାରେ ଆଇନ ଆଧାରରେ ବିତର୍କ ହେବା ଆବଶ୍ୟକ, ତଥ୍ୟ ଆଧାରରେ ନୁହେଁ ଏଥିରେ ନିମ୍ନ କୋର୍ଟଙ୍କ ନିଷ୍କର୍ଷ ଅନ୍ୟ ମାମଲାରେ ବାଧା ସୃଷ୍ଟି କରୁଛି।

ନିମ୍ନ କୋର୍ଟ ତାଙ୍କ ଆଦେଶରେ କହିଥିଲେ ଯେ 'ଧନ ଶୋଧନ ନିବାରଣ ଅଧିନିୟମ (ପିଏମଏଲଏ) ଅନୁସୂଚୀରେ ଉଲ୍ଲେଖିତ ଅପରାଧରେ ଏଫଆଇଆର ନଥିବାରୁ ଧନଶୋଧନ ଅପରାଧ ସମ୍ପର୍କିତ ଯାଞ୍ଚ ଓ ଏହାର ପରିଣାମ ସ୍ୱରୂପ ପ୍ରସିକ୍ୟୁସନ କମ୍ପ୍ଲିଆଣ୍ଟ (ଅଭିଯୋଗପତ୍ର ଓ ସମକକ୍ଷ)ରକ୍ଷଣାବେକ୍ଷଣ ଯୋଗ୍ୟନୁହେଁ'। ଏଥିରେ କୁହାଯାଇଥିଲା ଯେ ଏଜେନ୍ସିର ଯାଞ୍ଚ ଏକ ବ୍ୟକ୍ତିଗତ ଅଭିଯୋଗ ଆଧାରରେ ହୋଇଥିଲା, ଏଫଆଇଆଧାରରେ ନୁହେଁ।

## ଗଭୀର ଅବପାତ ମୁକାବିଲା...

ଯଥେଷ୍ଟ ବ୍ୟବସ୍ଥା କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସମସ୍ତ ଜରୁରୀକାଳୀନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଯେକୌଣସି ପରିସ୍ଥିତିର ତ୍ୱରିତ ମୁକାବିଲା କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ମୟୂରଭଞ୍ଜ, ଜଗତସିଂହପୁର, କେନ୍ଦ୍ରାପଡ଼ା, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, କଳାହାଣ୍ଡି ଏବଂ ସୁନ୍ଦରଗଡ଼ ଆଦି ଜିଲ୍ଲାମାନଙ୍କର ଜିଲ୍ଲାପାଳ ତଥା ବରିଷ୍ଠ ପଦାଧିକାରୀବୃନ୍ଦ ଭିଡିଓ କନଫରେନ୍ସିଂ ମାଧମରେ ବୈଠକରେ ଯୋଗଦେଇ ନିଜ ନିଜ ଅଞ୍ଚଳର ପ୍ରସ୍ତୁତି ଓ ବର୍ତ୍ତମାନ ସ୍ଥିତି ସମ୍ପର୍କରେ ଅବଗତ କରାଇଥିଲେ। ମନ୍ତ୍ରୀ ପ୍ରତ୍ୟେକ ଜିଲ୍ଲାର ପ୍ରସ୍ତୁତିର ସମୀକ୍ଷା କରି ସମ୍ଭାବ୍ୟ ବିପଦପୂର୍ଣ୍ଣ ସ୍ଥାନଗୁଡ଼ିକ ଉପରେ ନିରନ୍ତର ନଜର ରଖିବା ସହ ଆବଶ୍ୟକ ସ୍ଥଳରେ ତୁରନ୍ତ ପ୍ରତିଷେଧକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ସମୀକ୍ଷା ସମୟରେ ଏହା ଆକଳନ କରାଯାଇଥିଲା ଯେ, ରାଜ୍ୟର ସମସ୍ତ ପ୍ରମୁଖ ନଦୀ ବର୍ତ୍ତମାନ ବିପଦ ସ୍ତରରୁ ତଳେ ପ୍ରବାହିତ ହେଉଛି ଏବଂ ଏପର୍ଯ୍ୟନ୍ତ କୌଣସି ଜିଲ୍ଲାରୁ ବଡ଼ ଧରଣର ବର୍ଷାଜନିତ କ୍ଷୟକ୍ଷତିର ସୂଚନା ମିଳିନାହିଁ। ରାଜ୍ୟର ସାମଗ୍ରିକ ପରିସ୍ଥିତି ନିୟନ୍ତ୍ରଣରେ ରହିଛି ଏବଂ ଏହା ଉପରେ ନିରନ୍ତର ନଜର ରଖାଯାଉଛି। ସମସ୍ତ ଜିଲ୍ଲା ପ୍ରଶାସନକୁ ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବା, ସ୍ଥାନୀୟ ଜଳଜମା ଓ ଜଳବନ୍ଦୀ ସ୍ଥିତିର ତ୍ୱରିତ ମୁକାବିଲା କରିବା ସହ ଆବଶ୍ୟକ ସ୍ଥଳରେ ରିଲିଫ ଓ ଉଦ୍ଧାର କାର୍ଯ୍ୟକୁ ପ୍ରାଥମିକତା ଦେବାକୁ କୁହାଯାଇଛି। ମତ୍ସ୍ୟଜୀବୀମାନଙ୍କୁ ମଧ ଜୁଲାଇ ୨୯ ତାରିଖ ପର୍ଯ୍ୟନ୍ତ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ଓଡ଼ିଶା ଉପକୂଳକୁ ମାଛ ଧରିବା ପାଇଁ ନ ଯିବାକୁ ପରାମର୍ଶ ଦିଆଯାଇଛି।

ସମୀକ୍ଷା ବୈଠକରେ ଅତିରିକ୍ତ ସ୍ୱତନ୍ତ୍ର ରିଲିଫ କମିଶନର ପଦ୍ମନାଭ ବେହେରା, ଯୁଗ୍ମ ସ୍ୱତନ୍ତ୍ର ରିଲିଫ କମିଶନର ସ୍ନିଗ୍ଧା ଚମ୍ପତିରାୟ, ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟର ଅଧିକାରୀବୃନ୍ଦ, ଜଳସମ୍ପଦ ବିଭାଗର ଇଞ୍ଜିନିୟର-ଇନ୍-ଚିଫ୍ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ପ୍ରଶ୍ନପତ୍ର ପ୍ରଘଟକୁ ରୋକିବା ପାଇଁ ଆଇନର ପ୍ରଭାବଶାଳୀ କାର୍ଯ୍ୟକାରିତା ଆବଶ୍ୟକ: ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଦେଶରେ ପ୍ରଶ୍ନପତ୍ର ପ୍ରଘଟକୁ ରୋକିବା ପାଇଁ, କେନ୍ଦ୍ର ସରକାରଙ୍କ ତରଫରୁ ପୂର୍ବ ଆଇନର ସଂଶୋଧନ ନିମନ୍ତେ ସଂସଦରେ ପାରିତ ଲାଗି ଉଦ୍ୟମ ଆରମ୍ଭ ହୋଇଥିବା ବେଳେ ବିଜୁ ଜନତା ଦଳ ଏହା ଉପରେ ପ୍ରତିକ୍ରିୟା ଦେଇ କେବଳ ଆଇନ ପ୍ରଣୟନ ନୁହେଁ, ଏହାକୁ କଡା ଓ ପ୍ରଭାବଶାଳୀ କାର୍ଯ୍ୟକାରୀ କରିବାର ଆବଶ୍ୟକତା ରହିଛି ବୋଲି ଦାବି କରିଛି। ଏହାଛଡା, ରାଜ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପୁସ୍ତକରେ ବ୍ୟାପକ ତ୍ରୁଟି ପରିଲକ୍ଷିତ ହୋଇଥିବା ମାମଲାରେ ବିଜେଡି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି କରିଛି। ବିଜୁ ଜନତା ଦଳ ତରଫରୁ ଆଜି ଜାରି କରାଯାଇଥିବା ଏକ ପ୍ରେସ ବିବୃତିରେ, ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ ଲେନିନ ମହାନ୍ତି କହିଛନ୍ତି, ଗତ ୧୨ ବର୍ଷ ମଧ୍ୟରେ ଦେଶରେ ୧୫୦ରୁ ଅଧିକ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ହୋଇଥିବା ଏବଂ ଏହାକୁ ନେଇ ଦେଶବ୍ୟାପୀ ଅନେକ ପ୍ରତିବାଦ ଓ ଆନେ୍ଦାଳନ ମୁଣ୍ଡ ଟେକିଛି। ଏହି ଆନେ୍ଦାଳନ ସମଗ୍ର ଦେଶବାସୀଙ୍କୁ ପ୍ରଭାବିତ କରିଥିବା ବେଳେ, କିଛିଦିନ ତଳେ କେନ୍ଦ୍ର କ୍ୟାବିନେଟ୍ ସାର୍ବଜନୀନ ପରୀକ୍ଷା (ଅସାଧୁ ଉପାୟ ନିବାରଣ) ଆଇନ, ୨୦୨୪ରେ ସଂଶୋଧନକୁ ଅନୁମୋଦନ କରିଥିବା ବେଳେ ଆଜି ସଂସଦରେ କେନ୍ଦ୍ର ମନ୍ତ୍ରୀ ଜିତେନ୍ଦ୍ର ସିଂହଙ୍କ ଦ୍ୱାରା ଆଗତ କରାଯାଇଛି । ଏହି ସଂଶୋଧନ ମାଧ୍ୟମରେ ପ୍ରଶ୍ନପତ୍ର ଲିକ୍ ଭଳି ଅନିୟମିତତା ପାଇଁ ଅଧିକ କଠୋର ଦଣ୍ଡ ବ୍ୟବସ୍ଥା କରାଯିବାର ଲକ୍ଷ୍ୟ ରହିଛି।

## ମୁଖ୍ୟମନ୍ତ୍ରୀଙ୍କଠୁ ନବୀନଙ୍କ ସମେତ ସେଲିବ୍ରିଟି ଜଣାଇଲେ ଶୁଭେଚ୍ଛା

# 'ଜ୍ୟୋତିର୍ମୟୀ ତୁମେ ସମସ୍ତଙ୍କ ପାଇଁ ପ୍ରେରଣା'




ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଇଣ୍ଡିଆନ୍ ଆଇଡଲ୍ ସିଜନ୍ ୧୬ ଟ୍ରଫି ହାତେଇଛନ୍ତି ଓଡ଼ିଆ ଝିଅ ଜ୍ୟୋତିର୍ମୟୀ ନାୟକ । ଓଡ଼ିଶାର ପ୍ରଥମ ପ୍ରତିଯୋଗୀ ଭାବେ ଇତିହାସ ରଚିଛନ୍ତି । ଏହି ସଫଳତା ସହ ସେ ଓଲିଉଡ ଓ ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି । ଏନେଇ ତାଙ୍କୁ ସବୁଆଡୁ ଛୁଟୁଛି ଶୁଭେଚ୍ଛାର ସୁଅ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧି ଦଳ ନେତା ନବୀନ ପଟ୍ଟନାୟକଙ୍କ ସମେତ ସେଲିବ୍ରିଟି ଅସୀମା ପଣ୍ଡା, ଅଭିନେତା ସବ୍ୟସାଚୀ ମିଶ୍ର, ଅଭିନେତ୍ରୀ ପ୍ରକୃତି ମିଶ୍ର, ଏଲିନା ସାମନ୍ତରାୟ ପ୍ରମୁଖ ଅନେକ ସେଲିବ୍ରିଟି ତାଙ୍କୁ ଶୁଭକାମନା ଜଣାଇଛନ୍ତି । ଏକ୍ସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୋଷ୍ଟ କରି ଲେଖିଛନ୍ତି, "ଇଣ୍ଡିଆନ୍ ଆଇଡଲ୍ ସିଜନ୍-୧୬ର ବିଜେତା ହୋଇ ଆମ ମାଟିର ନାଁ ସାରା ଦେଶରେ ଉଜ୍ଜ୍ୱଳ କରିଥିବା ଓଡ଼ିଶାର ଝିଅ ଜ୍ୟୋତିର୍ମୟୀ ନାୟକଙ୍କୁ ମୋର ଅଶେଷ ସ୍ନେହ, ଶୁଭେଚ୍ଛା ଓ ଅଭିନନ୍ଦନ । ତାଙ୍କର ଏହି ସଫଳତା ଓଡ଼ିଶାର ଅଗଣିତ ଯୁବ ପ୍ରତିଭା ଓ ଉଦୀୟମାନ କଳାକାରଙ୍କ ପାଇଁ ଏକ ବଡ଼ ପ୍ରେରଣା । ଜ୍ୟୋତିର୍ମୟୀଙ୍କ ଉଜ୍ଜ୍ୱଳ ଓ ସମୃଦ୍ଧ ଭବିଷ୍ୟତ କାମନା କରୁଛି।'' ସେହିପରି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏକ୍ସରେ ଶୁଭେଚ୍ଛା ଜଣାଇ ଲେଖିଛନ୍ତି, "ଇତିହାସ ରଚିଲେ ଓଡ଼ିଆ ଝିଅ ଜ୍ୟୋତିର୍ମୟୀ ନାୟକ । ପ୍ରସିଦ୍ଧ ସଙ୍ଗୀତ ପ୍ରତିଯୋଗିତା ଇଣ୍ଡିଆନ୍ ଆଇଡଲ୍ ସିଜନ୍-୧୬ର ବିଜେତା ହୋଇ ଓଡ଼ିଶା ପାଇଁ ଗୌରବ ଆଣିଥିବା ଜ୍ୟୋତିର୍ମୟୀ ନାୟକଙ୍କୁ ଅଶେଷ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପ୍ରାର୍ଥନା କରୁଛି ।'' ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧି ଦଳ ନେତା ନବୀନ ପଟ୍ଟନାୟକ ତାଙ୍କ ଏକ୍ସରେ ଶୁଭେଚ୍ଛା ଜଣାଇ ଲେଖିଛନ୍ତି, "ଓଡ଼ିଆ ଝିଅ ଜ୍ୟୋତିର୍ମୟୀ ନାୟକ ଇଣ୍ଡିଆନ୍ ଆଇଡଲ୍-୧୬ର ବିଜେତା ହୋଇ ସଭିଙ୍କ ଗୌରବ ସାଜିଛନ୍ତି। ନିଜ ଦକ୍ଷତା ବଳରେ ସେ ହାସଲ କରିଥିବା ସଫଳତା ସମଗ୍ର ଓଡ଼ିଶା ପାଇଁ ଗର୍ବର ବିଷୟ। ତାଙ୍କର ଆହୁରି ସଫଳତା ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।" ସେହିପରି ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ମଧ ଜ୍ୟୋତିର୍ମୟୀଙ୍କ ସଫଳତା ନେଇ ଶୁଭକାମନା ଜଣାଇଛନ୍ତି । ବାଲେଶ୍ୱର ସାଂସଦ ପ୍ରତାପ ଷଡଙ୍ଗୀ ଫେସବୁକରେ ପୋଷ୍ଟ କରି ଲେଖିଛନ୍ତି, "ଓଡ଼ିଶାର ପ୍ରତିଭାବାନ କଣ୍ଠଶିଳ୍ପୀ ତଥା ବାଲେଶ୍ୱର ଜିଲ୍ଲାର ନୀଳଗିରି ବ୍ଲକ୍ ଅନ୍ତର୍ଗତ ଜଡ଼ିଦା ପଞ୍ଚାୟତର ବାଉଁଶନାଳ ଗ୍ରାମର ସୁକନ୍ୟା ସୁଶ୍ରୀ ଜ୍ୟୋତିର୍ମୟୀ ନାୟକ ଇଣ୍ଡିଆନ୍ ଆଇଡଲ୍-୧୬ର ବିଜୟୀ ହୋଇ ସମଗ୍ର ଓଡ଼ିଶାକୁ ଗର୍ବିତ କରିଛନ୍ତି । ଚକ୍ରଧର ନାୟକ ଓ ଗୌରୀମଣି ନାୟକଙ୍କ ଏକମାତ୍ର କନ୍ୟା ଜ୍ୟୋତିର୍ମୟୀ ନିଜର ଅସାଧାରଣ ସଙ୍ଗୀତ ପ୍ରତିଭା, କଠିନ ପରିଶ୍ରମ ଏବଂ ଅଦମ୍ୟ ଅଧ୍ୟବସାୟ ବଳରେ ଏହି ଐତିହାସିକ ସଫଳତା ହାସଲ କରିଛନ୍ତି। ସେ କେବଳ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ପରମ୍ପରାର ସୁନ୍ଦର ପ୍ରତିନିଧିତ୍ୱ କରିନାହାନ୍ତି ବରଂ ରାଜ୍ୟର ଅଗଣିତ ଯୁବ ପ୍ରତିଭାଙ୍କ ପାଇଁ ଜଣେ ପ୍ରେରଣା ପାଲଟିଛନ୍ତି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ଆଗାମୀ ଦିନରେ ସେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଆହୁରି ସଫଳତାର ଶିଖର ଛୁଅନ୍ତୁ ଏବଂ ନିଜ କଣ୍ଠର ମାଧୁର୍ଯ୍ୟରେ ଓଡ଼ିଶାର ଗୌରବକୁ ଆହୁରି ଉଜ୍ଜ୍ୱଳ କରନ୍ତୁ ଏହାହିଁ ମହାପ୍ରଭୁଙ୍କ ନିକଟରେ ଆମର ପ୍ରାର୍ଥନା ।'' ସେପଟେ ସବ୍ୟସାଚୀ ମିଶ୍ରଙ୍କ ଠାରୁ ପ୍ରକୃତି ମିଶ୍ର, ଅସୀମା ପଣ୍ଡାଙ୍କ ସମେତ ଅନେକ ସେଲିବ୍ରିଟି ତାଙ୍କୁ ଶୁଭକାମନା ଜଣାଇଛନ୍ତି । ସବ୍ୟସାଚୀ ଲେଖିଛନ୍ତି, "ଆମେ ତୁମ ପାଇଁ ଅତ୍ୟାଧିକ ଗର୍ବିତ ... ମହାପ୍ରଭୁ ଆପଣଙ୍କୁ ଆହୁରି ଅନେକ ସଫଳତା ସହିତ ଆଶୀର୍ବାଦ କରନ୍ତୁ।" ଏଲିନା ସାମନ୍ତରାୟ ଲେଖିଛନ୍ତି, "ଅଭିନନ୍ଦନ, ତୁମ ପାଇଁ ବହୁତ ଗର୍ବିତ । ଓଡ଼ିଶା ତୁମକୁ ଭାରତୀୟ ଆଇଡଲ ଭାବରେ ଦେଖିବା ପାଇଁ ପ୍ରାର୍ଥନା କରିଥିଲା ଏବଂ ତୁମେ ଏହାକୁ ଘରକୁ ଆଣି ଆମକୁ ସଠିକ୍ ପ୍ରମାଣିତ କଲ । ଭଗବାନ ଆଶୀର୍ବାଦ କରନ୍ତୁ ।"

## ନିରାପଦ ଟ୍ରେନ ପରିଚାଳନାରେ ଉଲ୍ଲେଖନୀୟ ସତର୍କତା ପାଇଁ

# ଟେକ୍ନିସିଆନଙ୍କୁ ପୂର୍ବତଟ ରେଳପଥର ସମ୍ମାନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସୁରକ୍ଷିତ ରେଳ ଚଳାଚଳ ସୁନିଶ୍ଚିତ କରିବା ଦିଗରେ ଉଲ୍ଲେଖନୀୟ ସତର୍କତା ଏବଂ ବୃତ୍ତିଗତ ପ୍ରତିବଦ୍ଧତା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ରାୟଗଡ଼ା ରେଳମଣ୍ଡଳ ଅନ୍ତର୍ଗତ ଟେକ୍ନିସିଆନ୍ ଗ୍ରେଡ୍-୧ (କ୍ୟାରେଜ୍ ଆଣ୍ଡ ୱାଗନ୍) ଶ୍ରୀ କେ. ନରେନ୍ଦ୍ରଙ୍କୁ 'ସୁରକ୍ଷା ପୁରସ୍କାର' ପ୍ରଦାନ କରି ସମ୍ମାନିତ କରାଯାଇଛି। ୨୯ ଜୁନ୍ ୨୦୨୬ରେ ରାୟଗଡ଼ାଠାରେ ଏକ ମାଲବୋଝେଇ ଟ୍ରେନର ନିୟମିତ ଯାଞ୍ଚ କରୁଥିବା ସମୟରେ ଶ୍ରୀ ନରେନ୍ଦ୍ର ଏହାର ଗୋଟିଏ ୱାଗନରେ ଯୋକ୍ ଭାଙ୍ଗିଯାଇଥିବା ଏବଂ ବ୍ୟାକ ଷ୍ଟପର ୱେଲ୍ଡିଂ କ୍ଷତିଗ୍ରସ୍ତ ହୋଇଥିବା ଚିହ୍ନଟ କରିଥିଲେ। ଏହି ତ୍ରୁଟି ଟ୍ରେନର ନିରାପଦ ଚଳାଚଳକୁ ପ୍ରଭାବିତ କରିପାରେ ବୋଲି ଅନୁଭବ କରି ସେ ତୁରନ୍ତ ତ୍ରୁଟିପୂର୍ଣ୍ଣ ୱାଗନଟିକୁ ବଦଳାଇବା ପାଇଁ ଟ୍ରେନ୍‌ରୁ ଅଲଗା କରିବାର ବ୍ୟବସ୍ଥା କରିଥିଲେ। ତାଙ୍କର ଏହି ସମୟୋଚିତ ପଦକ୍ଷେପ ଏକ ସମ୍ଭାବ୍ୟ ସୁରକ୍ଷା ବିପଦକୁ ଏଡ଼ାଇବା ସହ ଟ୍ରେନର ନିରାପଦ ଚଳାଚଳ ସୁନିଶ୍ଚିତ କରିଥିଲା। ପୂର୍ବତଟ ରେଳପଥ ଶ୍ରୀ ନରେନ୍ଦ୍ରଙ୍କ କର୍ତ୍ତବ୍ୟନିଷ୍ଠା ଓ ସତର୍କତାକୁ ଉଚ୍ଚ ପ୍ରଶଂସା କରିଛି। ତାଙ୍କର ଏହି କାର୍ଯ୍ୟ ପୂର୍ବତଟ ରେଳପଥର ଦୃଢ଼ ସୁରକ୍ଷା ସଂସ୍କୃତି ଏବଂ ନିରାପଦ,




ସୁରକ୍ଷିତ ଓ ବିଶ୍ୱସନୀୟ ଟ୍ରେନ ପରିଚାଳନା ସୁନିଶ୍ଚିତ କରିବା ଦିଗରେ ରେଳ କର୍ମଚାରୀମାନଙ୍କ ପ୍ରତିବଦ୍ଧତାର ଏକ ପ୍ରଶଂସନୀୟ ଉଦାହରଣ।

**ବନ୍ଦେ ଭାରତମ ପାଇଁ ଆବେଦନ ୨୫,୦୦୦ରୁ ଅଧିକ ଅତିକ୍ରମ**

# ଆବେଦନ ସମୟ ସୀମା ଜୁଲାଇ ୩୦କୁ ବୃଦ୍ଧି ସହ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଆଦାନୀ ଗ୍ରୁପ୍‌ର ସାକ୍ଷାତ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଆଦାନୀ ଗ୍ରୁପ୍‌ର ଅଧ୍ୟକ୍ଷ ଶ୍ରୀ ଗୌତମ ଆଦାନୀଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିବା ଆଦାନୀ ଗ୍ରୁପ୍‌ର ତୃଣମୂଳ ନବସୃଜନ ଅଭିଯାନ ତଥା ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ଚଳିତ ସପ୍ତାହରେ ଜାରି ରହିବା ସହିତ ଉତ୍ତରପ୍ରଦେଶ, ରାଜସ୍ଥାନ, କେରଳ, ପୁଡୁଚେରି, ଓଡ଼ିଶା, ଆସାମ, ତେଲେଙ୍ଗାନା, ମେଘାଳୟ, ମହାରାଷ୍ଟ୍ର, ହରିୟାଣା ଓ ଅନ୍ୟାନ୍ୟ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀମାନଙ୍କୁ ସାକ୍ଷାତ କରାଯାଇଛି। ଗ୍ରୁପର ପ୍ରତିନିଧିମାନେ ଏହି ଲିଡରମାନଙ୍କୁ ଏକ ବନ୍ଦେ ଭାରତମ୍ କିଟ୍ ଦେଇଥିଲେ ଯେଉଁଥିରେ ନିର୍ଦ୍ଦିଷ୍ଟ ରାଜ୍ୟଗୁଡ଼ିକର ସ୍ଥାନୀୟ ଭାଷା ଆଧାରିତ ଏକ ମେମେଂଟୋ ଓ ଶ୍ରୀ ଗୌତମ ଆଦାନୀଙ୍କ ଏକ ପତ୍ର ପ୍ରଦାନ କରାଯାଇଥିଲା। ଏହି ଅଭିଯାନ ପାଇଁ ପ୍ରତିଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ଅଂଶଗ୍ରହଣ ଉତ୍ସାହିତ କରିବା ପାଇଁ ଏକ ଜାତୀୟ ଉଦ୍ୟମର ଏକ ଅଂଶ ହେଉଛି ଏହି କାର୍ଯ୍ୟକ୍ରମ ଯାହା ପ୍ରତିଟି ଅଞ୍ଚଳର ପ୍ରତିଭାବାନ ନବସୃଜନକାରୀମାନଙ୍କୁ ଏହି ସୁଯୋଗ ସମ୍ପର୍କରେ ଅବଗତ କରିବ। ଏହି ବୈଠକଗୁଡ଼ିକରେ ନବସୃଜନ, ଉଦ୍ୟମିତା ଓ ଯୁବ ପ୍ରତିଭାମାନଙ୍କୁ ଉତ୍ସାହିତ କରିବା ଉପରେ କେନ୍ଦ୍ରୀତ ଥିଲା ଏବଂ ମେଣ୍ଟରସିପ୍, ଶିଳ୍ପ ସମ୍ପର୍କ ଓ ନିଜ ଚିନ୍ତାଧାରା (ଆଇଡିଆ)କୁ ଏକ ଷ୍ଟାର୍ଟଅପ୍‌ରେ ପରିଣତ କରିବା ପାଇଁ ଏକ ଜାତୀୟ ମାଧ୍ୟମ ହାସଲ କରିବାରେ ବନ୍ଦେ ଭାରତମ୍ କିଭଳି ଯୁବ ନବସୃଜନକାରୀମାନଙ୍କ ପାଇଁ ସହାୟକ ହୋଇପାରିବ ତାହା ଉପରେ ଆଲୋଚନା ହୋଇଥିଲା। ସ୍ଥାନୀୟ ନବସୃଜନ ପରିସଂସ୍ଥାକୁ ଏକ ନୂଆ ଗତି ପ୍ରଦାନ କରିବା ପାଇଁ ଏହି ଅଭିଯାନ ଓ ତାହାର ସମ୍ଭାବନାକୁ ବିଭିନ୍ନ ରାଜ୍ୟର ଲିଡରମାନେ ସ୍ୱାଗତ କରିଥିଲେ। ଭାରତ ବିଶ୍ୱର ସର୍ବବୃହତ୍ ଷ୍ଟାର୍ଟଅପ ପରିସଂସ୍ଥା ମଧ୍ୟରେ ରହିଥିଲେ ମଧ୍ୟ ୮୦ ପ୍ରତିଶତ ଷ୍ଟାର୍ଟଅପ୍ ପ୍ରତିଷ୍ଠାତା ପାଞ୍ଚଟି ପ୍ରମୁଖ ସହରରୁ ଆସୁଛନ୍ତି, ଫଳରେ ସାରା ଭାରତର ୮୦୦ରୁ ଅଧିକ ଜିଲ୍ଲାର ପ୍ରତିଭାବାନ ନବସୃଜନକାରୀମାନେ ଅଣଦେଖା ହୋଇରହିଯାଉଛନ୍ତି। ସେହି ଉଲ୍ଲେଖନୀୟ ଅନ୍ତରକୁ ଦୂର କରିବା ପାଇଁ ୨୦୨୬ ଜୁନ୍ ୨୫ରେ ଶୁଭାରମ୍ଭ କରାଯାଇଥିବା ବନ୍ଦେ ଭାରତମ୍‌କୁ ପରିକଳ୍ପନା କରାଯାଇଛି। ସମସ୍ତ ବୟସ ଓ ପୃଷ୍ଠଭୂମିର ନବସୃଜନକାରୀମାନଙ୍କ ପାଇଁ ଏହି ଅଭିଯାନ ଖୋଲା ରହିଛି ଯେଉଁଥିରେ ଷ୍ଟାର୍ଟଅପ୍ ପଞ୍ଜୀକୃତ ହୋଇଥିବା ଦରକାର ନାହିଁ, କେବଳ କିଛି ନୂଆ ଗଢ଼ିବା ପାଇଁ ଏକ ଚିନ୍ତାଧାରା ଓ ସଂକଳ୍ପ ରହିଥିବା ଦରକାର। ବହୁ ସ୍ତରୀୟ ପ୍ରକ୍ରିୟା ମାଧ୍ୟମରେ ଚୟନ କରାଯିବାକୁ ଥିବା ୭୫ ଜଣ ଫାଇନାଲିଷ୍ଟଙ୍କୁ ମେଂଟରସିପ କାର୍ଯ୍ୟକ୍ରମରେ ଯୋଗଦେବା, ନିବେଶକମାନଙ୍କ ସହ ଯୋଡ଼ି ହେବା ଓ ସ୍ୱାଧୀନତା ଦିବସରେ ଅନୁଷ୍ଠିତ ହେବାକୁ ଥିବା ଗ୍ରାଣ୍ଡ ଫିନାଲେ ପାଇଁ ଆମନ୍ତ୍ରଣ କରାଯିବ। ଆଦାନି ଗ୍ରୁପ୍‌ର ମୁଖ୍ୟ ଶ୍ରୀ ଗୌତମ ଆଦାନୀ କହିଛନ୍ତି ଯେ, "ବନ୍ଦେ ଭାରତମ୍‌କୁ ନେଇ ମିଳିଥିବା ପ୍ରତିକ୍ରିୟା ମୋତେ ଗଭୀର ଭାବେ ପ୍ରଭାବିତ କରିଛି। ଆବେଦନ ୨୫,୦୦୦ ଅତିକ୍ରମ କରିବା ଏକ ଛୋଟିଆ ସଂଖ୍ୟା ନୁହେଁ, ଭାରତର ପ୍ରତିଟି କୋଣ ଅନୁକୋଣରେ ଓ ବାହାରେ ସଠିକ୍ ମଂଚ ପାଇଁ ଅପେକ୍ଷା କରିଥିବା ଅତୁଳନୀୟ ପ୍ରତିଭା ଓ ଆକାଂକ୍ଷାର ଏହା ହେଉଛି ପ୍ରମାଣ। ସାରା ଦେଶର ମୁଖ୍ୟମନ୍ତ୍ରୀମାନଙ୍କଠାରୁ ମିଳିଥିବା ପ୍ରତିକ୍ରିୟାରୁ ଏହା ଦୋହରାଉଛି ଯେ ଯେତେବେଳେ ସରକାର ଓ ଶିଳ୍ପ ଏକତ୍ରୀତ ହୁଅନ୍ତି, ଆମେ ପ୍ରତି ଯୁବ ନବସୃଜନକାରୀମାନଙ୍କ ପାଇଁ ସମ୍ଭାବନା ଉଜାଗର କରିପାରିବା, ସେମାନେ ଯେଉଁଠାରୁ ଆସିଥାଆନ୍ତୁ ନା କାହିଁକି।'' ଶୁଭାରମ୍ଭ ହେବା ପରଠାରୁ ବନ୍ଦେ ଭାରତମ ଜବରଦସ୍ତ ପ୍ରତିକ୍ରିୟା ହାସଲ କରିଛି ଏବଂ ବିଭିନ୍ନ କ୍ଷେତ୍ର, ବର୍ଗ, ଦେଶ, ରାଜ୍ୟ ଓ ସାମାଜିକ କ୍ଷେତ୍ରରୁ ମିଳିଥିବା ଆବେଦନ ସଂଖ୍ୟା ୨୫,୦୦୦ ଅତିକ୍ରମ କରିବା ସହ ଜାରି ରହିଛି। ଏହି କାର୍ଯ୍ୟକ୍ରମ ଜରିଆରେ ସାମନାକୁ ଆସିଥିବା ଉଲ୍ଲେଖନୀୟ ପ୍ରତିକ୍ରିୟା ଓ ଗୁଣାତ୍ମକ ଉଦୀୟମମାନ ପ୍ରତିଭାଙ୍କୁ ଦୃଷ୍ଟିରେ ରଖି କାର୍ଯ୍ୟକ୍ରମର ଶେଷ ତାରିଖକୁ ୨୦୨୬ ଜୁନ୍ ୩୦ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ।

# ବାଙ୍କି ପ୍ରଗତି ପରିଷଦର ବୃକ୍ଷରୋପଣ କାର୍ଯ୍ୟକ୍ରମ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବାଙ୍କି ପ୍ରଗତି ପରିଷଦର ଆନୁକୂଲ୍ୟରେ ଡମପଡ଼ା ବନଖଣ୍ଡ ରେଞ୍ଜର ସହାୟତାରେ ୭୭ତମ ବନ ମହୋତ୍ସବ ପାଳନ ଉପଲକ୍ଷେ ବୃକ୍ଷରୋପଣ କାର୍ଯ୍ୟକ୍ରମ ପାଇଁ ଏକ ସଭା ବାଙ୍କି ଡମପଡ଼ା ନିକଟସ୍ଥ ଇନ୍ଦିରା ପ୍ରିୟଦର୍ଶିନୀ ହରିଜନ ଆଦିବାସୀ ଉଚ୍ଚ ବିଦ୍ୟାଳୟ, ସାମନ୍ତରାପୁରରେ ପରିଷଦର ସଭାପତି ନୀଳମୋହନ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବାଙ୍କି ଆରକ୍ଷୀ ଉପଖଣ୍ଡର ଅଧିକାରୀ ବାଳକୃଷ୍ଣ କଅଁର ମୁଖ୍ୟ ଅତିଥି, ବାଙ୍କି ଥାନାଧିକାରୀ ଆରକ୍ଷୀ ନିରୀକ୍ଷକ ଦିଲ୍ଲୀପ କୁମାର ଭୂୟାଁ, ଡମପଡ଼ା ବନାଞ୍ଚଳ ରେଞ୍ଜର ନିରଞ୍ଜନ ମହାପାତ୍ର, ବାଙ୍କି ପ୍ରଗତି ପରିଷଦର ସାଧାରଣ ସମ୍ପାଦକ ନିମେଇଁ ଚରଣ ଦାସ, ଉପସଭାପତି ଚୌଧୁରୀ ସରୋଜ କୁମାର ମହାପାତ୍ର, କାର୍ଯ୍ୟକାରୀ ସଦସ୍ୟ ପଦ୍ମଚରଣ




ସାହୁ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପବିତ୍ର ମୋହନ ଷଡ଼ଙ୍ଗୀ ଅତିଥି ଭାବେ ଯୋଗଦାନ କରି, ମା' ପାଇଁ ଗଛଟିଏ, ବୃକ୍ଷରୋପଣର ଉପକାରିତା, ପ୍ରକୃତି ଓ ପରିବେଶର ସୁରକ୍ଷା ଉପରେ ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ ଓ ଜନସାଧାରଣଙ୍କୁ ଦିଗ୍‌ଦର୍ଶନ ଦେଇ, ବୃକ୍ଷରୋପଣ ପରେ ତାହାର ଯତ୍ନ ନେଇ ବଞ୍ଚେଇ ରଖିବାକୁ ପରାମର୍ଶ ଦେଇ ଅତିଥିମାନେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରିଥିଲେ। ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀ ଷଡ଼ଙ୍ଗୀ ସମସ୍ତ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ବହୁ କାର୍ଯ୍ୟବ୍ୟସ୍ତତା ହେତୁ ଯୋଗଦାନ କରି ନ ପାରି ଏହାର ସଫଳତା କାମନା କରିଥିଲେ ବୋଲି ସଭାପତି ଶ୍ରୀ ତ୍ରିପାଠୀ ପ୍ରକାଶ କରି ସମସ୍ତ ଅତିଥି, ଛାତ୍ର ଛାତ୍ରୀ, ଶିକ୍ଷକ ଓ ଶିକ୍ଷୟିତ୍ରୀ, ସ୍ଥାନୀୟ ବନ ବିଭାଗ କର୍ମଚାରୀ ଓ ଜନସାଧାରଣଙ୍କୁ ଧନ୍ୟବାଦ କରିଥିଲେ।

ଭୁବନେଶ୍ୱର, ୨୮ ଜୁଲାଇ, ମଙ୍ଗଳବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ବାଲୁକା କଳାରେ ନୀଳାଦ୍ରି ବିଜେ ଓ ରସଗୋଲା ଦିବସର ଶୁଭେଚ୍ଛା ବାର୍ତ୍ତା ଦେଲେ ସୁଦର୍ଶନ

**ପୁରୀ, ୨୭/୦୭ ନ୍ୟୁଜ ବ୍ୟୁରୋ**

ମହାପ୍ରଭୁଙ୍କ ନୀଳାଦ୍ରି ବିଜେ ଅବସରରେ ପାଳିତ ହୋଇଛି ରସଗୋଲା ଦିବସ । ଏହା ପୂର୍ବରୁ ପୁରୀ ବେଳାଭୂମିରେ ଅନ୍ତର୍ଜାତିକ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ୭ ଫୁଟ ଉଚ୍ଚତାର ଏକ ବାଲୁକା କଳାକୃତି ନିର୍ମାଣ କରି ରସଗୋଲା ଦିବସର ଶୁଭେଚ୍ଛା ବାର୍ତ୍ତା ଦେଇଛନ୍ତି । ନୀଳାଦ୍ରି ବିଜେ ଦିନ ମହାପ୍ରଭୁ ଶ୍ରୀମନ୍ଦିରକୁ ଫେରି ମା'ଲକ୍ଷ୍ମୀଙ୍କ ମାନଭଞ୍ଜନ କରିବା ପାଇଁ ତାଙ୍କୁ ରସଗୋଲା ଅର୍ପଣ କରିଛନ୍ତି ।

ବାଲୁକା କଳାରେ ମହାପ୍ରଭୁ ରଥଯାତ୍ରାରୁ ଫେରିବା ପରେ ମା' ଲକ୍ଷ୍ମୀଙ୍କୁ ରସଗୋଲା ଅର୍ପଣ କରୁଥିବା ଦୃଶ୍ୟକୁ ଜୀବନ୍ତ ଭାବେ ଉପସ୍ଥାପନ କରାଯାଇଛି । ସୁଦର୍ଶନ ସ୍ୟାଣ୍ଡ ଆର୍ଟ ଇନଷ୍ଟିଚ୍ୟୁଟର ଛାତ୍ରଛାତ୍ରୀଙ୍କ ସହଯୋଗରେ ଏହି କଳାକୃତି ନିର୍ମାଣ କରାଯାଇଛି । ଏହି ଅବସରରେ ସୁଦର୍ଶନ କହିଛନ୍ତି, ରସଗୋଲା ଦିବସ ହେଉଛି ଓଡ଼ିଶାର ଗୌରବମୟ ଜଗନ୍ନାଥ ସଂସ୍କୃତି, ପ୍ରେମ, ଏକତା ଓ କ୍ଷମା ବାର୍ତ୍ତାର ଉତ୍ସବ । ମାନଭଞ୍ଜନ ପରମ୍ପରା ଆମକୁ ସହାନୁଭୂତି ଓ ସମନ୍ୱୟର ମହତ୍ତ୍ୱ ଶିଖାଇଥାଏ ।




# ଆଜି ମିଳିବ ବଡ଼ଦେଉଳରେ ନୀଳାଚଳ ଅବଢ଼ା

**ପୁରୀ, ୨୭/୦୭ ନ୍ୟୁଜ ବ୍ୟୁରୋ**

ସୋମବାର ନୀଳାଦ୍ରୀ ବିଜେ ହୋଇଛନ୍ତି ଶ୍ରୀଜୀଉ । ୨୭ ଦିନ ଶୂନ୍ୟ ପଡ଼ିଥିବା ଶ୍ରୀମନ୍ଦିର ରତ୍ନବେଦିକୁ ଫେରିଛନ୍ତି ନୀଳାଦ୍ରିନାଥ । ସ୍ନାନପୂର୍ଣ୍ଣିମୀ ପରଠାରୁ ଶ୍ରୀମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଅନ୍ନପ୍ରସାଦ ଭୋଗ ଲାଗି ନଥିଲା । ନୀଳାଦ୍ରି ବିଜେ ପରଦିନଠାରୁ ବଡ଼ଦେଉଳରେ ଶ୍ରୀବିଗ୍ରହଙ୍କୁ ଅନ୍ନପ୍ରସାଦ ଭୋଗ କରାଯିବ । ପ୍ରଥମ ଦିନର ଅନ୍ନମହାପ୍ରସାଦ ନୀଳାଚଳ ଅବଢ଼ା ନାମରେ ଖ୍ୟାତ । ସୋମବାର ରାତିରେ ଠାକୁରେ ରତ୍ନବେଦିରେ ବିଜେ ହୋଇଛନ୍ତି । ପରେ ମଙ୍ଗଳବାର ଭକ୍ତଙ୍କୁ ମିଳିବ ନୀଳାଚଳ ଅବଢ଼ା । ଯାହାକି ପ୍ରତ୍ୟେକ ଜଗନ୍ନାଥପ୍ରେମୀଙ୍କ କାମ୍ୟ । ଭକ୍ତପାଇଁ ସେହି ଦିନଟି ହେଉଛି ପରମଆନନ୍ଦମୟ । ଏହି ନୀଳାଚଳ ଅବଢ଼ାରୁ କଣିକାଏ ପାଇବାକୁ ଭକ୍ତ ପ୍ରବଳ ଉତ୍କଣ୍ଠାର ସହ ଚାହିଁ ବସିଥାଏ ।



## ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିର ୧୯ତମ ପାଳି

# ଜିଲ୍ଲାସ୍ତରରେ ୮୯ ପ୍ରତିଶତ ଅଭିଯୋଗର ସମାଧାନ

**ଭୁବନେଶ୍ୱର, ୨୭/୦୭ ନ୍ୟୁଜ ବ୍ୟୁରୋ**

ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ୧୯ତମ ପାଳିରେ ସୋମବାର ସକାଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ୟୁନିଟ-୨ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ପହଂଚି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସହିତ ମନ୍ତ୍ରୀ ମଣ୍ଡଳର ୬ଜଣ ବରିଷ୍ଠ ମନ୍ତ୍ରୀ ମଧ୍ୟ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପ୍ରତିଟି ଅଭିଯୋଗର ସ୍ଥିତି ଉପରେ ନିୟମିତ ନଜର ରଖାଯାଉଛି । ରାଜ୍ୟସ୍ତର ଠାରୁ ଆରମ୍ଭ କରି ଜିଲ୍ଲାସ୍ତର ପର୍ଯ୍ୟନ୍ତ ଅଭିଯୋଗ ଶୁଣାଣି ବ୍ୟବସ୍ଥାର ତଦାରଖ କରାଯାଉଛି । ତେଣୁ, ସମାଧାନର ହାର ବୃଦ୍ଧି ପାଉଛି । ଏହାଦ୍ୱାରା ଏହି ବ୍ୟବସ୍ଥା ଉପରେ ସାଧାରଣ ଲୋକଙ୍କ ଭରସା ବୃଦ୍ଧି ପାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସୂଚନାଯୋଗ୍ୟ ଯେ, ପୂର୍ବରୁ ରାଜ୍ୟସ୍ତରରେ ଅନୁଷ୍ଠିତ ୧୮ଟି ପାଳିରେ ଅଭିଯୋଗ ପ୍ରକୋଷ୍ଠକୁ ଆସିଥିବା ୧୪,୯୪୧ ଅଭିଯୋଗ ମଧ୍ୟରୁ ୧୪,୩୩୧ ଅର୍ଥାତ ୯୬ ପ୍ରତିଶତ ଅଭିଯୋଗର ସଫଳ ସମାଧାନ କରାଯାଇସାରିଛି । ଏଥି ସହିତ ଜିଲ୍ଲାସ୍ତରରେ ଜିଲ୍ଲାପାଳ ଓ ଏସ୍.ପି ମାନେ ନିୟମିତ ଭାବେ ଲୋକଙ୍କ ଆପତି ଅଭିଯୋଗ ଶୁଣୁଥିବା ବେଳେ ତହସିଲ ଓ ବ୍ଲକ ସ୍ତରରେ ମଧ୍ୟ ଅଭିଯୋଗ ଶୁଣାଣି ନିୟମିତ ରୂପେ ଚାଲିଛି । ଜିଲ୍ଲାସ୍ତରରେ ଜୁନ୍ ମାସ ଶେଷ ସୁଦ୍ଧା ୨,୫୯,୨୧୩ ଅଭିଯୋଗ ଶୁଣାଣି ହୋଇ ୮୯ ପ୍ରତିଶତ ଅଭିଯୋଗର ସମାଧାନ ହୋଇଛି । ଏହା ଦ୍ୱାରା ସାଧାରଣ ଲୋକମାନେ ସେମାନଙ୍କ ଆପତି ଅଭିଯୋଗ ଶୁଣାଣି ପାଇଁ ଆଉ ପୂର୍ବ ଭଳି ବିଶେଷ ହଇରାଣ ହରକତ ହେଉନାହାନ୍ତି । ପ୍ରଶାସନିକ ବ୍ୟବସ୍ଥାରେ ଏହି ପରିବର୍ତ୍ତନ ସାଧାରଣ ଲୋକଙ୍କ ଭିତରେ ଏକ ବଡ ପ୍ରଭାବ ପକାଇଛି ଓ ସରକାରଙ୍କ ଉପରେ ସାଧାରଣ ଲୋକଙ୍କ ଆସ୍ଥା ବୃଦ୍ଧି ପାଇଛି । ସବୁଥର ପରି ସୋମବାର ମୁଖ୍ୟମନ୍ତ୍ରୀ ସକାଳେ ପ୍ରଥମେ ଆସି ବାହାରେ ଅପେକ୍ଷା କରିଥିବା ଦିବ୍ୟାଙ୍ଗ ଓ ଦୂରାରୋଗ୍ୟରେ ପୀଡ଼ିତ ଲୋକମାନଙ୍କୁ ଭେଟି ସେମାନଙ୍କ ସମସ୍ୟା ଶୁଣିଥିଲେ । ସେମାନଙ୍କ ଅଭିଯୋଗ ପତ୍ର ଗ୍ରହଣ କରି ତୁରନ୍ତ ପଦକ୍ଷେପ ନେବା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହା ପରେ ପ୍ରକୋଷ୍ଠ ଭିତରେ ପଞ୍ଜିକୃତ କରିଥିବା ଅଭିଯୋଗକାରୀ ମାନଙ୍କ ଅଭିଯୋଗ ଶୁଣିଥିଲେ । ବିଭିନ୍ନ ଦୁରାରୋଗ୍ୟ ରୋଗରେ ପୀଡ଼ିତ ପ୍ରାୟ ୧୨ ଜଣଙ୍କ ପାଇଁ ଆଜି ମୁଖ୍ୟମନ୍ତ୍ରୀ ସିଙ୍ଗିଲ୍ ୱିଣ୍ଡୋ ସିଷ୍ଟମ ଜରିଆରେ ୬.୧୫ ଲକ୍ଷ ଟଙ୍କା ଚିକିତ୍ସା ସହାୟତା ରାଶି ମଞ୍ଜୁର କରିଛନ୍ତି । ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନ ଜରିଆରେ ୭୦୦ରୁ ଉର୍ଦ୍ଧ୍ୱ ଅଭିଯୋଗ ପତ୍ର ଗ୍ରହଣ କରାଯାଇଛି । ଗଣମାଧ୍ୟମ ଆଗରେ ବିବୃତି ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମ ସରକାର ପ୍ରଥମରୁ ହିଁ ସାଧାରଣ ଲୋକଙ୍କ ସହିତ ଯୋଡି ହୋଇରହିଛି । ସାଧାରଣ ଲୋକଙ୍କ ସମସ୍ୟା ପ୍ରତି ଆମେ ସର୍ବାଧିକ ଗୁରୁତ୍ୱ ଦେଇ କାମ କରୁଛୁ । ଆମ ସରକାର ପ୍ରକୃତ ଅର୍ଥରେ ହେଉଛି ସାଧାରଣ ଲୋକଙ୍କ ସରକାର ବୋଲି ସେ ଉଲ୍ଲେଖ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ, ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ । ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ଏବଂ ଅନ୍ୟ ବିଭାଗ ଗୁଡ଼ିକର ସଚିବ ସ୍ତରୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ ।



# କିଟ୍ ଓ କିସ୍ ପକ୍ଷରୁ ଜ୍ୟୋତିର୍ମୟୀଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା

## ୫ଲକ୍ଷ ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ

**ଭୁବନେଶ୍ୱର, ୨୭।୭ ନ୍ୟୁଜ ବ୍ୟୁରୋ**

ଇଣ୍ଡିଆନ୍ ଆଇଡଲ୍ ସିଜନ୍-୧୬ ଜିତି ଇତିହାସ ରଚିଥିବା ଓଡ଼ିଆ ଝିଅ ତଥା କିଟ୍ ଛାତ୍ରୀ ଜ୍ୟୋତିର୍ମୟୀ ନାୟକଙ୍କୁ ସୋମବାର କିଟ୍ ଓ କିସ୍ ପକ୍ଷରୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯାଇଛି । ସୋମବାର ସକାଳେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ତାଙ୍କୁ ସ୍ୱାଗତ କରାଯିବା ସହ ବିରାଟ ପଟୁଆରରେ କିଟ୍ କ୍ୟାମ୍ପସ୍ ପର୍ଯ୍ୟନ୍ତ ଅଣାଯାଇଥିଲା । ସେ କିଟ୍‌ର ସମସ୍ତ କ୍ୟାମ୍ପସ ଓ କିସ୍ ପରିଦର୍ଶନ କରିଥିଲେ । ପରେ ତାଙ୍କୁ କିଟ୍‌ରେ ବହୁ ଗଣ୍ୟମାନ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ସମ୍ବର୍ଦ୍ଧିତ କରାଯାଇଥିଲା । ଜ୍ୟୋତିର୍ମୟୀଙ୍କ ବାପା ଚକ୍ରଧର ନାୟକ, ମାଆ ଗୌରୀ ନାୟକ, ବିଶିଷ୍ଟ ଓଲିଉଡ୍ ତାରକା ବୁଦ୍ଧାଦିତ୍ୟ ମହାନ୍ତି, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତିଙ୍କ ଉପସ୍ଥିତିରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ଡ. ସାମନ୍ତ କିଟ୍ ଛାତ୍ରୀ ଜ୍ୟୋତିର୍ମୟୀଙ୍କ ସଫଳତା ପାଇଁ ତାଙ୍କୁ ୫ ଲକ୍ଷ ଟଙ୍କା ପ୍ରୋତ୍ସାହନ ରାଶି ପୁରସ୍କାର ସ୍ୱରୁପ ପ୍ରଦାନ କରିଥିଲେ । ଡ. ସାମନ୍ତ କହିଲେ, ଓଡ଼ିଶା ତଥା କିଟ୍ ଓ କିସ୍‌ର ଗର୍ବ ଜ୍ୟୋତିର୍ମୟୀ ନାୟକଙ୍କୁ ଇଣ୍ଡିଆନ୍ ଆଇଡଲ୍ ସିଜନ୍-୧୬ର ବିଜେତା ହେବା ନିଶ୍ଚିତ ଭାବେ ଆମ ସମସ୍ତଙ୍କ ପାଇଁ ଆନନ୍ଦର ବିଷୟ । ପ୍ରଥମ ଓଡ଼ିଆ ଭାବେ ଏହି ପ୍ରତିଯୋଗିତା ଜିତି ସେ ଇତିହାସ ସୃଷ୍ଟି କରିଛନ୍ତି । ଏହା ସମଗ୍ର କିଟ୍, କିସ୍ ଓ କିମ୍ସ ପରିବାର ପାଇଁ ଅତ୍ୟନ୍ତ ଗୌରବର ବିଷୟ ।' ଅପରପକ୍ଷରେ ଜ୍ୟୋତିର୍ମୟୀ କିଟ୍ ଓ କିସ୍ ପରିବାର ବିଶେଷ କରି ଡ. ଅଚ୍ୟୁତ ସାମନ୍ତ, ତାଙ୍କ ଶିକ୍ଷକ, ପିତାମାତା ଓ ବନ୍ଧୁମାନଙ୍କ ଅକୁଣ୍ଠ ସମର୍ଥନ ଏବଂ ଉତ୍ସାହ ପାଇଁ କୃତଜ୍ଞତା ଜଣାଇଥିଲେ । ସେ କହିଲେ, କିଟ୍ ଓ କିସ୍‌ରେ ସମସ୍ତଙ୍କଠାରୁ ପାଇଥିବା ସ୍ନେହ ତାଙ୍କୁ ସବୁବେଳେ ଆତ୍ମବିଶ୍ୱାସ ଏବଂ ଦୃଢ଼ତାର ସହିତ ତାଙ୍କ ସ୍ୱପ୍ନକୁ ପୂରଣ କରିବାକୁ ପ୍ରେରଣା ଦେଇଛି । ଏହି ଅବସରରେ ସେ ଉପସ୍ଥିତ ଛାତ୍ରଛାତ୍ରୀଙ୍କ ପାଇଁ ସୁମଧୁର ସଂଗୀତ ପରିବେଷଣ କରିଥିଲେ । ସୂଚନାଯୋଗ୍ୟ, ଦୀର୍ଘ ୧୦ ମାସ ଧରି ଚାଲିଥିବା 'ୟାଦୋଁ କି ପ୍ଲେଲିଷ୍ଟ' ଥିମର ଏହି ସିଜନରେ ଜ୍ୟୋତିର୍ମୟୀ ନିଜର ଅସାଧାରଣ ସଙ୍ଗୀତ ପ୍ରତିଭା, ପରିଶ୍ରମ ଓ ନିଷ୍ଠାର ପରିଚୟ ଦେଇ ଗ୍ରାଣ୍ଡ ଫିନାଲେରେ ବିଜୟୀ ହୋଇଥିଲେ ।




